# ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 284 | ଭାଗ ୩୨ | ସଂଖ୍ୟା୨୮୪ | Bhubaneswar | Tuesday 7 January 2025 | Page 8 Rs. 4.00 | ଭୁବନେଶ୍ୱର ମଙ୍ଗଳବାର ୭ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଗାଭାସ୍କର ଖପ୍ପା ପୃଷ୍ଠା ୬

## ପହଞ୍ଚିଲେ ଜୟଶଙ୍କର



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର। ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସ୍ୱାଗତ କରିଥିଲେ। ଭୁବନେଶ୍ୱରରେ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି କେନ୍ଦ୍ରମନ୍ତ୍ରୀ। ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ସେ ସିଧାସଳଖ କୋଣାର୍କ ଗସ୍ତ କରିଛନ୍ତି। ଆଜି ସେ କୋଣାର୍କ ଇକୋରିଟ୍ରିଟରେ ରାତ୍ରିଯାପନ କରି ଆସନ୍ତାକାଲି ସକାଳେ କୋଣାର୍କ ସୂର୍ଯ୍ୟ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା କେନ୍ଦ୍ରୀ ମନ୍ତ୍ରୀ ପୁରୀରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ମଧ୍ୟ କରିବେ। ଏହାପରେ ସେ ପୁରୀରୁ ଆସି ଧଉଳି ଶାନ୍ତିସ୍ତୂପ ବୁଲି ଭୁବନେଶ୍ୱରରେ ପ୍ରତ୍ୟାବର୍ତ୍ତନ କରିବେ। ଏଠାରେ ପହଞ୍ଚିବା ପରେ ଜୟଶଙ୍କର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ଯେ ଓଡ଼ିଶାରେ ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ରାଜ୍ୟ ସରକାର ଭବ୍ୟ ଆୟୋଜନ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ଆଲୋଚନା କରିଛି। ଏହି ସମ୍ମିଳନୀ ଅତି ସୁନ୍ଦର ହେବ ବୋଲି ସେ ଆଶା କରୁଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

# ଓଡ଼ିଶା ରେଳ ଭିତ୍ତିଭୂମିରେ ନୂଆ ଅଧ୍ୟାୟ

## ରାୟଗଡ଼ା ଡିଭିଜନ ପାଇଁ ଭିତ୍ତିପ୍ରସ୍ତର ଦେଲେ ପ୍ରଧାନମନ୍ତ୍ରୀ

**ରାୟଗଡ଼ା,୬।୧(ସଂଚାର ବ୍ୟୁରୋ) :** ସଂଯୋଗୀକରଣ ବୃଦ୍ଧି ତଥା ସାମାଜିକ ଓ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକାଧିକ ପ୍ରମୁଖ ରେଳ ପ୍ରକଳ୍ପର ଶୁଭାରମ୍ଭ କରିଥିବାବେଳେ କେତେକର ଶିଳାନ୍ୟାସ କରିଛନ୍ତି। ଏହି ପଦକ୍ଷେପଗୁଡ଼ିକ ବିଭିନ୍ନ ଅଞ୍ଚଳରେ ବିଶେଷ ଭାବେ ଓଡ଼ିଶା, ଜାମ୍ମୁ କାଶ୍ମୀର ଏବଂ ତେଲେଙ୍ଗାନାରେ ରେଳ ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ଭିତ୍ତିପ୍ରସ୍ତର ସ୍ଥାପନ-ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପୂର୍ବତଟ ରେଳପଥର ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପର ନିର୍ମାଣ ପାଇଁ ଆନୁମାନିକ ୧୦୭ କୋଟି ଟଙ୍କା ମଞ୍ଜୁର କରାଯାଇଛି ଯାହା ଓଡ଼ିଶା, ଆନ୍ଧ୍ରପ୍ରଦେଶ



ଏବଂ ଜମ୍ମୁକାଶ୍ମୀର ସହ ଏହାର ଆଖପାଖ ଅଞ୍ଚଳରେ ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ନିର୍ମାଣ କାର୍ଯ୍ୟ ନୂତନ ରେଳମଣ୍ଡଳ କାର୍ଯ୍ୟାଳୟ ଭବନ ସହ ବିଭାଗୀୟ ନିୟନ୍ତ୍ରଣ କାର୍ଯ୍ୟାଳୟ, ଅଧିକାରୀ ଏବଂ କର୍ମଚାରୀଙ୍କ ରହିବା ପାଇଁ ଆଧୁନିକ ଆବାସ ସୁବିଧା ଯୋଗାଇବ। ରାୟଗଡା ➾ପୃଷ୍ଠା-୬

### ନିବେଶକଙ୍କୁ ଆକୃଷ୍ଟ କରିବ:ମୋହନ

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ରାୟଗଡ଼ା ରେଳ ମଣ୍ଡଳର ଶିଳାନ୍ୟାସ ହୋଇଥିବା ବେଳେ ଏହାଦ୍ୱାରା ରାୟଗଡ଼ା ଜିଲ୍ଲା ଓ ସାରା ଦକ୍ଷିଣ ଓଡ଼ିଶାର ରେଳ ଭିତ୍ତିଭୂମିର ଉନ୍ନତି ହେବା ସହ ଏ ଅଞ୍ଚଳରେ ବିକାଶର ଗତି ତ୍ୱରାନ୍ୱିତ ହେବ। ରେଳ ଯୋଗାଯୋଗ ବୃଦ୍ଧି ସହ ନିଯୁକ୍ତି ଓ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହେବ ଏବଂ ଏହା ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜି ନିବେଶକମାନଙ୍କୁ ଆକୃଷ୍ଟ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ୧୦୭ କୋଟି ଟଙ୍କା ➾ପୃଷ୍ଠା-୬

## ହିସାବ ଦେଲାନି ଏସଟିଏଫ୍



**ଭୁବନେଶ୍ୱର,୬।୧ (ସଂଚାର ବ୍ୟୁରୋ):** ନିଶା କାରବାର, ଲଘୁ ଖଣିଜ ଲୁଟ, ବନ୍ୟଜନ୍ତୁ ଅପରାଧ ରୋକିବା ପାଇଁ ବର୍ଷ ତମାମ କାମକରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ ବା ଏସଟିଏଫ । ଓଡ଼ିଶା ପୋଲିସ , ବନ ବିଭାଗ , କମିଶନରେଟ ପୋଲିସ ଫେଲ ମାରୁଥିବା ସ୍ଥାନରେ ଆଖିଦୃଶିଆ କାମ କରେ ଏସଟିଏଫ । ନିକଟରେ ଘଟିଥିବା ପାଣିକୋଇଲି ର ଲୁଟ ଓ ଗୁଳିମାଡ଼ ଘଟଣାରେ ମଧ୍ୟ ତଦନ୍ତ କରୁଛି ଏହି ତଦନ୍ତକାରୀ ସଂସ୍ଥା । କିନ୍ତୁ ବିଭାଗରେ ତାଳମେଳ ଅଭାବରୁ ଏବର୍ଷ କିଛି ତ୍ରୁଟି ସାମ୍ନାକୁ ଆସିଛି । ବିଗତ ବର୍ଷ ମାନଙ୍କ ମଧ୍ୟରେ ପ୍ରଥମ କରି ଚଳିତ ବର୍ଷ ବାର୍ଷିକ ଅପରାଧ ତାଲିକା ➾ପୃଷ୍ଠା-୬

## ୫ ମେଗା ପ୍ରକଳ୍ପକୁ ମଂଜୁରି



- ୪୪ହଜାର କୋଟିର ପୁଂଜିନିବେଶ ଲକ୍ଷ୍ୟ
- ସୃଷ୍ଟି ହେବ ୨୩ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର,୬।୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ଜୋର ଧରିଥିବା ବେଳେ ଆଜି ଆଉ ୪୪ ହଜାର ୭୯୩ କୋଟି ଟଙ୍କାର ପ୍ରକଳ୍ପକୁ ମିଳିଛି ଉଚ୍ଚ କ୍ଷମତା ସମ୍ପନ୍ନ କ୍ଲିଅରାନ୍ସ ଅଥୋରିଟି ବୈଠକର ମଂଜୁରି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୫ଟି ମେଗା ପ୍ରକଳ୍ପକୁ ମଂଜୁରି ମିଳିଥିବା ବେଳେ ଏହାଦ୍ୱାରା ୨୩ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପେଟ୍ରୋକେମିକାଲ ଓ ରିଫାଇନାରୀ, ସବୁଜ ଶକ୍ତି, ବାୟୋଟେକ୍ନୋଲୋଜି, ଇସ୍ପାତ ଓ ରାସାୟନ ଭିତ୍ତିକ ଏହିସବୁ ଶିଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଅର୍ଥନୀତି ନୂଆ ଦିଶା ନେବ ବୋଲି ଆକଳନ ➾ପୃଷ୍ଠା-୬

# ଡଙ୍କାରୀ ଲୁଟେରାଙ୍କୁ କିଏ ଦେଉଛି ସୁରକ୍ଷା ?

- ୯୦ କୋଟି ଜରିମାନା ଫାଙ୍କିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଫିକ୍ସିଂ
- ଖଣି ବିଭାଗ ଚୁପ : ବିଜେଡି ଗେହ୍ଲାପୁଅଙ୍କ ସୁରକ୍ଷାରେ ଅଫିସର



**ଯାଜପୁର,୬।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡରେ ୩ ଶ୍ରମିକ ମୃତ୍ୟ ପରେ ହୋଇଥିବା ପରିବେଶଗତ କ୍ଷତି ଆକଳନରେ ବଡ ଧରଣର ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି । ୯୦ କୋଟି ଟଙ୍କାର ପରିବେଶଗତ କ୍ଷତିକୁ ଚାପି ଦେଇ ମାତ୍ର ୩ କୋଟି ୫୭ ଲକ୍ଷ ୩ ହଜାର ୯୩ ଟଙ୍କା ଜରିମାନା କରାଯାଇଛି। ଏଥିନେଇ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ପରେ ବି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ଫାଇଲକୁ ଚାପି ଦେଇଛି। ବିଜେଡି ସରକାରର ଲୁଟକୁ ବିଜେପି ସରକାରର କିଛି ଅଫିସର ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ଚାପି ଦେଇଥିବା ଅଭିଯୋଗ ହେଉଛି। ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ନୂଆ ନୂଆ ସରକାରକୁ ଆସିଛି। ମୁଖ୍ୟମନ୍ତ୍ରୀ କି ମୁଖ୍ୟ ଶାସନ ସଚିବ ଡଙ୍କାରୀର ଡଙ୍କ ଚିହ୍ନି ନାହାଁନ୍ତି। ତେଣୁ ତାଙ୍କୁ ଅନ୍ଧାରରେ କିଛି ବିଜେଡି ମାର୍କା ଅଫିସର ପୂର୍ବ ସରକାରର ଗେହ୍ଲାପୁଅଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଗତ ମେ ୧୫ ତାରିଖରେ ଡଙ୍କାରୀ ପାହାଡରୁ ବେଆଇନ ଭାବେ କଳା ଗ୍ରାନାଇଟ ଲୁଟ୍ ପାଇଁ ପାହାଡ ଫଟା ଚାଲିଥିବା ବେଳେ ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଜାତୀୟ ସ୍ତରରେ ଗଣମାଧମରେ ବଡ ପ୍ରସଙ୍ଗ ହୋଇଥିଲା । ଗୋଟିଏ ଗୋଟିଏ ୱାଗନ ହୋଲ ବ୍ଲାଷ୍ଟିରେ ପାହାଡରୁ ୫୦୦ ରୁ ଏକ ହଜାର ଟ୍ରିପ କଳାପଥର ତଳକୁ ଖସୁଥିଲା । ଜାତୀୟ ରାଜପଥ ସମେତ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଡଙ୍କାରୀର ଏହି ଖାଦାନରୁ ଦୈନିକ ଦୁଇ ହଜାର ଟ୍ରିପ କଳାପଥର ଲୁଟ ହେଉଥିଲା। ଶ୍ରମିକ ମୃତ୍ୟୁ ଦିନ ହୋଇଥିବା ଗୋଟିଏ ବ୍ଲାଷ୍ଟିଂରେ ଏକକାଳୀନ ଏକ ହଜାର ଟ୍ରିପ କଳାପଥର ପାହାଡର ଏହି ଖାଦାନରୁ ଖସି ଥିବାର ଫଟୋ ଏବଂ ଭିଡିଓ ଚିତ୍ର ରହିଛି। ଗଣମାଧ୍ୟମ ଗୁଡିକରେ ➾ପୃଷ୍ଠା-୬

# ବଢୁଛି ଚୀନ୍ ଭୂତାଣୁ ଭୟ ଆଉ ଦୁଇ ଆକ୍ରାନ୍ତ ଚିହ୍ନଟ



**ନୂଆଦିଲ୍ଲୀ,୬।୧:** ଗତ କିଛିଦିନ ଧରି ଚୀନ୍‌ରେ ଆତଙ୍କ ସୃଷ୍ଟି କରିଥିବା ହ୍ୟୁମାନ୍ ମେଟା ନ୍ୟୁମୋ ଭାଇରସ୍ (ଏଚ୍‌ଏମ୍‌ପିଭି) ଗତ ୩ ତାରିଖରେ ଭାରତରେ ପ୍ରବେଶ କରିଥିବା ବେଳ ଆଜି ଏହି ସଂଖ୍ୟା ୩ରେ ପହଞ୍ଚିଛି। କାରଣ ଆଜି ଆଉ ଦୁଇ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପୂର୍ବପରି ଏହି ଦୁଇ ଆକ୍ରାନ୍ତ ମଧ୍ୟ ଶିଶୁ ବୋଲି ଜଣାପଡ଼ିଛି। ଏନେଇ ଆଇସିଏମଆର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୩ ତାରିଖରେ ବେଙ୍ଗାଲୁରୁର ବାପ୍‌ଟିଷ୍ଟ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିବା ଜଣେ ୮ ମାସର ଶିଶୁଙ୍କ ଶରୀରରେ ଏଚ୍‌ଏମ୍‌ପିଭି ଠାବ କରାଯାଇଥିଲା। ଆଜି ସେଠାରେ ଆଉ ଜଣେ ଶିଶୁ ଅର୍ଥାତ୍ ଏକ ୩ ମାସର ଶିଶୁକନ୍ୟାଙ୍କୁ ଚିହ୍ନଟ କରାଯାଇଛି। ତେବେ ତାଙ୍କୁ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରିଦିଆଯାଇଛି। ସେହିପରି ଗୁଜରାଟର ଅହମ୍ମଦାବାଦ ଚାନ୍ଦଖେଡ଼ା ଅଞ୍ଚଳର ଏକ ଘରୋଇ ହସ୍ପିଟାଲ୍‌ରେ ଗତ ଡିସେମ୍ବର ୨୪ ତାରିଖରେ ଭର୍ତ୍ତି ହୋଇଥିବା ରାଜସ୍ଥାନର ଡୁଙ୍ଗରପୁର ଅଞ୍ଚଳର ଜନୈକ ଶିଶୁଙ୍କଠାରେ ଏହି ଭୂତାଣୁ ଠାବ ➾ପୃଷ୍ଠା-୬

## ଭୟଭୀତ ନ ହେବାକୁ ରାଜ୍ୟ ସରକାରଙ୍କ ପରାମର୍ଶ



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଆଇଡିଏସପି-ଏନସିଡିସି ଦ୍ୱାରା ଏଚଏମପିଭି ଭୂତାଣୁ ନେଇ ଜାରି କରାଯାଇଥିବା ବେଳେ ଜନସାଧାରଣଙ୍କ ଅବଗତି ଓ ସଚେତନତା ନିମନ୍ତେ ରାଜ୍ୟ ସରକାର ଆଜି ସନ୍ଧ୍ୟାରେ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଜାରି କରିଛନ୍ତି। ଏହି ରୋଗର ଚିହ୍ନଟ ଓ ନିରାକରଣ ପାଇଁ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ ଜନସାଧାରଣ ଭୟଭୀତ ବା ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏଥିସହ ସମସ୍ତେ ସଚେତନ ହେଲେ ଏହି ରୋଗ ଦାଉରୁ ନିଜକୁ ରକ୍ଷା କରିପାରିବେ ବୋଲି ମଧ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ➾ପୃଷ୍ଠା-୬

## ଦୁର୍ଘଟଣା ନା ସୁପାରି କିଲିଂ ?

### ସସ୍‌ପେନ୍ସ ବଢ଼ାଉଛି ହାଇୱା ଡ୍ରାଇଭର ବୟାନ



**ସମ୍ବଲପୁର, ୬।୧ (ସଂଚାର ବ୍ୟୁରୋ):** ସମ୍ବଲପୁରରେ ୨ ବିଜେପି ନେତାଙ୍କୁ ହାଇୱା ଚଢାଇ ହତ୍ୟା ଘଟଣାରେ ରୋଚକ ଦିଗ ଏବେ ସାମ୍ନାକୁ ଆସିଛି। ହାଇୱା ଡ୍ରାଇଭର ପ୍ରସନ୍ନ ଜେନାମଣିଙ୍କ ବୟାନ ପୂରା ଘଟଣାକ୍ରମକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ଆଡକୁ ଇସାରା କରୁଛି। ପୋଲିସର ପଚରାଉଚରା ବେଳେ ପ୍ରସନ୍ନ କହିଛି, ଇଚ୍ଛା ହେଲା ମାରିଦେଲି। କିନ୍ତୁ ଡ୍ରାଇଭରଙ୍କ ଏହି କଥା ସନ୍ଦେହକୁ ବଢ଼ାଇ ଦେଇଛି। ପ୍ରଶ୍ନ ➾ପୃଷ୍ଠା-୬



### କାନ ଡେରିଥା

ଦରଦାମ ଏଠି ନିୟନ୍ତ୍ରଣ ନାହିଁ
ଅଭିଯୋଗ କଲା ବିଜେଡି
ତାଙ୍କ ଅମଳରେ ସବୁ ଠିକ୍ ଥିଲା
ସେଥିପାଇଁ ଭିଡ଼ା ଭିଡ଼ି
ଗୋଦରୀ ଗୋଡ଼ରେ ବେଡି...
ପୂର୍ବ ଦିନରୁ ତମେ କରିଅଛ
ଏବେ କାହିଁ ଛାଡ଼ ହମ୍ବା ରଡି
■ ଦେବାଶିଷ

## ବିଜେଡିର ମହଙ୍ଗା ବିକ୍ଷୋଭ

# ନିଶା ଉତୁରୁନି, ଚିରିଙ୍ଗ ଚିରିଙ୍ଗ ବଢୁଛି

- ଉପରେ ହାରୁ–ତଳେ ମନମାରୁ
- ବିକ୍ଷୋଭ ପରେ ବଜାର ଶସ୍ତା

**ଭୁବନେଶ୍ୱର,୬।୧ (ସଂଚାର ବ୍ୟୁରୋ):** ଶାସନଗାଦିରେ ୨୫ବର୍ଷ ବସିବାପରେ ବିଜେଡି ଆଜି ଦରଦାମ ବୃଦ୍ଧିରେ ଅତିଷ୍ଠ ହୋଇ ରାଜଧାନୀରେ ବିକ୍ଷୋଭ କରିଛି। ରାଜରାସ୍ତାରେ ଦାମୀ ଚେୟାର ପକାଇ ଓ ଲୋକ ବୋହି ଆଣି ନେତାମାନେ ମହଙ୍ଗା ବିକ୍ଷୋଭ କରିବାପରେ ବଜାରରେ ଦରଦାମ କମିଯାଇଛି ବୋଲି ଲୋକେ କଟାକ୍ଷ କରୁଛନ୍ତି । ଛଅ ମାସ ତଳେ ଯେଉଁମାନେ ଗ୍ୟାସ ଦରବୃଦ୍ଧି ବାବଦରେ ପାଟି ଫିଟାଉନଥିଲେ ସେମାନେ ଏବେ କାହିଁକି କାନ୍ଦକଟା କରୁଛନ୍ତି ବୋଲି ଲୋକେ ପଚାରୁଛନ୍ତି ।

ନିର୍ବାଚନ ହାରିବାର ୬ମାସ ପରେ କର୍ମୀଙ୍କୁ ବଳ ଦେବାପାଇଁ ବିଜେଡି ମଉକା ଖୋଜୁଥିଲା । ହେଲେ ମାନସ ମନ୍ଥନ ପରେ ଦରଦାମ ବୃଦ୍ଧିକୁ ଆଳ କରିବାପାଇଁ ମାମଲତକାରମାନେ ନିଷ୍ପତ୍ତି ନେଲେ । ଯଦିଓ ଏହି ପ୍ରସଙ୍ଗରେ ରାସ୍ତାକୁ ଆସି ଲୋକହସା ନହେବାପାଇଁ ଦଳର କିଛି ନେତା ପ୍ରସ୍ତାବ ଦେଇଥିଲେ ହେଲେ ତାହାକୁ ଗୋଷ୍ଠି କର୍ଣ୍ଣପାତ କଲେନାହିଁ । ନବୀନଙ୍କ ଆଗରେ ଲୋକ ଗଦା କରି ପତିଆରା ପ୍ରଦର୍ଶନ ପାଇଁ ସନ୍ୟାସୀଙ୍କ ନିର୍ଦ୍ଦେଶ ପାଇଲାପରେ ଏହି ନେତାମାନେ ଲାଗି ପଡିଲେ । ଆଜି ହଜାର ହଜାର ଲୋକଙ୍କୁ ଗାଡିମୋଟରରେ ବୁହାଇ ଆଣି ରାଜଧାନୀରେ ଦରଦାମ ବୃଦ୍ଧି ବିରୁଦ୍ଧରେ ପ୍ରଦର୍ଶନ କଲେ ।

ହେଲେ ନେତାମାନେ ଭୁଲିଗଲେ ଯେ ଲୋକଙ୍କ ମୁଣ୍ଡକୁ ଚାପ ଦେଉଥିବା ଦରଦାମ ବୋଝର ଓଜନ ବଢ଼ାଇବାପାଇଁ ସେମାନେ ହିଁ ଦାୟୀ । କାରଣ ରାଜ୍ୟରେ ଲଗାତାର ଭାବେ ସେମାନେ ହିଁ ୨୫ବର୍ଷ ଶାସନ କରିଛନ୍ତି । ନୂଆ ସରକାର ଆସିବାର ସାତମାସ ହୋଇଥିବାବେଳେ ଗୋଟିଏ ଫସଲ ଅମଳ ଚାଲିଛି । ସେଥିରେ ବର୍ଷା ଦାଉ ସାଧିଛି । ୨୫ବର୍ଷର ଶାସନରେ ଆଳୁ ଠାରୁ ଆରମ୍ଭକରି ପିଆଜ ପର୍ଯ୍ୟନ୍ତ ସବୁ ଆମଦାନୀ କରି କାମ ଚଳାଇଦେଲେ । କମିଶନ ଓ ସବସିଡ୍ ସବୁ ଖାଇଲେ । ଏବେ ଦର ବଢ଼ିବାରୁ ରାଜରାସ୍ତାକୁ ଆସିବାରେ ଲାଗିଛନ୍ତି । ନିଜେ କ୍ଷମତାରେ ଥିବାବେଳେ ଟିକସ କମାଇ ପେଟ୍ରୋଲ ଡିଜେଲ ଭଳି ସାମଗ୍ରୀର ଦର ହ୍ରାସ ପାଇଁ ଯେତେ ଦାବି ହୋଇଥିଲା ତାହାକୁ କର୍ଣ୍ଣପାତ କରିନଥିଲେ । ଏବେ ବୁଲେଇ ବଙ୍କେଇ ସେହି ପ୍ରସଙ୍ଗ ଉଠାଉଛନ୍ତି ।

ତେବେ ଆଜି ବିକ୍ଷୋଭର ବଡ ଦିଗଟି ହେଲା ମାମଲତକାରମାନେ ଖୋଦ ନବୀନଙ୍କୁ ସଭାସ୍ଥଳକୁ ଆଣିଥିଲେ । ହେଲେ ନବୀନ ହାତଲେଖା ଇଂରାଜୀ-ଓଡିଆ ପଢ଼ିବାବେଳେ କିଭଳି ଅକଳରେ ପଡିଲେ ତାହାକୁ ରାଜ୍ୟବାସୀ ଦେଖିଲେ । କେଉଁ ସାମଗ୍ରୀର ଦର କେତେ ବଢ଼ିଛି ଓ ଏଥିପାଇଁ କିଏ ଦାୟୀ ତାହା ଖୋଦ୍ ନବୀନ ବୁଝିଥିବେ କି ନାହିଁ ତାହା ସଭାସ୍ଥଳରେ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା ।

ତେବେ ଆଳୁ ପିଆଜର ଆକାଶଛୁଆଁ ଦରବୃଦ୍ଧି ବେଳେ ବିଜେଡି କାହିଁକି ରାସ୍ତାକୁ ଓହ୍ଲାଇନଥିଲା ତାହାକୁ ନେଇ ତର୍ଜମା ଚାଲିଛି । ହେଉଥିବା ଆଲୋଚନା ଅନୁଯାୟୀ ବର୍ତ୍ତମାନ ପ୍ରବାସୀ ➾ପୃଷ୍ଠା-୬



### ମନେ ମନେ ସନ୍ୟାସୀଙ୍କୁ ଖୋଜୁଥିଲେ

ତେବେ ଆଜି ବିକ୍ଷୋଭ ସମୟରେ ଦଳର କିଛି ଯୁବ ନେତା ମନେ ମନେ ସନ୍ୟାସୀଙ୍କୁ ଖୋଜୁଥିବା ଲକ୍ଷ୍ୟ କରାଯାଇଥିଲା । ଏମାନଙ୍କ ନଜର ନବୀନଙ୍କ ଆଖପାଖରେ ଘୂରି ବୁଲୁଥିଲା । ସନ୍ୟାସୀ ଧିରେ ଧିରେ କଇଁଛ ଭଳି ବେକ କାଢି ବାହାଘର ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାରୁ ଆଜି ଏଠାକୁ ନିଶ୍ଚୟ ଆସିବେବୋଲି ସେମାନଙ୍କୁ କେହି ସୂଚନା ଦେଇଥିଲା । ତେଣୁ ସନ୍ୟାସୀଙ୍କୁ ପାଇଲା ମାତ୍ରେ ସାବାଡ କରିବାପାଇଁ କିଛି ଅସନ୍ତୁଷ୍ଟ ଯୁବକର୍ମୀ ପୂରା ସଜବାଜ ହୋଇଥିଲେ । ସଭାମଞ୍ଚ ଠାରୁ ଗାଡିମୋଟର ପର୍ଯ୍ୟନ୍ତ ସବୁଆଡେ ଖେଦି ଯାଇଥିଲେ । ହେଲେ ସେମାନଙ୍କ ଆଶା କିନ୍ତୁ ଆଶାରେ ରହିଗଲା । ସନ୍ୟାସୀ ଆସିଲେନି କି ସେମାନଙ୍କ ଆଶା ପୂରଣ ହେଲାନି । ରାଗରେ କିଛି ଯୁବକ ଭୁଲ୍ ଖବର ଦେଇଥିବା ଲୋକଟିକୁ ଖୋଜୁଥିବା ଦେଖିବାକୁ ମିଳିଥିଲା ।

### ମଞ୍ଚ ଉପରେ ହାରୁ; ତଳେ ମନମାରୁ

ଆଜି ବିକ୍ଷୋଭ ମଞ୍ଚରେ ଏକାଧିକ ହାରୁନେତା ମାମଲତକାର କରୁଥିବା ଦେଖିବାକୁ ମିଳିଥିଲା । ଅବସ୍ଥା ଏଭଳି ହୋଇଥିଲା ଯେ ସନ୍ୟାସୀଙ୍କ ଆଗରେ ସୁନାପିଲା ହେବାପାଇଁ ଏମାନଙ୍କ ଦଉଡା ଧାପୁଡା ଦେଖି ବିଧାୟକମାନେ ତଳେ ମନ ମରା ହୋଇ ବସିବାକୁ ଉଚିତ ମଣିଥିଲେ । ସଭା ଉପରେ ଜୋରରେ ଏପଟ ସେପଟ ହେଉଥିବା ହାରୁ ନେତାଙ୍କ ମଧ୍ୟରେ ଥିଲେ ସମ୍ବଲପୁରରୁ ସାଂସଦ ପ୍ରାର୍ଥୀଭାବେ ହାରିଥିବା ପ୍ରଣବ ପ୍ରକାଶ ଦାସ, ବିଧାୟକ ଭାବେ ବଡମ୍ବାରୁ ହାରିଥିବା ଦେବୀ ମିଶ୍ର, ବ୍ରହ୍ମଗିରିରୁ ହାରିଥିବା ସଞ୍ଜୟ କୁମାର ଦାସବର୍ମା, ସତ୍ୟବାଦୀରୁ ହାରିଥିବା ଉମାକାନ୍ତ ସାମନ୍ତରାୟ, ମହାକାଳପଡାରୁ ହାରିଥିବା ଅତନୁ ସବ୍ୟସାଚୀ ନାୟକ ଓ ଏକାମ୍ର ଭୁବନେଶ୍ୱରରୁ ହାରିଥିବା ଅଶୋକ କୁମାର ପଣ୍ଡା । ସନ୍ୟାସୀଙ୍କ ଏହି କୋର୍ ଟିମ୍ ସଦସ୍ୟଙ୍କ ହାବଭାବ ଦେଖି ଅନେକ ମଞ୍ଚତଳେ ବସି ରହିଥିବା ଦେଖିବାକୁ ମିଳିଥିଲା ।

### କିଏ କେତେରେ ହାରିଥିଲେ

ପ୍ରଣବ–୧,୧୯,୮୩୬
ଅତନୁ–୩୩,୫୨୬
ଦେବୀ ମିଶ୍ର–୨୩,୪୬୯
ସଞ୍ଜୟ–୧୭,୭୦୮
ଉମା–୯୮୩୦
ଅଶୋକ ପଣ୍ଡା–୫୦୨୩

## ପୂର୍ବତନ ସାଂସଦ ଓ ବିଧାୟକଙ୍କୁ ଖୁବଶୀଘ୍ର ଜେରା



କଳାହାଣ୍ଡି ନର୍ଲାର ଝିଅ କୋଟି କୋଟି ର ମାଲିକ। ରାଜ୍ୟ ବାହାରେ ଫାର୍ମ ହାଉସ। ଆସାମରେ କିଣି ଥାନ୍ତେ କଫି ବଗିଚା। କିନ୍ତୁ ଠିକ ସମୟରେ ସବୁ ବିଗାଡ଼ିଦେଲେ ଜଣେ ପୂର୍ବତନ ସାଂସଦ । ଏନଜିଓ ଟଙ୍କାର ଭାଗ ନଛିଡିବାରୁ ଶେଷରେ ବନ୍ଧାହେଲେ ହଂସୀତା ଅଭିଲିପ୍ସା ଓ ପ୍ରେମିକ ଅନୀଲ ମହାନ୍ତି। ସାମାନ୍ୟ ଗାଙ୍ଗୁରାମ ଦୋକାନିରୁ ଜାଗୁଅର, ରେଞ୍ଜ ରୋଭର , ପୋର୍ଷେ ଭଳି ଗାଡି ର ମାଲିକ ବନିଥିବା ଅନୀଲ ମହାନ୍ତିଙ୍କ ଅସଲ ମୁଖା ଖୋଲିବା ପାଇଁ ତାଙ୍କ ସ୍ତ୍ରୀ ଓ ବଡ଼ଭାଇଙ୍କୁ ଡାକି ପଚରାଉଚରା କରିଛି ସ୍ପେଶାଲ କ୍ରାଇମ ୟୁନିଟ । ସେପଟେ ଖୁବଶୀଘ୍ର ହାଜର ହେବେ ହଂସୀତାଙ୍କ ପରିବାର। ତେବେ ପ୍ରଶ୍ନ ଉଠୁଛି, ସ୍ପାରେ କାମ କରୁଥିବା ହଂସୀତା କିଭଳି ଭଞ୍ଜନଗର ଓ କନ୍ଧମାଳ ଅଞ୍ଚଳର ଦୁଇ ଯୁବକଙ୍କୁ ବିବାହ କଲେ ? ସେମାନଙ୍କୁ ଛାଡି ପୁଣି କେମିତି ଜେଡ ୱାନ ଆପାର୍ଟମେଣ୍ଟରେ ଅନ୍ୟ ଦୁଇ ଯୁବକଙ୍କ ସହ ଲିଭ ଇନ ରେ ରହିଲେ ? ଏସବୁ ପ୍ରଶ୍ନ ଭିତରେ ୨ ରାଜନେତାଙ୍କ ନାଁ ବର୍ତ୍ତମାନ ସାମ୍ନାକୁ ଆସିଛି। ଜଣେ ପୂର୍ବତନ ସାଂସଦ ଓ ଅନ୍ୟଜଣେ ବିଧାୟକ । ପୂର୍ବତନ ସାଂସଦ କୁଆଡେ କାଣୀକୁ ରାଣୀ ବନାଇଥିଲେ । ଅର୍ଥାତ ଗାଉଁଲି ଝିଅକୁ ଏକ୍ସଟ୍ରା ଆଡ଼ଭାନ୍ସ ବନାଇବା ପଛରେ ଥିଲା ସାଂସଦଙ୍କ ବଡ଼ ଅବଦାନ। ବଡ଼ବଡ଼ିଆଙ୍କୁ ପଲଙ୍କ ସେବା ଯୋଗାଇ ପୂର୍ବତନ ସାଂସଦ ଜଣଙ୍କ ଅନେକ ଫାଇଦା ପାଇଥିଲେ । ଶହ ଶହ କୋଟି ଏକଜୁଟ କରିଥିଲେ । ଏନଜିଓ ଜରିଆରେ ଦେଶ ବାହାରୁ କୋଟି କୋଟି ଟଙ୍କା ଆଣି ଏଠାରେ ବିନିଯୋଗ କରୁଥିଲେ। କେବଳ ସାଂସଦ ନୁହେଁ, ଜଣେ ବିଧାୟକ ମଧ୍ୟ ସାଜିଥିଲେ ମୁଖ୍ୟ କାର୍ପଟଦାର । ହଂସୀତାଙ୍କୁ ଦେଉଥିଲେ ଦାମୀ ଗିଫ୍ଟ। ଷ୍ଟାର ହୋଟେଲରେ ରାତି ବିତାଉଥିଲେ । ଫରେନ ଏକାସାଙ୍ଗେ ବୁଲିବାକୁ ଯାଉଥିଲେ । ଦିଲ୍ଲୀରେ ବଡ଼ ବଡ଼ ଅଫିସରଙ୍କୁ ଭେଟି ନିଜର ସ୍ୱାର୍ଥ ସାଧନ କରୁଥିଲେ । ଏପରିକି ଗିରଫ ହେବାର ୪ ଦିନ ପୂର୍ବରୁ ଇନ୍ଫୋସିଟି ଅଞ୍ଚଳରେ ଥିବା ଗଲ୍ଫ କ୍ଲବରେ ଏକ୍ସମାସ ପାର୍ଟିରେ ମଧ୍ୟ ଯୋଗଦେଇଥିଲେ ଭଦ୍ରକ ଜିଲ୍ଲାର ଏହି ବିଧାୟକ ଜଣଙ୍କ। ହଂସୀତା ଓ ଅନିଲଙ୍କୁ ରିମାଣ୍ଡରେ ଆଣିବା ଭିତରେ ଏ ଦୁହିଁଙ୍କ ମୁଖା ଖୋଲିପାରେ। ତେବେ ଏହି ପୂର୍ବତନ ସାଂସଦ ଓ ବିଧାୟକଙ୍କୁ ଜେରା କଲେ ୪୨୦ ବଣ୍ଟି ଔର ବବଲିଙ୍କ ଅସଲ ମୁଖା ଖୋଲିପାରେ ବୋଲି ଜେରା ବେଳେ କହିଛନ୍ତି ଖୋଦ ଅନିଲଙ୍କ ସମ୍ପର୍କୀୟ ।

# ଲୁହରେ ଭିଜୁଛି ସତ୍ୟଭାମାଙ୍କ ସଂସାର



**ଭଙ୍ଗା ଦଦରା କୁଡ଼ିଆରେ ଦୁଇ ପ୍ରାଣୀ**

**ଖାଦ୍ୟ ସୁରକ୍ଷାରୁ ବାଦ୍ ପଡିଛି ପାଗେଳି ଝିଅ**

**ଦୁଃଖ ଶୁଣିବାକୁ କେହି ନାହିଁ**

**ମହାକାଳପଡ଼ା, ୬।୧ (ସଂଚାର ବ୍ୟୁରୋ) :** ଘର କହିଲେ କେଇ ଖଣ୍ଡ ବାଉଁଶ ଉପରେ ଭରା ଦେଇ ରହିଥିବା ଭଙ୍ଗା ଚାଳ ଛପର। ଚାରିପଟରେ ବାଉଁଶ କଣି ଖୋଞ୍ଚା ହୋଇ ଗୁଞ୍ଜା ହୋଇଛି ଛିଣ୍ଡା ପାଲ। କବାଟ ଦବାକୁ କାଛ ନାହିଁ। ଦୁଆର ମୁହଁରେ ଡେରା ହୋଇଛି ଖଣ୍ଡିଏ ତାଳ ପତରରେ ତିଆରି ତାଟି କବାଟ। ଏ ଦୃଶ୍ୟ ଦେଖି ଆପଣ ଭାବୁଥିବେ ଏହା କୌଣସି ଗାଈଗୋରୁଙ୍କ ଗୁହାଳ ବିଷୟରେ କହୁଛୁ। କିନ୍ତୁ ଏହା କୌଣସି ଗାଈଗୋରୁଙ୍କ ଗୁହାଳ ନୁହେଁ, ବରଂ ଏହା ହେଉଛି ଗୋଟିଏ ଅଭାବି ଓ ଦୁଃଖିନୀ ପରିବାରର ବାସସ୍ଥାନ। ଏହି ଭଙ୍ଗା ଦଦରା କୁଡ଼ିଆରେ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି ଦୁଇ ପ୍ରାଣୀ। ସରକାରଙ୍କ ଆବାସ ଯୋଜନା ଏମାନଙ୍କ ପାଇଁ ଯେମିତି ମରୀଚିକା ପାଇଁ ପାଲଟିଛି। ଆଜିର ଏହି ବସ୍ତୁବାଦୀ ଦୁନିଆରେ ଏ ଅଭାବି ପରିବାରକୁ ଚାହିଁବାକୁ ଯେମିତି କାହାରି ନଜର ପଡୁନି। ସେଥିପାଇଁ ତାଙ୍କ ଆଖିରୁ ଲୁହ ଶୁଖୁନି।

ଆମେ କହୁଛୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିସୁଆଁ ଗ୍ରାମର ବିଧବା ସତ୍ୟଭାମା ରାଉତ(୭୦ ବର୍ଷ)ଙ୍କ କଥା। ସ୍ୱାମୀ ଅଲେଖ ରାଉତ ଆଜକୁ ୫ ବର୍ଷ ହେବ ମୃତ୍ୟୁବରଣ କରିସାରିଛନ୍ତି। ୪୦ ବର୍ଷୀୟ ଲକ୍ଷ୍ମିପ୍ରିୟା ରାଉତ ଜଣେ ଶାରୀରିକ ଓ ମାନସିକ ଭିନ୍ନକ୍ଷମ ମହିଳା। ଜୀବନର ଶେଷ ଭାଗରେ ସତ୍ୟଭାମା ପହଞ୍ଚିଥିଲେ ସୁଦ୍ଧା ତାଙ୍କ ଆଖିରୁ ନା କେବେ ଲୁହ ଶୁଖୁଛି ନା ମନରୁ କୋହ କମୁଛି। ଅଭାବ ଅନଟନ ଭିତରେ ପାଗିଳୀ ଝିଅଟିକୁ ଧରି ଯନ୍ତ୍ରଣାଦାୟକ ଜୀବନ କାଟୁଛନ୍ତି ସତ୍ୟଭାମା। ଭଙ୍ଗା ଦଦରା କୁଡ଼ିଆରେ ଦୁଇ ପ୍ରାଣୀ କୁଟୁମ୍ବ ଭୟଭୀତ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। ସ୍ୱାଧୀନତାର ୭୫ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସତ୍ୟଭାମାଙ୍କ ପାଇଁ ସରକାରଙ୍କ ଆବାସ ଯୋଜନା ଅପହଞ୍ଚ ହୋଇ ରହିଛି। ସବୁଠାରୁ ବଡ଼ କଥା ହେଉଛି କି ପାଗଳି ଝିଅ ଲକ୍ଷ୍ମିପ୍ରିୟା ର ଆଙ୍ଗୁଠି ଛାପ ନ ଦେଇ ହେବାରୁ ଆଜି ପର୍ଯ୍ୟନ୍ତ ଆଧାର କାର୍ଡ ହୋଇ ପାରିଲା ନାହିଁ। ଯାହା ଫଳରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରାସନ୍ କାର୍ଡରୁ ଚାଉଳ ମିଳୁନି। ସତ୍ୟଭାମାଙ୍କ ନାମରେ କେବଳ ମାସକୁ ମିଳୁଛି ୫ କିଲୋ ଚାଉଳ। ଏହି ୫ କିଲୋ ଚାଉଳରେ ପରିବାର ପ୍ରତିପୋଷଣ କେମିତି କରିବେ ସେନେଇ ଚିନ୍ତାରେ ଅଛନ୍ତି ସତ୍ୟଭାମା। ଝିଅର ରାସନ୍ ଚାଉଳ ଓ ଘରଟିଏ ପାଇଁ ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ନେତାଙ୍କୁ ଗୁହାରି କରି କରି ଥକି ପଡ଼ିଛନ୍ତି ହେଲେ ତାଙ୍କ ଗୁହାରି ଶୁଣି ସମସ୍ତେ ନିରବ। ଏମିତି କୋହଭରା ସ୍ୱରରେ ସେ ସଂଚାରକୁ ତାଙ୍କର ଦୁଃଖ ବଖାଣିଛନ୍ତି।

ଏଠି ପ୍ରଶ୍ନ ଉଠୁଛି ଏମିତି ଅବସ୍ଥାରେ ଲୋକେ ସଙ୍କୁଳି ହେଉଛନ୍ତି ହେଲେ ସ୍ଥାନୀୟ ଜନପ୍ରତିନିଧିଙ୍କର ଏତେ ଉଦାସୀନତା କ'ଣ ପାଇଁ ? ସାମାଜିକ ସୁରକ୍ଷା ବ୍ୟବସ୍ଥା ଓ ପଞ୍ଚାୟତିରାଜ ସେବା ପାଇଁ ସରକାରଙ୍କ ତରଫରୁ ହେଉଥିବା ପ୍ରୟାସ କ'ଣ କେବଳ ବିଜ୍ଞାପନରେ ସୀମିତ ? ଯଦି ବାସ୍ତବିକ୍ ସାଧାରଣ ଲୋକଟିଏ ଆଜିବି ସରକାରଙ୍କ ଯୋଜନାରୁ ଅବହେଳିତ, ଜର୍ଜରିତ ଓ ନିଷ୍ପେସିତ,ତେବେ ସାମାଜିକ ସୁରକ୍ଷା ର ଡିଣ୍ଡିବ ପିଟୁଥିବା ଶଶକ୍ତ ଓଡ଼ିଶାର ନାରା କାହା ପାଇଁ ?

ଏହି ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ, ମହାକାଳପଡ଼ା ବ୍ଲକ ପ୍ରଶାସନଙ୍କ ତରଫରୁ ଅସହାୟ ପରିବାରକୁ ଆବାସ ଯୋଜନାରେ ସାମିଲ କରି ପକ୍କାଘର ଖଣ୍ଡିଏ ଯୋଗାଇ ଦେବା ସହିତ ଝିଅ ଲକ୍ଷ୍ମିପ୍ରିୟାଙ୍କ ଆଧାର କାର୍ଡ କରାଇ ଖାଦ୍ୟ ସୁରକ୍ଷା ଯୋଜନାରେ ସୁବିଧା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଅଙ୍ଗନବାଡି ଦିଦିଙ୍କ ନାମରେ ଗୁରୁତର ଅଭିଯୋଗ

**ମାର୍ଶାଘାଇ, ୬।୧ (ସଂଚାର ବ୍ୟୁରୋ) :** ଜଣେ ଅଙ୍ଗନବାଡି କେନ୍ଦ୍ରର ଦିଦିଙ୍କୁ ନେଇ ଆରମ୍ଭ ହୋଇଛି ହଟଚମଟ। ପ୍ରସୂତି,ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ଆସିଥିବା ଅଣ୍ଡା ଛତୁଆ ନମିଳିବା ଘଟଣାରେ ତାତିଛନ୍ତି ପିଲାମାନଙ୍କ ଅଭିଭାବକ ଓ ଲୋକେ। କାହିଁକି ମିଳିନାହିଁ ଓ କିଏ ହଡ଼ପ କରିଛି ତାହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରି ଅଙ୍ଗନୱାଡି ଦିଦିଙ୍କ ପୋଲ୍ ଖୋଲିଛନ୍ତି। ଆଉ ଏହି ଅଭିଯୋଗ ପରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଅଭିଯୋଗର ନୂଆ ନୂଆ ଫର୍ଦ୍ଦ ବାହାରିବା ଆରମ୍ଭ ହୋଇଛି। ଖୋଦ୍ ବିଭାଗର ସୁପରଭାଇଜରଙ୍କ ଆଗରେ ଅଙ୍ଗନବାଡି ଦିଦିଙ୍କ ବିରୋଧରେ ଅଭିଯୋଗର ଲମ୍ବା ଚିଠା କାଢ଼ିଛନ୍ତି ଲୋକେ। ଯାହାର ଭିଡିଓ ମଧ୍ୟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି।



**ମନଇଚ୍ଛା କେନ୍ଦ୍ରକୁ ଆସୁଛନ୍ତି**

**ସ୍ୱାମୀ ଦେଖାଉଛନ୍ତି ନାଲି ଆଖି**

ଅଭିଯୋଗ ମୁତାବକ ମାର୍ଶାଘାଇ ବ୍ଲକ ତାଳସଙ୍ଗା ଗ୍ରାମ ପଞ୍ଚାୟତ ତାଳସଙ୍ଗା ଖର୍ଣ୍ଣା ସାହି ଅଙ୍ଗନବାଡି କେନ୍ଦ୍ରର ଦିଦି ସଂଯୁକ୍ତା ଖଟୁଆ ନଭେମ୍ବର ମାସର ଅଣ୍ଡା ଛତୁଆ ପ୍ରଦାନ କରି ନାହାଁନ୍ତି। କାହିଁକି ମିଳିନାହିଁ ଓ କିଏ ହଡ଼ପ କରିଛି ତାହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଶିଶୁ ମଙ୍ଗଳ ଅଧିକାରୀ, ମାର୍ଶାଘାଇ ବ୍ଲକ୍‌କୁ ଅଭିଯୋଗ କରିଥିଲେ ଲୋକେ। ଯାହାର ତଦନ୍ତ ପାଇଁ ସୁପରଭାଇଜର ଯାଇଥିଲେ। ସେଠାରେ ଲୋକେ ପହଞ୍ଚି ଦିଦି କରୁଥିବା ମନମାନି ସମ୍ପର୍କରେ ପୁଣି ଲମ୍ବା ଅଭିଯୋଗ ଆଣିଛନ୍ତି। ଦିଦି ଜଣଙ୍କ କେନ୍ଦ୍ରକୁ ମନଇଚ୍ଛା ଆସୁଛନ୍ତି, ପଚାରିଲେ ତାଙ୍କ ସ୍ୱାମୀ ନାଲି ଆଖି ଦେଖାଉଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଅଭିଭାବକ ଓ ଲୋକେ। ଯାହା ସମ୍ପର୍କରେ ଶୁଣି ସୁପରଭାଇଜର ମଧ୍ୟ ଦିଦିଙ୍କୁ ତାଗିଦ୍ କରିବା ସହିତ ଲୋକମାନଙ୍କ ପାଖରୁ ଲିଖିତ ଅଭିଯୋଗ ଗ୍ରହଣ କରିଛନ୍ତି। ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ଅଙ୍ଗନବାଡି କେନ୍ଦ୍ରର ଦିଦିଙ୍କୁ କିଏ ୫,୦୦୦ ଟଙ୍କା ମାଗୁଥିଲେ ବୋଲି ଦିଦି ତାଙ୍କ ମୁହଁରେ ମାନିଛନ୍ତି। ଦିଦିଙ୍କୁ ଟଙ୍କା କିଏ ଓ କାହିଁକି ମାଗିଲେ ତାହା ଏବେ ଗୋଟେ ପରିସ୍ଥିତି ସୃଷ୍ଟି କରିଛି। ଯାହା ତଦନ୍ତ ହେବାର ଆବଶ୍ୟକତା ଅଛି। ପ୍ରଶାସନ ଲୋକଙ୍କ ଅଭିଯୋଗ ଆଧାରରେ ଦିଦିଙ୍କୁ ତଦନ୍ତ କରି ଅନିୟମିତତା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଜୋର ଜବରଦସ୍ତି ପାର୍କିଂ ଫି ଆଦାୟ

**ଟଙ୍କା ନ ଦେଲେ ପମ୍ପ ଖୋଲୁଛନ୍ତି ପାର୍କିଂ କର୍ମଚାରୀ**

**କେନ୍ଦ୍ରାପଡା, ୬।୧ (ସଂଚାର ବ୍ୟୁରୋ) :** ଭକ୍ତଙ୍କଠୁ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରାଯାଉଛି । ଗାଡି ପାର୍କିଂ ନାମରେ ଜୁଲମ କରିବା ସହିତ ନିୟମିତ ଆସୁଥିବା ଭକ୍ତଙ୍କୁ ଅଶାଳୀନ ଭାଷା ମଧ୍ୟ ପ୍ରୟୋଗ କରୁଛନ୍ତି । ଏଭଳି ଘଟଣା କେନ୍ଦ୍ରାପଡା ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ବଡ଼ଦାଣ୍ଡରେ ଘଟୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ଭକ୍ତ ମାନଙ୍କ ଠାରୁ ଜୋର ଜବରଦସ୍ତ ପାର୍କିଂ ଫିସ୍ ଆଦାୟ ଓ ଅଶାଳୀନ ବ୍ୟବହାର କରୁଥିବା ଭକ୍ତମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ଶ୍ରୀ ବଳଦେବଜୀଉଙ୍କ ର ପ୍ରଥମ ଜୟ ମଙ୍ଗଳା ଆଳତୀ ଭୋରରେ ୫ଟା ସମୟରେ ଦର୍ଶନ କରିବାକୁ ଆସୁଥିବା ଭକ୍ତ ମାନଙ୍କ ଠାରୁ ମଟର ସାଇକେଲ ପାର୍କିଂ ଫିସ ଜୋର ଜବରଦସ୍ତ ଆଦାୟ କରାଯାଉଛି। ଭୋର ସମୟରେ ଦର୍ଶନ କରିବାକୁ ଆସୁଥିବା ଭକ୍ତ ମାନଙ୍କ ପାଖରେ ଫିସ୍ ନଥିବାରୁ ପାର୍କିଂ ଦାୟିତ୍ୱରେ ଥିବା ବ୍ୟକ୍ତି ତାଙ୍କ ମଟର ସାଇକେଲ ର ପମ୍ପ ଖୋଲିବା ସହିତ। ତାଙ୍କୁ ଅଶାଳୀନ ବ୍ୟବହାର କରୁଛନ୍ତି । ଯାହା ଫଳରେ ଭକ୍ତମାନେ ନିରାଶ ହେଉଛନ୍ତି । ଏନେଇ ଜିଲ୍ଲାପାଳଙ୍କ ନିକଟରେ କ୍ଷେତ୍ରବାସୀ ଜେନା, ରାଜେନ୍ଦ୍ର ମହାପାତ୍ର, ବିଜୁ ମାହାଳି, ନରହରି ପୃଷ୍ଟି, ଖଗେଶ୍ୱର ରାଉତ, ଭାଗବତ ବରାଳଙ୍କ ସମେତ ଶତାଧିକ ଭକ୍ତ ଅଭିଯୋଗ କରିଛନ୍ତି ।

## ପ୍ରଧାନ ଶିକ୍ଷକଙ୍କ ନାମରେ ଲାଞ୍ଚ ମାଗିବା ଅଭିଯୋଗ



- ଅଭିଯୋଗ ଆଣିଲେ ସ୍ୱୟଂ ସହାୟିକା ଗୋଷ୍ଠିର ସମ୍ପାଦିକା
- ମୁଣ୍ଡ ପିଛା ମାଗୁଛନ୍ତି ୨୦୦ ଟଙ୍କା
- କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କେନ୍ଦ୍ରାପଡା, ୬।୧ (ସଂଚାର ବ୍ୟୁରୋ):** ମୁଣ୍ଡ ପିଛା ୨୦୦ ଅର୍ଥାତ ଡ୍ରେସ୍ ପିଛା ୧୦୦ ଟଙ୍କା ଲେଖାଁଏ ଚାନ୍ଦା ଦିଅ। ଇଏ ଚାନ୍ଦା ମାଗିବା ଘଟଣା କୌଣସି ଗ୍ୟାଙ୍ଗଷ୍ଟାର କି ପେଷାଦାର ଗୁଣ୍ଡାଙ୍କର ନୁହେଁ ବରଂ ଜଣେ ଲେଖାଏଁ ପ୍ରଧାନ ଶିକ୍ଷକଙ୍କର। କୌଣସି ଖଣି ଖାଦନ କି ଶିଳ୍ପାନୁଷ୍ଠାନ ନୁହେଁ ବରଂ ବିଦ୍ୟାଳୟରେ ପୋଷାକ ଯୋଗାଇ ଦେବାକୁ ଦାୟିତ୍ୱ ନେଇଥିବା ଗୋଟିଏ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମଗା ହୋଇଛି ଚାନ୍ଦା। ଏହି ଘଟଣା ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଯାହାକୁ ନେଇ ଅଭିଯୋଗ ପହଞ୍ଚିଛି ସିଧା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ।

ସୂଚନା ମୁତାବକ ମହାକାଳପଡା ବ୍ଲକ ଅନ୍ତର୍ଗତ ବଉଳକଣୀ ଗ୍ରାମ ପଞ୍ଚାୟତର ବଡତୋଟା ଛପାଲି ଗ୍ରାମର ମହାବୀର ସ୍ୱୟଂ ସହାୟିକା ଗୋଷ୍ଠି ମହାକାଳପଡ଼ାର ପେଟଛେଲା, ପିତାପାଟ ଓ ଶଙ୍ଖପଦା ସ୍କୁଲରେ ଛାତ୍ରଛାତ୍ରୀମାନଙ୍କ ପୋଷାକ ଯୋଗାଇ ଦେବାକୁ ଦାୟିତ୍ୱ ନେଇଛି। ହେଲେ ପୋଷାକ ପିଛା ପ୍ରଧାନଶିକ୍ଷକମାନେ ତାଙ୍କୁ ୧୦୦ ଟଙ୍କା ଲେଖାଁଏ ଚାନ୍ଦା ମାଗୁଛନ୍ତି। ଚାନ୍ଦା ନଦେବାରୁ ସେମାନେ ଦୋକାନରୁ ପୋଷାକ ଆଣି ପିଲାଙ୍କୁ ଦେବା ସହ ସମ୍ପୃକ୍ତ ଗୋଷ୍ଠୀଙ୍କ ଠାରୁ ପୋଷାକ ନନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବିଦ୍ୟାଳୟରୁ ତଡ଼ି ଦେଇଥିବା ଅଭିଯୋଗ କରିଛନ୍ତି। ରଘୁ ସେଠୀ, ନଟବର ମଲ୍ଲିକ, ରବି ଦାସ ନାମକ ୩ ଜଣ ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ ଆଣିଛନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ସହିତ ନେଇଛନ୍ତି। ଯଦି ପ୍ରକୃତରେ ଏଭଳି ଘଟଣା ଘଟିଥାଏ ତେବେ ଉପରୋକ୍ତ ପ୍ରଧାନ ଶିକ୍ଷକ ମାନଙ୍କ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ତତ୍ ସହିତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ଏହି ଘଟଣାରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ଅସହାୟଙ୍କୁ ଓଡିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟର ସହାୟତା

**ଆଳି, ୬।୧ (ସଂଚାର ବ୍ୟୁରୋ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟ ରାଜନଗର ତରଫରୁ ଏକ ସାମାଜିକ ସେବାକାର୍ଯ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମହୁ ଗ୍ରାମ ପଞ୍ଚାୟତର କିରଣ ସ୍ୱାଇଁଙ୍କ ପରିବାରକୁ ଅର୍ଥରାଶି ସହାୟତାର ସହ ଏକ ମାସର ରାସନ ସାମଗ୍ରୀ କମ୍ବଳ ଓ ସ୍ୱେଟର ପ୍ରଦାନ କରାଯାଇଛି। କିରଣ ସ୍ୱାଇଁ ବାଙ୍ଗାଲୋରରେ ପାଣି ପାଇପ୍ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ଯୋଗୁ ପାଇପ୍ ତାଙ୍କ ଗୋଡ ଉପରେ ପଡି ଗୋଟିଏ ଗୋଡ ନଷ୍ଟ ହୋଇଯାଇଛି ବର୍ତ୍ତମାନ ସେ ନିଜର ବାମ ଗୋଡ଼ ଆଣ୍ଠୁ ତଳଭାଗ ହରାଇ ଅତ୍ୟନ୍ତ ଦୁଃଖ କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି। ଗଣମାଧ୍ୟମରୁ ଏ ଖବର ପାଇ ଓଡିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ତାଙ୍କୁ ସହାୟତାର ହାତ ବଢ଼ାଯାଇଛି।ଆହୁରି ପାଦେ ଆଗକୁ ଯାଇ ନିୟମିତ ଭାବେ ଜୀବିକା ଯୋଗାଇ ଦେବା ପାଇଁ ତାଙ୍କୁ ଏକ ଦୋକାନ କରି ଦେବା ପାଇଁ ମଧ୍ୟ ପ୍ରତିଶୃତି ଦିଆଯାଇଛି। ଏହି ସାମାଜିକ ସେବା କାର୍ଯ୍ୟରେ ମହୁ ଗ୍ରାମପଞ୍ଚାୟତର ସରପଞ୍ଚ ମହେଶ୍ୱର ତ୍ରିପାଠୀ ମହୁ ମେଡିକାଲର ଷ୍ଟାଫ୍ ଓଡିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ନିହାର ରଞ୍ଜନ ବିଶ୍ୱାଳ, ବାସୁଦେବ ମଲ୍ଲିକ,ତପନ ମହାନ୍ତି,ମଣିରାମ ସାହୁ, ବିଷ୍ଣୁ ଚରଣ ଧଳ, ବିକାଶ କୁଣ୍ଡ,ରାଜେଶ ଜେନା,ଓ ଅଶୋକ ମହାନ୍ତି ଉପସ୍ଥିତ ଥିଲେ ସମଗ୍ର କାର୍ଯ୍ୟକ୍ରମଟିକୁ ମହୁ ଗ୍ରାମର ସମାଜସେବୀ ତଥା ଓଡିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟା ସରୋଜିନୀ ରାଉତମହାନ୍ତି ପରିଚାଳନା କରିଥିଲେ ।




## କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

**୧୪୮ ଅଭିଯୋଗ ମଧ୍ୟରୁ ୧୨ଟି ସାମୁହିକ ଏବଂ ୧୩୬ଟି ବ୍ୟକ୍ତିଗତ**

**କେନ୍ଦ୍ରାପଡା, ୬।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ମହକୁମାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ସମୟରେ ଆରମ୍ଭ ହୋଇଥିବା ଏହି ଶିବିର ଅପରାହ୍ନରେ ଶେଷ ହୋଇଥିଲା । କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, କେନ୍ଦ୍ରାପଡା ପୌରପରିଷଦର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୪୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୨ ଗୋଟି ସାମୁହିକ ଏବଂ ୧୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୯୪,୦୦୦/- ଟଙ୍କା ୧୨ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ଚିକିତ୍ସା ସହାୟତା ଓ ସାଇକେଲ କ୍ରୟ ବାବଦରେ ଜଣଙ୍କୁ ଟ. ୫,୦୦୦/- ଲେଖାଏଁ ମୋଟ ୧୫,୦୦୦/- ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।



## ଗାୟତ୍ରୀ ଜ୍ୟୋତି କଳସ ରଥ ପରିକ୍ରମା

**ପଟ୍ଟାମୁଣ୍ଡାଇ, ୬।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଜ୍ୟୋତି କଳସ ରଥ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିଛି । ବେଲତଳ ଗୁଲ ନଗର ଗାୟତ୍ରୀ ପ୍ରଜ୍ଞାପୀଠ ପରିସରରେ ଜ୍ୟୋତି କଳସ ରଥକୁ ପୂଜାର୍ଚ୍ଚନା ସହ ପୁଷ୍ପମାଲ୍ୟ ଦେଇ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଗାୟତ୍ରୀ ପ୍ରଜ୍ଞା ପୀଠରୁ ନାମ ସଂକୀର୍ତ୍ତନ ସହିତ ଏହି ଜ୍ୟୋତି କଳସ ରଥ ବାହାରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ଅଂଚଳ ପରିକ୍ରମା କରି କଷଣଅଣ୍ଟା ସ୍ଥିତ ଗାୟତ୍ରୀ ମନ୍ଦିରରେ ପହଞ୍ଚି ଥିଲା। ଶିବ ପାର୍ବତୀଙ୍କ ବିବାହ ସମୟର ଅଗ୍ନି ଜ୍ୟୋତି କଳସରେ ସ୍ଥାନିତ ହୋଇଥିବାରୁ ଏହାକୁ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଥିଲା।

## ବିଜୟ ମହାପାତ୍ରଙ୍କ ବନ୍ଧୁମିଳନ ଉତ୍ସବ




**ଡେରାବିଶ, ୬।୧ (ସଂଚାର ବ୍ୟୁରୋ)** ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ସୋମବାର ଅପରାହ୍ନରେ ଡେରାବିଶ ବ୍ଲକ ଅଂଚଳର ୨୬ ଟି ପଂଚାୟତର ଶୁଭେଚ୍ଛୁ ଓ ଜନପ୍ରତିନିଧିମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଆୟୋଜନ କରିଥିଲେ। ଏହି ଅବସରରେ ଦୁହୁରିଆ ସ୍ଥିତ ବିଜୟଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାବେଶରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ଏକ ପରିବାର ହୋଇ ପରସ୍ପରର ସୁଖଦୁଃଖରେ ଭାଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ଡେରାବିଶ ବ୍ଲକ ଅଂଚଳବାସୀଙ୍କ ସମସ୍ତ ସମସ୍ୟା ସେ ବିଧାନସଭାରେ ଉପସ୍ଥାପନ କରି ଅଂଚଳର ସମସ୍ୟା ଦୂରକରିବାକୁ ସେ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡ଼ି ନେତା ସରୋଜ ନାୟକ, ମହେନ୍ଦ୍ର ସିଂ, ଭବାନୀ ଓଝା, ହଳଧର ଦାଶ, ସୁଧିର ଖଟୁଆ, ଯୋଗାନନ୍ଦ ମହାନ୍ତି, ମିତାରାଣୀ ମଳିକ, ଶଙ୍କର୍ଷଣ ପରିଡ଼ା, ସରଳରେଖା ସାହୁ, ସୁନିତା ବଳ, ପ୍ରଶାନ୍ତ ସାମନ୍ତରାୟ, ମନୋରଞ୍ଜନ ଉପାଧ୍ୟାୟ, ଅମ୍ବିକା ରଥ, ବୈରାଗୀ ପଣ୍ଡା, ଜୟନ୍ତ ଶତପଥି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ୧୦ରୁ ମଣ୍ଡିରେ ଧାନକିଣା

**କେନ୍ଦ୍ରାପଡା, ୬।୧ (ସଂଚାର ବ୍ୟୁରୋ) :** ଆସନ୍ତା ଜାନୁୟାରୀ ୧୦ ତାରିଖରୁ କେନ୍ଦ୍ରାପଡା ଜିଲ୍ଲାର ୧୧୮ ଗୋଟି ପ୍ୟାକ୍ସର ୧୨୩ ଗୋଟି ମଣ୍ଡି ମାଧ୍ୟମରେ ଧାନକ୍ରୟ କରାଯିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତି ଗ୍ରହଣ କରିଛି । ମଣ୍ଡିଗୁଡିକର ଭିତ୍ତିଭୂମି ଓ ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଯୋଗୀ ଯନ୍ତ୍ରପାତିଗୁଡିକର ବ୍ୟବସ୍ଥା କରାଯାଇଛି । ମଣ୍ଡିଗୁଡିକ ସପ୍ତାହରେ ୩ଦିନ ଧାନ ସଂଗ୍ରହ କରିବେ । ସକାଳ ୮ ଘଟିକା ରୁ ଦିନ ୨ ଘଟିକା ମଧ୍ୟରେ ଧାନ ସଂଗ୍ରହ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ୨୪ ଘଣ୍ଟା ରୁ ୭୨ ଘଣ୍ଟା ମଧ୍ୟରେ ଟୋକନ ଧାରୀ ଚାଷୀଙ୍କ ଅକାଉଣ୍ଟକୁ ସିଧାସଳଖ ଅର୍ଥ ରାଶି ପ୍ରେରଣ କରାଯିବ । ଏ ବର୍ଷ ୪୪,୦୧୬ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ବୈଧ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ରହିଛି ୪୪,୦୦୪ଜଣ । ଧାନ ସଂଗ୍ରହ ପାଇଁ ଆରଏମସି ମାଧ୍ୟମରେ ୫ ଗୋଟି ସଚେତନତା ରଥ ଦ୍ୱାରା ପ୍ରଚାର ପ୍ରସାର କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ପ୍ରଥମ କିସ୍ତିରେ




କେନ୍ଦ୍ରାପଡ଼ା ଜିଲ୍ଲାରେ ୫୮,୦୦୯ ମେଟ୍ରିକ ଟନ ଧାନ ଚାଷୀଙ୍କଠାରୁ ସଂଗ୍ରହ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ମଣ୍ଡିରେ ଧାନ ସଂଗ୍ରହ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ଜଣ କ୍ୟାଲିଟି ଆନାଲାଇଜରଙ୍କୁ ନିଯୁକ୍ତି ଦିଆଯାଇଥିବା ଜିଲ୍ଲାପାଳ ଅବଗତ କରାଇଥିଲେ । ଟୋକାନ ଅନୁସାରେ ଧାନ କିଣିବା, ଟୋକାନର ଧାର୍ଯ୍ୟ ସମୟ ସୀମାର ଅତିରିକ୍ତ ୧୫ ଦିନ ବଳବତ୍ତର (ଜିଲ୍ଲାପାଳଙ୍କ ପରିସରଭୁକ୍ତ କ୍ଷମତା ) ସମ୍ପର୍କରେ ଅବଗତ କରାଇବା, ସୋସାଇଟି ଫଳକରେ ଟୋକନ ଧାରୀ ପଞ୍ଜୀକୃତ ଚାଷୀଙ୍କ ନାମ ପ୍ରକାଶ କରିବା, ମଣ୍ଡି ଅନୁଯାୟୀ ଚାଷୀମାନଙ୍କ ନାମ ଫଳକରେ ପ୍ରକାଶ କରିବା, ମିଲର ମାନଙ୍କ ଦ୍ୱାରା ଅଖା ଯୋଗାଇ ଦେବା, ପ୍ରତ୍ୟେକ ମଣ୍ଡିରେ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା, ୩୭ ଗୋଟି ମଣ୍ଡିର ନବ ନିର୍ମାଣ କାର୍ଯ୍ୟ, ମଣ୍ଡିରେ ସିସି କ୍ୟାମେରାର ବ୍ୟବସ୍ଥା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା।

### ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ୨ୟ ଦିବସ

## ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ରହିଲେ ଛାତ୍ର ସୁନାଗରିକ ହୋଇପାରିବେ

**ରାଜନଗର, ୬।୧ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ୨ୟ ଦିବସ ଅବସରରେ ପୁରାତନ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣଜୟନ୍ତୀ କମିଟିର ସଭାପତି ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଯୋଗଦେଇ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ ପୁରାତନ ଛାତ୍ର ଛାତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ମୁଖ୍ୟ ଅତିଥି ଶ୍ରୀ ଜେନା, ବିଦ୍ୟାଳୟର ପୁରାତନ ଏବଂ ଏବେର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପକ୍ଷରୁ ସମାଜ ଉପଯୋଗୀ ନାଟକ ମାଆ' ପରିବେଷଣ କରାଯାଇଥିଲା। ଉତ୍ସବର ୨ୟ ଅଧିବେଶନରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଖ୍ୟାତ ଦାର୍ଶନିକ ଡାୟୋଜେନିସ୍‌ଙ୍କ ଉଦାହରଣ ମାଧ୍ୟମରେ ଛାତ୍ର ଛାତ୍ରୀଙ୍କର ଦାୟିତ୍ୱ ଏବଂ କର୍ତବ୍ୟ ଉପରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡଃ. ତାରାକାନ୍ତ ନାୟକ ଯୋଗଦେଇ ଓଡ଼ିଶା ଇତିହାସର ବିରତ୍ୱର ଗାଥା ବଖାଣିବା ସହିତ ପ୍ରଶ୍ନ ପଚାରିବା ଉପରେ ଗୁରୁତ୍ୱ ଦେବା ସହିତ ପୌରାଣିକ ଆଖ୍ୟାୟିତା ମାଣ୍ଡବ୍ୟ ଋଷିଙ୍କ ଉପାଖ୍ୟାନକୁ ବ୍ୟାଖ୍ୟା କରିଥିଲେ। ସମ୍ମାନୀତ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଆମ ସନାତନ ଧର୍ମର ଅନନ୍ୟ ଗାଥା ପଞ୍ଚତନ୍ତ୍ରର ଉଦାହରଣ ଦେଇ ଆଜିର ପିଲାମାନେ ସମୟର ଯଥୋଚିତ ଉପଯୋଗ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ।

# କେବେ ବଦଳିବ ଭିତରକନିକାର ରୂପରେଖ ?

**୨୦୨୧-୨୨ରେ ବ୍ୟୟବରାଦ ହୋଇଥିଲା ୫୮ କୋଟି ୫୮ ଲକ୍ଷ ୫୩ ହଜାର ଟଙ୍କା**

**ଆଶଙ୍କାରେ ଜିଲ୍ଲାବାସୀ**

**କେନ୍ଦ୍ରାପଡ଼ା, ୬।୧ (ସଂଚାର ବ୍ୟୁରୋ) :** ଭିତରକନିକା ଜାତୀୟ ଉଦ୍ୟାନ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚୟ ପାଇଛି। ବିଭିନ୍ନ ଜିଲ୍ଲା ଓ ରାଜ୍ୟରୁ ଏଠାରେ ବହୁ ସଂଖ୍ୟାରେ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗେ। ଏହାର ଭିତ୍ତିଭୂମିର ବିକାଶ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ରେ ୫୮ କୋଟି ୫୮ ଲକ୍ଷ ୫୩ ହଜାର ଟଙ୍କା ଅନୁମୋଦନ କରିଥିଲେ ସରକାର। ଏହି ଅର୍ଥରେ ମୁଖ୍ୟ ଫାଟକ, ସୂଚନା କେନ୍ଦ୍ର, ୱାଚ ଟାୱାର ନିର୍ମାଣ ସହିତ ଡ୍ରାଏ ଡକ୍,ପ୍ଲାଜା, ଅତ୍ୟାଧୁନିକ ପାର୍କିଂ, ଫୁଡ୍ କୋର୍ଟ ଓ ଜେଠି ଆଦି ପର୍ଯ୍ୟଟନ ଭିତ୍ତିକ ପ୍ରକଳ୍ପ ଗୁଡ଼ିକର ଥ୍ରିଡି ଚିତ୍ର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜାରି କରାଯାଇଥିଲା।

ସରକାରଙ୍କ ଯୋଜନା ଅନୁସାରେ ଗୁପ୍ତି ଜେଠିରେ ଡ୍ରାଏ ଡକ୍ ସୁବିଧା ପାଇଁ ୩୦ ଲକ୍ଷ, ଡାଙ୍ଗମାଳ ପ୍ରବେଶ ଦ୍ୱାରରେ ପ୍ଲାଜା ଓ ପାର୍କିଂ ନିର୍ମାଣ ପାଇଁ ୩ କୋଟି ୧୫ ଲକ୍ଷ ୪୩ ହଜାର, ଗୁପ୍ତି ଠାରେ ଜେଠି ନିର୍ମାଣ ପାଇଁ ୯ କୋଟି ୨୩ ଲକ୍ଷ ୭୪ ହଜାର, ଡାଙ୍ଗମାଳ ଠାରେ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ ପାଇଁ ୧୪ କୋଟି ୩୮ ଲକ୍ଷ ୪୪ ହଜାର, ଡାଙ୍ଗମାଳ ଠାରେ ଥିବା ଜେଠିର ଉନ୍ନତିକରଣ ପାଇଁ ୭ କୋଟି ୪୭ ଲକ୍ଷ ୮୩ ହଜାର, ଡାଙ୍ଗମାଳ ଠାରେ କାରିଗର ଶିଳ୍ପି ବଜାର ଓ ଖାଦ୍ୟ ଭଣ୍ଡାର ନିର୍ମାଣ ପାଇଁ ୭ କୋଟି ୭୯ ଲକ୍ଷ ୪୭ ହଜାର, ଚାନ୍ଦବାଲି ଠାରେ ଜେଠି ନିର୍ମାଣ ପାଇଁ ୬ କୋଟି ୮୭ ଲକ୍ଷ ୬୧ ହଜାର,ଖୋଲା ଠାରେ ଜେଠି ନିର୍ମାଣ ପାଇଁ ୬ କୋଟି ୬୬ ଲକ୍ଷ ୧ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ସେ ସମୟରେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରକଳ୍ପ ନିର୍ମାଣ ପାଇଁ ସ୍ଥାନ ମଧ୍ୟ ଚିହ୍ନଟ କରଯାଇଥିଲା। ହେଲେ ଏସମସ୍ତ ଘଟଣାକୁ ଇତି ମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟ କରାଯାଇ ନାହିଁ। ଯାହାକୁ ନେଇ ଆଶଙ୍କା କରୁଛନ୍ତି ପରିବେଶ ପ୍ରେମୀ। ଭିତରକନିକାର ଭିତ୍ତିଭୂମିର ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବିଦେଶୀ ପର୍ଯ୍ୟଟକମାନେ ଭିତରକନିକା ଜାତୀୟ ଉଦ୍ୟାନକୁ ବହୁ ସଂଖ୍ୟାରେ ଆକର୍ଷିତ ହେବେ। ଜିଲ୍ଲାର ପରିଚୟ ଓ ଗାରିମା ବୃଦ୍ଧି ପାଇଁ ଏହା ବିଶେଷ ସହାୟକ ହେବ। ଜିଲ୍ଲା ପ୍ରଶାସନ ତରଫରୁ ଏଥିପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରି ପ୍ରସ୍ତାବିତ ପ୍ରକଳ୍ପର କାର୍ଯ୍ୟ ସମୀକ୍ଷା କରିବାକୁ ସାଧାରଣରେ ଦାବି ହେଉଛି।








## ୧୮ତମ ପ୍ରବାସୀ ଭାରତୀୟ ଦିବସ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ଖୋର୍ଦ୍ଧା, ୬।୧ (ସଂଚାର ବ୍ୟୁରୋ):** ବିଦେଶୀ ଭାରତୀୟମାନଙ୍କ ସହିତ ସଂଯୁକ୍ତ ହୋଇ ଭାରତ କିପରି ବିଶ୍ୱ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ସେହି ଲକ୍ଷ୍ୟ ନେଇ ଆଜି ସ୍ଥାନୀୟ ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ୧୮ ତମ ପ୍ରବାସୀ ଭାରତୀୟ ଦିବସ ଓ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀଯୁକ୍ତ ଚଞ୍ଚଳ ରାଣା ପିଲାମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟରେ କହିଥିଲେ ଉନ୍ନତ ଓଡ଼ିଶା ପାଇଁ ତୁମମାନଙ୍କର ଅମୂଲ୍ୟ ଦାନ ଏକାନ୍ତ କାମ୍ୟ। ଆମର ଶୋଭାଗ୍ୟର କଥା ଏଥର ଓଡ଼ିଶା ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ କରୁଅଛି। ସମସ୍ତ ଛାତ୍ରଛାତ୍ରୀ ଏହାକୁ ପରିଦର୍ଶନ କରିବାକୁ ଯେପରି ନ ଭୂଲନ୍ତି ସେଥିପାଇଁ ପ୍ରବତାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସ୍ନିଗ୍ଧା ମିଶ୍ର ଦିବସର ମହତ୍ତ୍ୱ ପ୍ରତିପାଦିତ କରିବା ସହିତ ପରିଚୟ ପ୍ରଦାନ ପୂର୍ବକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୧୦ଟି ବ୍ଲକ ଏବଂ ଭୁବନେଶ୍ୱର ମହାନଗର ନିଗମରୁ ୯ ଜଣ ଲେଖାଏଁ ପ୍ରତିଯୋଗୀ ଚୟନ ହୋଇ ଜିଲ୍ଲା ସ୍ତରର ବିଭିନ୍ନ ପ୍ରତିଯୋଗିତା ଯଥା : ରଚନା, କୁଇଜ୍, ପ୍ରଚାରପତ୍ର ଉପସ୍ଥାପନାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୭ ଜଣ ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର ଗ୍ରହଣ କରି ପୁରସ୍କୃତ ହୋଇଥିଲେ।





ବିଧାନସଭା ପରିସରରେ ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନଙ୍କ ସହ ବିଧାନସଭା ସଚିବ ଦାଶରଥି ଶତପଥୀ ଓ ବିଧାନସଭାର ଅନ୍ୟାନ୍ୟ ବରିଷ୍ଠ କର୍ମଚାରୀ

# ଓଡ଼ିଶା ହେବ ଫିନଟେକ୍ ହବ



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସିଙ୍ଗାପୁରସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ (ଜିଏଫଟିଏନ) ପକ୍ଷରୁ ଆଜି ଭାବେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଆଗାମୀ ଦିନରେ ଓଡ଼ିଶାକୁ ଏକ ଫିନ୍‌ଟେକ୍ ହବ୍‌ରେ ପରିଣତ କରିବା ସକାଶେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। କମ୍ପାନୀମାନଙ୍କୁ ପ୍ରୋତ୍ସାହିତ କରି ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାର ଉଦାର ନୀତି ପ୍ରଣୟନ କରିବା ସହ ଆବଶ୍ୟକ ମାନବ ସମ୍ବଳ ମଧ୍ୟ ଏଠାରେ ଉପଲବ୍ଧ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଓଡ଼ିଶା ଆଇଟି କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେଉଛି ଏବଂ ସମ୍ପ୍ରତି ତା'ର ସେବା କ୍ଷେତ୍ରକୁ ପରିବ୍ୟାପ୍ତ କରୁଛି। ନବସୃଜନକୁ ପ୍ରୋତ୍ସାହିତ ଓ ଷ୍ଟାର୍ଟଅପଗୁଡ଼ିକୁ ଉତ୍ସାହିତ କରି ରାଜ୍ୟ ଫିନଟେକ୍ କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ଯାଉଛି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ମତ ଦେଇଛନ୍ତି। କର୍ମଶାଳାରେ ଜିଏଫଟିଏନର ପ୍ରତିନିଧିମାନେ ଓଡ଼ିଶାରେ ଇନସୁରଟେକ୍ ହବ୍ ପ୍ରତିଷ୍ଠା ଏବଂ ତାହାର ସମୃଦ୍ଧି ପାଇଁ ପ୍ରସ୍ତୁତ କରିଥିବା ଯୋଜନା ଉପସ୍ଥାପନ କରିଥିଲେ। ଏହି ହବ୍ ଏକ ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ଭାବରେ କାର୍ଯ୍ୟ କରିବ ଏବଂ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ଇନସୁରଟେକ୍ ଶିଳ୍ପର ଅଭିବୃଦ୍ଧିକୁ ସକ୍ଷମ କରିବ ବୋଲି ସେମାନେ କହିଥିଲେ।

# ଦରଦାମ୍ ବୃଦ୍ଧି ପାଇଁ ବିଜେଡି ନିଜେ ଦାୟୀ



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରକୁ କେବଳ ୬ ମାସ ବିତିଛି। ଗତ ୨୪ ବର୍ଷ ଧରି ବିଜେଡି ସରକାର ଯାହା କରି ପାରି ନ ଥିଲା ମୋହନ ସରକାର ମାତ୍ର ଅଳ୍ପ ଦିନ ମଧ୍ୟରେ ତାହା କରି ଦେଖାଇପାରିଛି। ମୋହନ ସରକାରଙ୍କ ସଫଳତା ଦେଖି ବିଜେଡିର ଚିନ୍ତା ବଢ଼ିଯାଇଛି। ଲୋକଙ୍କ ପାଇଁ ବିଜେପି ସରକାର ଏଭଳି ପ୍ରଗତି କରି ଚାଲିଲେ ବିଜେଡିର ସତା ଲୋପ ପାଇଯିବ ଭୟରେ ଏବେ ସେମାନେ ପ୍ରଳାପ କରୁଛନ୍ତି। ଦରଦାମ ବୃଦ୍ଧି ପାଇଁ ସେମାନେ ନିଜେ ଦାୟୀ ବୋଲି ଭୁଲିଯାଇଛନ୍ତି। ନିଜ ଦଳକୁ ବଞ୍ଚାଇବା ପାଇଁ ଓ ଚର୍ଚ୍ଚାରେ ରହିବା ପାଇଁ ଏବେ ସେମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟା ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କ ରହିଛି। ମାତ୍ର ପ୍ରବାସୀ ଭାରତୀୟଙ୍କୁ ଯେତେବେଳେ ପୁରା ଓଡ଼ିଶା ସ୍ୱାର୍ଗତ କରିବାକୁ ଅପେକ୍ଷା କରିଛି। ସେତେବେଳେ ସାରା ବିଶ୍ୱରେ ଓଡ଼ିଶାର ଛବି ମଳିନ କରିବାକୁ ବିଜେଡି ହୀନ ପ୍ରୟାସ କରୁଛି। ଏହାକୁ ବିଜେପି ନିନ୍ଦା କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ସଭାପତି ଗୋଲଖ ମହାପାତ୍ର କହିଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି ଯେ, ତତ୍କାଳୀନ ସରକାର ୨୦୧୩ରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦେବା ପାଇଁ କହି ଠକି ଦେଇଥିଲା। ମାତ୍ର ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବା ପରେ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛି। କେନ୍ଦ୍ର ସରକାର ଧାନର କୁଇଂଟାଲ ପିଛା ସହାୟକ ମୂଲ୍ୟ ବୃଦ୍ଧି କରିଥିବାବେଳେ ରାଜ୍ୟ ସରକାର ତା'ଉପରେ ୮୦୦ ଟଙ୍କା ବୋନସ ଦେଉଛନ୍ତି। ଫଳରେ ରାଜ୍ୟରେ ଚାଷୀ ଏବେ ୩୧୦୦ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ଏହାଦ୍ୱାରା ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ଘଟିଛି। ମହିଳାମାନଙ୍କ ପାଇଁ ବିଜେଡି ସବୁବେଳେ କୁମ୍ଭୀର କାନ୍ଦଣା କାନ୍ଦୁଥିଲା। ମାତ୍ର ବିଜେପି ସରକାର ଆସିବା ପରେ ସୁଭଦ୍ରା ଯୋଜନାରେ ବର୍ଷକୁ ୨ ଥର ୫ହଜାର ଟଙ୍କା ହିସାବରେ ୧୦ ହଜାର ଏବଂ ମୋଟ୍‌ରେ ୫ ବର୍ଷରେ ୫୦ ହଜାର ଟଙ୍କା ୧କୋଟି ମହିଳାଙ୍କୁ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ଶିକ୍ଷାରେ ଉନ୍ନତି ପାଇଁ ବିଦାର୍ଥୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ନାବାଳିକା ଝିଅଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ବାପାଙ୍କୁ ଆଜୀବନ ଜେଲ୍



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ନାବାଳିକା ପୀଡ଼ିତା ତାଙ୍କର ପରିବାର ସହିତ ଶହୀଦନଗର ଥାନା ଅନ୍ତର୍ଗତ ସାମନ୍ତରାପୁରୀ ବସ୍ତିରେ ରହିଆସୁଥିଲେ। ଏଫଆଇଆର ହେବାର ୪ ମାସ ପୂର୍ବରୁ ନାବାଳିକା ପୀଡ଼ିତା ଙ୍କର ବିନା ସହମତିରେ ତାଙ୍କର ପିତା ଅଭିଯୁକ୍ତ ସକିଲା ଟୁଡୁ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ପୀଡ଼ିତା ଏନେଇ ବିରୋଧ କରିଥିବାରୁ ଅଭିଯୁକ୍ତ ସକୀଳ ତାଙ୍କୁ ହତ୍ୟା କରିବାର ଧମକ ଦେଇଥିଲେ। ଶେଷରେ ନାବାଳିକା ପୀଡ଼ିତା ଏନେଇ ତାଙ୍କର ମା କୁ ତାଙ୍କ ସହିତ ହୋଇଥିବା ଉପୀଡ଼ନ ବିଷୟରେ ଜଣାଇଥିଲେ। ଏନେଇ ନାବାଳିକା ପୀଡ଼ିତା ଙ୍କର ମା ଶହୀଦନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରିଣୀଙ୍କ ଏଲୋ ଆଧାରରେ ଶହୀଦନଗର ଥାନା ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ଏହାର ତଦନ୍ତ ଦାଇତ୍ୱ ଏସଆଇ ସଂଯୁକ୍ତା ସାହୁ ଙ୍କୁ ହସ୍ତାନ୍ତର କରାଯାଇଥିଲା। ଏସଆଇ ସାହୁ ଘଟଣାର ବିଭିନ୍ନ ଦିଗକୁ ନେଇ ସଠିକ ଭାବେ ତଦନ୍ତ କରିବା ସହିତ ଅଭିଯୁକ୍ତ ସକିଲା ଟୁଡୁ କୁ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରିଥିଲେ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ କୋର୍ଟରେ ଚାର୍ଜସିଟ୍ ମଧ୍ୟ ଦାଖଲ କରିଥିଲେ। ମାମଲାର ବିଚାର କରି ମାନ୍ୟବର ଅଦାଲତ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଗୁଡ଼ିକୁ ଆଧାର କରି ଆସାମୀ ସକୀଳ ଟୁଡୁ କୁ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୫ହଜାର ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ୦୬ ମାସ ଅଧିକ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତିର ସମୀକ୍ଷା



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପରିସରରେ ସେଣ୍ଟ୍ରାଲ୍ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି) ପରିଦର୍ଶନ କରି ଆଗାମୀ ପ୍ରବାସୀ ଭାରତୀୟ ଦିବସ (ପିବିଡି)-୨୦୨୫ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଭୁବନେଶ୍ୱରର ସ୍ମାର୍ଟ ସିଟି ପରିସରରେ ଆଇସିସିସି ଏକ ଅତ୍ୟାଧୁନିକ ବ୍ୟବସ୍ଥା। ଏହା ସହରୀ ସେବା ଉପରେ ନଜର ରଖିବା ଓ ପରିଚାଳନା କରିବା, ନିରବଚ୍ଛିନ୍ନ ସମନ୍ୱୟ ସୁନିଶ୍ଚିତ କରିବା ଏବଂ ପିବିଡି ପରି ବୃହତ କାର୍ଯ୍ୟକ୍ରମ ପାଇଁ ସହରର ପ୍ରସ୍ତୁତିକୁ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ସ୍ନାୟୁ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି। ଗସ୍ତ ସମୟରେ ଶ୍ରୀମତୀ ପାଢ଼ୀ ଆଇସିସିସିର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିବା ସହ ପିବିଡି ୨୦୨୫ ପାଇଁ ଏହାର ଉନ୍ନତ ବୈଷୟିକ ଦକ୍ଷତା ବ୍ୟବହାର କରିବା ସଂକ୍ରାନ୍ତ ରଣନୀତି ଉପରେ ଆଲୋଚନା କରିଥିଲେ। ଇଭେଣ୍ଟଗୁଡିକରେ ଅଂଶଗ୍ରହଣକାରୀ ଓ ଅନ୍ତର୍ଭୁକ୍ତ କରିବା ପାଇଁ ଟ୍ରାଫିକ୍ ଏବଂ ମୋବିଲିଟି ମ୍ୟାନେଜମେଣ୍ଟ, ସୁରକ୍ଷା ଏବଂ ସର୍ଭିଲାନ୍ସ, ଇଭେଣ୍ଟ କୋର୍ଡିନେସନ୍, ସାଧାରଣ ଲୋକଙ୍କ ସହଯୋଗ ଭଳି ପ୍ରମୁଖ ଦିଗଗୁଡିକ ଉପରେ ଆଲୋଚନା କରାଯାଇଥିଲା। ଶ୍ରୀମତୀ ପାଢ଼ୀ ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ଦକ୍ଷତା ଉପରେ ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଓଡ଼ିଶା ସ୍ମାର୍ଟ ସିଟି ଲିମିଟେଡରେ ବିଡିଏ ଭିସି ଡଃ ଥିରୁମାଲା ନାୟକଙ୍କ ତତ୍ତ୍ୱାବଧାନରେ ସ୍ମାର୍ଟ ସିଟି ଲିମିଟେଡରେ କାର୍ଯ୍ୟ ଆରମ୍ଭ କରିଛି। ପ୍ରବାସୀ ଭାରତୀୟ ଦିବସ ପାଇଁ ପ୍ରଥମ ପ୍ରତିକ୍ରିୟା ଓ ପ୍ରଭାବଶାଳୀ ସମନ୍ୱୟ ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଟିପିସିଓଡିଏଲ୍, ପର୍ଯ୍ୟଟନ, ଓ୍ୱାଟକୋ, ବିଏସଏନଏଲ, କମିଶନରେଟ ପୁଲିସ, ଅଗ୍ନିଶମ ସେବା ଓ ପରିବହନ ବିଭାଗ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସେଣ୍ଟ୍ରାଲ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ।

# ଗବେଷଣା କାର୍ଯ୍ୟ ପ୍ରଣାଳୀ ନେଇ ସୋଆରେ ଦଶଦିନିଆ କର୍ମଶାଳା




**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଗବେଷଣା କରୁଥିବା ବ୍ୟକ୍ତି ବିଶେଷଙ୍କର ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ସୋମବାର ଠାରୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ସାମାଜିକ ବିଜ୍ଞାନ କ୍ଷେତ୍ରରେ ଗବେଷଣା କାର୍ଯ୍ୟ ପ୍ରଣାଳୀ ସମ୍ପର୍କିତ ଏକ ୧୦ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଗବେଷଣା କରୁଥିବା ଛାତ୍ରଛାତ୍ରୀ ଏବଂ ବ୍ୟକ୍ତି ବିଶେଷଙ୍କୁ ଗବେଷଣା କ୍ଷେତ୍ରରେ ଆବଶ୍ୟକୀୟ ଦକ୍ଷତା ଓ ଜ୍ଞାନର ବୃଦ୍ଧି କରିବା ହିଁ ଏହି କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସୋଆ ପରିଚାଳିତ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଂଟ କଲ୍‌ଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ୍)ର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା କହିଛନ୍ତି। ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚ (ଆଇସିଏସ୍ଏସ୍ଆର୍)ର ପୃଷ୍ଠପୋଷକତା ଏବଂ ପ୍ରାଚୀନ୍ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ସାମାଜିକ ବିଜ୍ଞାନ ଏବଂ ମାନବିକ ଶିକ୍ଷା କ୍ଷେତ୍ରରେ ଗବେଷଣା କରୁଥିବା ବିଭିନ୍ନ ରାଜ୍ୟର ପ୍ରାୟ ୪୦ ଜଣ ଯୋଗ ଦେଇଥିଲେ। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ପୂର୍ବତନ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଆର୍ ଶିବପ୍ରସାଦ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗବେଷଣାର କାର୍ଯ୍ୟ ପ୍ରଣାଳୀ ଉପରେ ଗୁରୁତ୍ୱ ଦେବା ସହ ଏହା ଗବେଷଣାର ଗୁଣବତାକୁ ବୃଦ୍ଧି କରିଥାଏ ବୋଲି କହିଥିଲେ। ଗବେଷଣା କାର୍ଯ୍ୟ ପ୍ରଣାଳୀରେ ପ୍ରଶିକ୍ଷଣ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରି ସେ କହିଥିଲେ ଯେ କୌଣସି ଗବେଷଣା ବ୍ୟକ୍ତି କୈନ୍ଦ୍ରିକ ନୁହେଁ। ମିଳିତ ଉଦ୍ୟମରେ ଏହା ସଫଳ ହୋଇଥାଏ।

# ପରିଚୟ ଖୋଜୁଛି ଗଙ୍ଗୁଆ

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଦୀର୍ଘବର୍ଷ ଧରି ଅବହେଳିତ ହୋଇ ପଡ଼ିରହିଛି ରାଜଧାନୀର ସର୍ବପୁରାତନ ନାଳ ଗଙ୍ଗୁଆ । ନା ସଫା ହେଉଛି ନା ପୁନରୁଦ୍ଧାର । ପାଣି ନିଷ୍କାସନ ହୋଇ ନ ପାରିବାରୁ ରାଜଧାନୀରେ ଡ୍ରେନେଜ୍ ସମସ୍ୟାର ପ୍ରମୁଖ କାରଣ ସାଜିଛି ଗଙ୍ଗୁଆ। ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ, ଦିନେ ଏଠି ବହି ଯାଉଥିଲା ଓଡ଼ିଶାର ଅନ୍ୟତମ ପ୍ରାଚୀନ ନଦୀ ଗଙ୍ଗୁଆ । ଅବହେଳା ଯୋଗୁ ଧୀରେଧୀରେ ଅସ୍ତିତ୍ୱ ହରାଇଛି । ପ୍ରଥମ କେନାଲ, ଆଉ ଏବେ ଅଦୃଶ୍ୟ ପ୍ରାୟ । ଜବର ଦଖଲ ଯୋଗୁ କେଉଁଠି ପୋତି ହୋଇଗଲାଣି ତ କେଉଁଠି



ଡଷ୍ଟବିନ ସାଜିଛି । ଭୁବନେଶ୍ୱରରର ସର୍ବପୁରାତନ କେନାଲ ଏବେ ସମ୍ପୂର୍ଣ୍ଣ ଅବହେଳିତ । ଏଥିପାଇଁ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ବାରମ୍ବାର ଅଭିଯୋଗ ଓ ଉଚ୍ଚ ସ୍ତରରେ ସମୀକ୍ଷା ପରେ ବି ଫଳ ଶୂନ । ବିପଦପୂର୍ଣ୍ଣ ଅବସ୍ଥାରେ ପିଲାମାନେ ନାଳ ଉପରେ ଯାଇଥିବା ପାଇପ ଲାଇନ ଉପରେ ଖେଳୁଛନ୍ତି । କିଛି ଅଘଟଣ ଘଟିଲେ କିଏ ଦାୟୀ ହେବ? କେନାଲରେ ଆବର୍ଜନା ପଡ଼ିବାରୁ ଦୁର୍ଗନ୍ଧରେ ଫାଟିପଡୁଛି ପାଖ ଅଞ୍ଚଳ । ଏନେଇ ସରକାରଙ୍କୁ କଡ଼ା ପ୍ରତିକ୍ରିୟା ରଖିଛନ୍ତି ସ୍ଥାନୀୟ କର୍ପୋରେଟର ।

# ଉଜୁଡ଼ିଗଲା ଫସଲ; ହୃଦଘାତରେ ଟଳି ପଡ଼ିଲେ ଚାଷୀ



**କଟକ,୬।୧ (ସଂଚାର ବ୍ୟୁରୋ):** ଦାଉ ସାଧିଲା ଅଦିନିଆ ବର୍ଷା । ଉଜୁଡ଼ିଗଲା ଫସଲ। ବର୍ଷ ଯାକର ପରିଶ୍ରମ ପାଣିରେ ପଡ଼ିଲା। ଏହା ଦେଖି ସହ୍ୟ କରିବା କଷ୍ଟକର ହେଲା ଆଉ ଶେଷରେ ହୃଦଘାତରେ ଟଳି ପଡ଼ିଲେ ଚାଷୀ। ଏପରି ଏକ ହୃଦୟ ବିଦାରକ ଘଟଣା କଟକ ଜିଲ୍ଲା ନିଆଳିରେ ଘଟିଛି। ନିଆଳି ଅଞ୍ଚଳରେ ଗତ ସପ୍ତାହେ ମଧ୍ୟରେ ଏହା ଦ୍ୱିତୀୟ ଘଟଣା । ପୂର୍ବରୁ କୈଳାସ ପ୍ରଧାନ ନାମକ ୭୫ ବର୍ଷୀୟ ଚାଷୀ ହୃଦଘାତରେ ଟଳି ପଡ଼ିଥିବା ବେଳେ ଏବେ ୪୮ ବର୍ଷ ବୟସ୍କ ଇନ୍ଦ୍ରଜିତ ଛାଟୋଇ ନାମକ ଚାଷୀଙ୍କର ସମାନ ଭାବେ ମୃତ୍ୟୁ ହୋଇଛି। ନିଜ ଉଜୁଡ଼ା ଫସଲକୁ ଦେଖି ନ ପାରି ସେ ବି ହୃଦଘାତରେ ଟଳି ପଡ଼ିଥିବା ଜଣାଯାଇଛି। ଇନ୍ଦ୍ରଜିତ ଗତକାଲି ନିଜ ଉଜୁଡ଼ା ଧାନଖେତ ବୁଲି ଦେଖିଥିଲେ। ବର୍ଷ ଯାକର ପରିଶ୍ରମ ବୃଥା ହେବା ପରେ ପରିବାର ପେଟ କିପରି ପୋଷିବେ ସେହି ଚିନ୍ତା ତାଙ୍କୁ ଘାରିଥିଲା। ସେଠାରୁ ଫେରି ଆସି ରାତିରେ ଘରେ ଶୋଇଥିଲେ। ମାତ୍ର ସକାଳେ ପରିବାର ଲୋକେ ଡାକିବା ସତ୍ତ୍ୱେ ସେ ଆଉ ଉଠି ନ ଥିଲେ। ତୁରନ୍ତ ପରିବାର ଲୋକେ ତାଙ୍କୁ ନିକଟସ୍ଥ ମେଡିକାଲ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହ ହୃଦଘାତ ଯୋଗୁ ଇନ୍ଦ୍ରଜିତଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ କହିଥିଲେ।

# ଦୁଇ ବର୍ଷରେ ୨୪୬ ପ୍ରବାସୀ ଶ୍ରମିକ ମୃତ

**ଭୁବନେଶ୍ୱର, ୬।୧:** ଓଡିଶାରୁ ବାହାରକୁ ଯାଇଥିବା ପ୍ରବାସୀ ଶ୍ରମିକଙ୍କ ମଧ୍ୟରୁ ଦୁଇ ବର୍ଷ ମଧ୍ୟରେ ୨୪୬ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେମାନଙ୍କ ପରିବାରକୁ ରାଜ୍ୟ ସରକାର ୩୬ଲକ୍ଷରୁ ଅଧିକ ଟଙ୍କାର ସହାୟତା ପ୍ରଦାନ କରିଥିବାବେଳେ ଏବେ କିଛି ମୃତକଙ୍କ ପରିବାର କ୍ଷତିପୂରଣ ଅପେକ୍ଷାରେ ରହିଛନ୍ତି। ସୂଚନା ଅନୁଯାୟୀ କେନ୍ଦ୍ରାପଡା ଓ ସମ୍ବଲପୁର ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାରୁ ଯାଇଥିବା ପ୍ରବାସୀ ଶ୍ରମିକମାନଙ୍କ ମଧ୍ୟରୁ କେହି ନା କେହି ରାଜ୍ୟ ବାହାରେ ମୃତ୍ୟୁବରଣ କରିଛନ୍ତି। ତେବେ ଓଡିଶା ବାହାରେ ମୃତ୍ୟୁବରଣ କରୁଥିବା ଏହି ପ୍ରବାସୀ ଶ୍ରମିକମାନଙ୍କୁ ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ଅଣାଯାଉଥିବାବେଳେ ସେମାନଙ୍କ ପରିବାରକୁ ବି ସହାୟତା ରାଶି ଯୋଗାଇ ଦିଆଯାଉଛି। ତେବେ ସବୁଠାରୁ ଅଧିକ ୪୩ଜଣ ମୃତ ପ୍ରବାସୀ ଶ୍ରମିକ ଗଜପତି ଜିଲ୍ଲାରୁ ରହିଛନ୍ତି। ବଲାଙ୍ଗିରରେ ଏହି ସଂଖ୍ୟା ୨୬ ଥିବାବେଳେ କଳାହାଣ୍ଡିରେ ୨୩ ରହିଛି। ରାୟଗଡ଼ାରୁ କାମପାଇଁ ବାହାରକୁ ଯାଇଥିବା ୧୭ ଜଣ ପ୍ରବାସୀ ଶ୍ରମିକ ମୃତ୍ୟୁବରଣ କରିଥିବାବେଳେ ନବରଙ୍ଗପୁରରେ ୧୩ ଜଣ ରହିଛନ୍ତି। ଅନ୍ୟ ସମସ୍ତ ଜିଲ୍ଲାର ମୃତ ପ୍ରବାସୀଙ୍କ ସଂଖ୍ୟା ଏକ ଅଙ୍କରେ ସୀମିତ ରହିଛି। ସେହିଭଳି ବରଗଡ଼, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡା, ଖୋରଧା, ନୂଆପଡା ଆଦି ଜିଲ୍ଲାରୁ କାମ ଅନ୍ୱେଷଣରେ ଯାଇ ରାଜ୍ୟ ବାହାରେ ମୃତ୍ୟୁବରଣ କରିଥିବା ପ୍ରବାସୀଙ୍କ ପରିବାରକୁ କ୍ଷତିପୂରଣ ମିଳିପାରି ନାହିଁ।



ଏମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲାରୁ ଜଣେ ପ୍ରବାସୀ ଶ୍ରମିକ ମୃତ୍ୟୁବରଣ କରିଥିବାବେଳେ ଯାଜପୁର ଜିଲ୍ଲାରୁ ସର୍ବାଧିକ ୭ଜଣ ରହିଛନ୍ତି। ସରକାରୀ ହିସାବ ଅନୁଯାୟୀ ଚଳିତ ବର୍ଷର ଦଶମାସ ମଧ୍ୟରେ ୬୦ହଜାରରୁ ଅଧିକ ଶ୍ରମିକ କାମ ଅନ୍ୱେଷଣରେ ଅନ୍ୟ ରାଜ୍ୟ ତଥା ବିଦେଶକୁ ଯାଇଛନ୍ତି। ଏମାନେ ସମସ୍ତ ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ସହାୟତାରେ ଯାଇଛି। ଶ୍ରମିକମାନଙ୍କୁ ରାଜ୍ୟ ବାହାରେ ନିୟୋଜନ କରିବାପାଇଁ ସରକାର ୮୪୩ଟି ଠିକାଦାରୀ ଲାଇସେନ୍ସ ଜାରି କରିଥିବାବେଳେ ଏମାନେ ଲୋକମାନଙ୍କୁ ନେଇ କାମରେ ଲଗାଉଛନ୍ତି। ଏହି ଦଶମାସ ମଧ୍ୟରେ ବଲାଙ୍ଗିର ଜିଲ୍ଲାରୁ ୪୩ହଜାରରୁ ଅଧିକ ପ୍ରବାସୀ ଶ୍ରମିକ ରାଜ୍ୟ ବାହାରକୁ ଯାଇଛନ୍ତି ଯାହାକି ସର୍ବାଧିକ। ତେବେ ଏହି ସୂଚନା ଅନୁଯାୟୀ ବୌଦ, ଦେବଗଡ଼, ଜଗତ୍‌ସିଂହପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନୟାଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଶ୍ରମ ଠିକାଦାରଙ୍କ ମାଧ୍ୟମରେ କୌଣସି ଶ୍ରମିକ ରାଜ୍ୟ ବାହାରକୁ କାମପାଇଁ ଯାଇ ନାହାନ୍ତି। ଯାଜପୁର ଜିଲ୍ଲାରୁ ଏହି ସମୟରେ ସବୁଠାରୁ କମ୍ ମାତ୍ର ୫୦ ଜଣ ଶ୍ରମିକ ରାଜ୍ୟ ବାହାରକୁ ଯାଇଛନ୍ତି। (ତଥ୍ୟ)

# ଚଇତି ମହୋତ୍ସବରେ ବେଦାନ୍ତର ପ୍ରଦର୍ଶନ ପ୍ରମୁଖ ଆକର୍ଷଣ




**ରାୟଗଡ଼ା,୬।୧ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ରାୟଗଡ଼ାରେ ଆୟୋଜିତ ଚଇତି ମହୋତ୍ସବରେ ଅଂଶଗ୍ରହଣ କରିଛି । ୨୦୦୫ ମସିହାରୁ ଆରମ୍ଭ ହୋଇଥିବା ଏହି ବାର୍ଷିକ ସାଂସ୍କୃତିକ ମହୋତ୍ସବ ଆଦିବାସୀ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏକ ଜୀବନ୍ତ ମଞ୍ଚ ଭାବେ କାର୍ଯ୍ୟ କରିଆସୁଛି। କାର୍ଯ୍ୟକ୍ରମରେ ଦେଶର ୫୦୦ରୁ ଅଧିକ କଳାକାର ଅଂଶଗ୍ରହଣ କରିଥିବାବେଳେ ବେଦାନ୍ତ ଆଲୁମିନିୟମର ଷ୍ଟଲ ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ସଉରା ଚିତ୍ରକଳା, ଡୋକ୍ରା କଳା, ପାରମ୍ପରିକ ଆଦିବାସୀ କଳା ଏବଂ ହସ୍ତଶିଳ୍ପ ସହିତ ପ୍ରୋଜେକ୍ଟ ସଖୀ ଦ୍ୱାରା ପ୍ରସ୍ତୁତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ଉତ୍ପାଦ ପ୍ରଦର୍ଶନ ସାମିଲ ଥିଲା। ଦର୍ଶକଙ୍କ ସାମ୍ନାରେ ଅଙ୍କା ଯାଉଥିବା ସଉରା ଚିତ୍ରକଳା ଉପସ୍ଥିତ ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିଲା । ଏହାବ୍ୟତୀତ ଏହି ଷ୍ଟଲରେ ବେଦାନ୍ତର ନବନିର୍ମିତ ହକି ଦଳ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଚାଲିଥିବା ହକି ଇଣ୍ଡିଆ ଲିଗ୍ ର ଡିଫେଣ୍ଡିଂ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ଦଳର ମାସ୍କଟ, ଖେଳାଳି ହାଇଲାଇଟ୍ ଏବଂ ଟ୍ରଫି ସାମିଲ ଥିଲା, ଯାହା ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ସୃଷ୍ଟି କରିଥିଲା ଯାହା ଦର୍ଶକଙ୍କୁ ଆନନ୍ଦିତ କରିଥିଲା । ମହୋତ୍ସବକୁ ୨୫ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଆସିଥିବା ବେଳେ ରାୟଗଡ଼ା ବିଧାୟକ କାଡ୍ରାକା ଆପ୍ପାଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟୱାରୀ, ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା ସାଂସ୍କୃତିକ ସଂରକ୍ଷଣ ପାଇଁ କମ୍ପାନୀର ସମର୍ପଣ ଉପରେ ବକ୍ତବ୍ୟ ରଖି କହିଲେ, ଚଇତି ମହୋତ୍ସବରେ ଆମର ଅଂଶଗ୍ରହଣ ସ୍ଥାନୀୟ କାରିଗରଙ୍କୁ ସମର୍ଥନ କରିବା ଏବଂ ସ୍ଥାନୀୟ କଳାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର




**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଜଗା କାଳିଆ ଚାରିଟେବଲ ଫାଉଣ୍ଡେସନ 'ଓ ଶୁଶୃତ ହସ୍ପିଟାଲ ଏବଂ ଟ୍ରମା କେୟାର' ମିଳିତ ଆନୁକୂଲ୍ୟରେ ଗତ ଜାନୁଆରୀ ତା ୫ ରବିବାର ପ୍ରାତଃ ୧୦.୦୦ଘଟିକାରୁ ଦିବା ୧.୩୦ ପର୍ଯ୍ୟନ୍ତ ଭୁବନେଶ୍ୱର ପଟିଆ ନିକଟସ୍ଥ କାନନ ବିହାର ଫେଜ ୨ କାନନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନିକଟରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଉର୍ଦ୍ଧ ବରିଷ୍ଠ ନାଗରିକ, ମହିଳା ଏବଂ ଶିଶୁ ଚିକିତ୍ସିତ ହୋଇଥିଲେ। ଏଥିରେ ବହୁ ଅଭିଜ୍ଞ ଡାକ୍ତର ଯୋଗଦାନ କରି ସ୍ୱାସ୍ଥ୍ୟ ପରୀକ୍ଷା, ପରୀକ୍ଷା ସହ ଉତ୍ତମ ଚିକିତ୍ସା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଡାକ୍ତର ସ୍ୱାଗତ ମହାପାତ୍ର, ଡା: କୁମାର ଅଭିନନ୍ଦନ, ଡ଼. ଚିନ୍ମୟ ଜେନା ଏବଂ ଡ଼. ସ୍ମୃତିରେଖା ନାୟକ ଉପସ୍ଥିତ ରହିବା ବେଳେ ତ୍ରିଲୋଚନ ସାହୁ, ସୋନିଆ ଦାସ ପ୍ରଭୃତି ସେମାନଙ୍କୁ ସହଯୋଗ କରିଥିଲେ। ଏହି ଶିବିରରେ ସ୍ୱାମୀ ଶରଣ ନନ୍ଦ ମହୋଦୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଉମାକାନ୍ତ ଜେନା, ଉପାଧ୍ୟକ୍ଷ କୃପାନିଧି ବିଶ୍ୱାଳ, ସାଧାରଣ ସମ୍ପାଦକ ଜୟନ୍ତ ସାହୁ, ଯୁଗ୍ମ ସମ୍ପାଦକ ମନୋଜ ପାଣିଗ୍ରାହି, ସଂଗଠନର ଅନ୍ୟ କର୍ମକର୍ତ୍ତାମାନେ ଯୋଗଦାନ ପୂର୍ବକ କାର୍ଯ୍ୟକ୍ରମ ଟିକୁ ସଫଳ ରୂପାୟନ କରିଥିଲେ। ଏହି ଶିବିର କାର୍ଯ୍ୟକ୍ରମକୁ ବିଚିତ୍ର ମହାପାତ୍ର, ଓମ ପ୍ରକାଶ ରଥ,ଗୀତାଞ୍ଜଳି ବିଶ୍ୱାଳ,ଶୈଳବାଳା ପୃଷ୍ଟି, ଅଜିତ ପଟ୍ଟନାୟକ, ମନୋଜ ସାମଲ, ସୁଜାତା ଚୌଧୁରୀ , ନିବେଦିତା ନାୟକ,ପ୍ରଭୃତି ପରିଚାଳନା ରେ ସହଯୋଗ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା,ନାରୀ ସଶକ୍ତିକରଣ, ବୃଦ୍ଧ ବୃଦ୍ଧା ଏବଂ ଅନାଥମାନଙ୍କୁ ସହାୟତା ସହିତ ଅନେକ ଜନହିତକର କାର୍ଯ୍ୟ କରୁଥିବା ଏହି ଅନୁଷ୍ଠାନ ଆଗକୁ ତାର ସେବାର ଯାତ୍ରା ଜାରି ରଖିବ ବୋଲି ଜଗା କାଳିଆ ଚାରିଟେବଲ ଫାଉଣ୍ଡେସନ ର ଚେୟାରମ୍ୟାନ ଉମାକାନ୍ତ ଜେନା ସୂଚନା ଦେଇଛନ୍ତି।

# ଆଜିଠୁ ରାଜାରାଣୀ, ମୁକ୍ତେଶ୍ୱର ଓ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆସନ୍ତାକାଲିଠାରୁ ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହେବ ରାଜାରାଣୀ ସଙ୍ଗୀତ ମହୋତ୍ସବ, ମୁକ୍ତେଶ୍ୱର ଓଡ଼ିଶୀ ନୃତ୍ୟ ମହୋତ୍ସବ ଓ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ। ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବାକୁ ଥିବା ଏହି ମହୋତ୍ସବରେ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ସମେତ ଶାସ୍ତ୍ରୀୟ ସଙ୍ଗୀତ ମଧ୍ୟ ପରିବେଷଣ କରାଯିବ। ରବୀନ୍ଦ୍ର ମଣ୍ଡପଠାରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ରାଜାରାଣୀ ମନ୍ଦିର ପ୍ରାଙ୍ଗଣରେ ରାଜାରାଣୀ ସଙ୍ଗୀତ ମହୋତ୍ସବ ଏବଂ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମୁକ୍ତେଶ୍ୱର ଓଡ଼ିଶୀ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଗୁରୁ କୁମ୍‌କୁମ୍ ମହାନ୍ତି, ଇଲିଆନା ସିତାରିଷ୍ଟି, ଦୁର୍ଗାଚରଣ ରଣବୀର, ଝେଲମ ପରାଞ୍ଜପେ, ଶୋରେନ୍ ଲୋୱେନ୍ ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହିତ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ଇତିହାସ ଏବଂ ବିଶେଷତ୍ୱ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହେବ। ଏଥିସହ ମୁକ୍ତେଶ୍ୱର ଓଡ଼ିଶୀ ନୃତ୍ୟ ମହୋତ୍ସବରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଏକକ, ଦ୍ୱୈତ ଓ ଦଳଗତ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହେବ।

## ବିଜେଡିକୁ ଝଟ୍‌କା; ପୌରାଧ୍ୟକ୍ଷାଙ୍କ ବିରୋଧରେ ନିଜ ଦଳ ଆଣିଲା ଅନାସ୍ଥା



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଧ୍ୟକ୍ଷାଙ୍କ ବିରୋଧରେ ସୋମବାର ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ବିଜେଡି ପୌରାଧ୍ୟକ୍ଷ ଯାଜ୍ଞସେନୀ ଓରାମଙ୍କ ବିରୋଧରେ ଏହି ଅନାସ୍ଥା ପ୍ରସ୍ତାବ ଆସିଛି। ୨୩ ଜଣଙ୍କ ମଧ୍ୟରୁ ୨୨ କାଉନସିଲର ତାଙ୍କ ନାମରେ ଏହି ଅନାସ୍ଥା ପ୍ରସ୍ଥାବ ଆଣିଛନ୍ତି। ପୌରାଧ୍ୟକ୍ଷାଙ୍କ ମନମୁଖୀ କାମ ଓ ଅସହଯୋଗ ନେଇ ତାଙ୍କ ନାମରେ ଅଭିଯୋଗ ଆସିଛି। ଏ ନେଇ ପୌରାଧ୍ୟକ୍ଷା ଯାଜ୍ଞସେନୀଙ୍କ ବିରୋଧରେ ଜିଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ଦିଆଯାଇଛି। ଜଣେ କାଉନସିଲର କହିଛନ୍ତି, ପୌରାଧ୍ୟକ୍ଷା ମନମୁଖୀ କାର୍ଯ୍ୟକରୁଛନ୍ତି। ନୂଆନୂଆ କହି ୩ ବର୍ଷ ବିତି ଯାଇଥିଲେ ସୁଧା କାର୍ଯ୍ୟ ସିଖିପାରିଲେ ନାହିଁ। ଏ ନେଇ ଓ୍ୱାର୍ଡରେ ସମସ୍ୟା ଉପୁଜୁଥିବାରୁ ଅନାସ୍ଥା ପ୍ରସ୍ତାବ ଆଗତ କରିଛୁ। ବିଧାନସଭା ନିର୍ବାଚନ ପରେ ରାଜ୍ୟରେ ସରକାର ବଦଳିଛି । ୨୪ ବର୍ଷର ବିଜେଡି ସରକାରକୁ ହଟାଇ ଶାସନ ଗାଦି ସମ୍ଭାଳିଛି ଭାଜପା। ପ୍ରାୟ ରାଜ୍ୟର ବିଭିନ୍ନ ବ୍ଲକରେ ରାଜନୀତିର ଗଣିତ ବଦଳୁଛି। ବିଜେଡି ଅଧ୍ୟକ୍ଷା, ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେଉଛି। ଏହା ଏବେ ରାଜ୍ୟ ରାଜନୀତିକୁ ଚର୍ଚ୍ଚାକୁ ଅଆଣୁଛି।

# କଲବଲ କରୁଛି ଡମ୍ପିଂୟାର୍ଡ



**କଟକ,୬।୧(ସଂଚାର ବ୍ୟୁରୋ):** ଶଙ୍କରପୁର ଜନବସତି ଅଞ୍ଚଳରେ କଲବଲ କରୁଛି ଡମ୍ପିଂୟାର୍ଡ । ନାକଫଟା ଦୁର୍ଗନ୍ଧ ସାଂଗକୁ ବିଭିନ୍ନ ରୋଗ ମଧ୍ୟ ହେଉଛି । ଏହି ସମସ୍ୟା ନେଇ ସ୍ଥାନୀୟ ଲୋକେ ପ୍ରଶାସନ ରୁ ନ୍ୟାୟାଳୟ ଯାଏଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି , ହେଲେ ଜନବସତି ଅଞ୍ଚଳରୁ ଉଠୁ ନାହିଁ ଡମ୍ପିଂୟାର୍ଡ। ଚାରି ବର୍ଷ ହେଲା କଟକ ଶଙ୍କରପୁର ଜନବସତି ଅଞ୍ଚଳରେ ଥିବା ଡମ୍ପିଂୟାର୍ଡ ପାଇଁ ଆକ୍ରାମାକ୍ରା ଲୋକେ । ଦୁର୍ଗନ୍ଧ ସାଙ୍ଗକୁ ସଂକ୍ରମଣ ଯନ୍ତ୍ରଣା ଦେଉଛି। ସ୍ଥାନୀୟ ଲୋକଙ୍କ ବିନା ଅନୁମତିରେ ୨୦୨୦ରୁ ଏଠାରେ ଡମ୍ପିଂୟାର୍ଡ ହୋଇଛି। ତେବେ ଏହି ଡମ୍ପିଂୟାର୍ଡ ଏଠାରେ ରହୁଥିବା ନନ୍ଦ ପରିବାର ପାଇଁ ଦୁଃଖ ଆଣି ଦେଇଛି। ଦୁର୍ଗନ୍ଧ ଯୋଗୁଁ ଛୋଟ ଝିଅ ଓ ଶାଶୁଙ୍କର ପେଟ, ହାର୍ଟ ଓ ଫୁସଫୁସ୍ ସମସ୍ୟା ଦେଖାଦେଲା, ଆଉ ସଂକ୍ରମଣ ଯୋଗୁ ଶେଷରେ ସେମାନେ ଆଖି ବୁଜିଲେ। କେବଳ ଏତିକି ନୁହେଁ, ଏଠାରେ ସବୁବେଳେ ମୁହଁରେ ମାସ୍କ କି କପଡା ଦେବାକୁ ପଡୁଛି, ନହେଲେ ଦୁର୍ଗନ୍ଧରେ ବାନ୍ତି ହେଇଯିବ। ଥରେ ଭାବନ୍ତୁ କେମିତି ରହୁଥିବେ ଲୋକେ। ଏହି ଦୁର୍ଗନ୍ଧ ଯୋଗୁ ଏଠାରେ କେହି ଭଡ଼ା ରହିବାକୁ ରାଜି ହେଉନାହାଁନ୍ତି। ଘର ବିକ୍ରି କରିବାକୁ ଚାହିଁଲେ ମଧ୍ୟ ଲୋକେ ନେବାକୁ ଅମଙ୍ଗ। ପୂର୍ବସରକାରଙ୍କ ଦୂର ଦୃଷ୍ଟି ଅଭାବ ଯୋଗୁଁ ଜନବସତି ଅଞ୍ଚଳରେ ଡମ୍ପିଂୟାର୍ଡ୍ ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ୨୦୨୨ରେ ସମସ୍ୟା ନେଇ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା, ପ୍ରଦୂଷଣ ବିଭାଗ ଓ ମହାନଗର ନିଗମ, ସ୍ଥାନୀୟ ଲୋକଙ୍କୁ ନେଇ ବୈଠକ କରି ଏହାର ସ୍ଥାୟୀ ସମାଧାନ କରନ୍ତୁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଦେଶକୁ ଦୁଇବର୍ଷ ବିତିଥିଲେ ମଧ୍ୟ ସମସ୍ୟାର ସମାଧାନ ହେଲା ନାହିଁ। ସେପଟେ ଡମ୍ପିଂୟାର୍ଡରେ ନିୟମିତ ଦୁର୍ଗନ୍ଧ ଶରୀର ଉପରେ ପ୍ରଭାବ ପକାଏ ।

ଜୀବନ ଅମୃତ ଅନୁଚିନ୍ତା

ମାତୃଶକ୍ତି-ସୃଷ୍ଟି ଆରମ୍ଭ ହୁଏ ଶବ୍ଦରୁ , ଶବ୍ଦରୁ ନାଦ, ନାଦରୁ ବ୍ରହ୍ମ, ବ୍ରହ୍ମରୁ ଶକ୍ତି, ଶକ୍ତିରୁ ହିଁ ସୃଷ୍ଟି। ଏ ସୃଷ୍ଟିକୁ ସୃଷ୍ଟି କରିଛି ସେହି ଶକ୍ତି , ରୂପାନ୍ତରରେ ଯିଏ ମାତୃଶକ୍ତି।

SANCHAR
ସଂଚାର



# ଗଙ୍ଗାସାଗର ମେଳା

ଭାରତର ପବିତ୍ର ନଦୀ ପୁଣ୍ୟତୋୟା ଗଙ୍ଗାରେ ଅନୁଷ୍ଠିତ ହୋଇଥାଏ ଗଙ୍ଗା ସାଗର ମେଳା। ପଶ୍ଚିମବଙ୍ଗର ଦକ୍ଷିଣ ପ୍ରଗଣା ଜିଲ୍ଲାରେ ଏହି ଗଙ୍ଗା ସ୍ନାନ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ସ୍ଥାନଟି କୋଲକାତାଠାରୁ ୧୪୦ କିଲୋମିଟର ଦୂରରେ ଅବସ୍ଥିତ। ବାରବର୍ଷରେ ଥରେ ମହାକୁମ୍ଭ ମେଳା ଅନୁଷ୍ଠିତ ହେଉଥିବେଳେ ପ୍ରତିବର୍ଷ କୁମ୍ଭମେଳା ଚାରଟି ଭିନ୍ନ ଭିନ୍ନ ସ୍ଥାନରେ ହୋଇଥାଏ। ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତିପୂତ ପରିବେଶରେ ଗଙ୍ଗାନଦୀରେ ବୁଡ଼ ପକାଇଥାନ୍ତି। ଗଙ୍ଗା ସାଗର ସ୍ନାନକୁ ଗଙ୍ଗା ସାଗର ମେଳା ବୋଲି କୁହାଯାଇଥାଏ। ଏହା ପଶ୍ଚିମବଙ୍ଗରେ ମକର ସଂକ୍ରାନ୍ତି ଦିନ ପାଳିତ ହୋଇଥାଏ। ଏହି ମେଳା ପରେ କପିଳ ମୁନିଙ୍କ ମନ୍ଦିରରେ ପୂଜାର୍ଚ୍ଚନ କରାଯାଇ ଯଜ୍ଞ କରାଯାଇଥାଏ। ଏହି ଗଙ୍ଗା ସାଗର ମେଳାର ପୌରାଣିକ କାହାଣୀ ବି ରହିଛି। ଗଙ୍ଗା ନଦୀକୁ ନେଇ ଭାରତର ଅନେକ ପୌରାଣିକ ପ୍ରସଙ୍ଗ ଯୋଡ଼ି ହୋଇରହିଛି। ଅଯୋଧ୍ୟାର ରାଜା ଷାଠିଏ ହଜାର ପୁତ୍ର ସନ୍ତାନ ପ୍ରାପ୍ତ କରିଥିଲେ ଦିନେ ରାଜା ସାଗର ଦେବଲୋକରେ ବିଜୟୀ ହେବା ପାଇଁ ଏକ ବିରାଟ ବଡ଼ ଯଜ୍ଞ ଆୟୋଜନ କରିଥିଲେ। ଯଜ୍ଞ ପାଇଁ ଆବଶ୍ୟକ ହୋଇଥିବା ଘୋଡ଼ାକୁ ପରବର୍ତ୍ତୀ ସମୟରେ ଇନ୍ଦ୍ରଦେବ ଚୋରାଇ ନେଇଥିଲେ। ସାଗର ରାଜା ନିଜର ସମସ୍ତ ପୁଅଙ୍କୁ ଏହି ଘୋଡ଼ା ଖୋଜିବାକୁ ପାଇଁ ପଠାଇଥିଲେ। ସମସ୍ତେ ଘୋଡ଼ାକୁ ଖୋଜାଖୋଜି କରି ପାତାଳରେ ଠାବ କରିଥିଲେ। ଯେଉଁଠି ଏହି ଘୋଡ଼ା ଜଣେ ଋଷିଙ୍କ ପାଖରେ ବନ୍ଧା ହୋଇଥିଲା। ସେହି ଦିବ୍ୟଦ୍ରଷ୍ଟା ଋଷି ହଜାର ହଜାର ବର୍ଷ ଧରି ତପସ୍ୟାରତ ଥିଲେ। ଋଷି ଜଣଙ୍କ ଘୋଡ଼ା ଚୋରାଇ ଆଣିଥିବାର ଭାବି ସାଗରଙ୍କର ପୁଅମାନେ ତାଙ୍କୁ ତୀବ୍ର ଅପମାନ ପ୍ରଦାନ କରିଥିଲେ। ମହର୍ଷି ତାଙ୍କ ତପସ୍ୟାରେ ବାଧା ଜାଣିପାରି ସେ ଆଖି ଖୋଲିବା ମାତ୍ରେ ତାଙ୍କ କ୍ରୋଧାନଳରେ ରାଜା ସାଗରଙ୍କ ଷାଠିଏ ହଜାର ପୁଅ ଦଗ୍ଧିଭୂତ ହୋଇଯାଇଥିଲେ। କିନ୍ତୁ ସମସ୍ତଙ୍କ ଆତ୍ମା ତୃପ୍ତ ନହୋଇ ଅତୃପ୍ତ ରହିଥିଲା। ସାଗରଙ୍କ ପୁଅ ଅଂଶୁମାନ ଏହି ଅତୃପ୍ତ ଆତ୍ମାଗୁଡ଼ିକର ମୁକ୍ତି ପାଇଁ ପ୍ରୟାସ କରି ଅସଫଳ ହୋଇଥିଲେ ଏହାପରେ ତାଙ୍କ ପୁଅ ଦିଲ୍ଲୀପ ମଧ୍ୟ ଯେତେ ଚେଷ୍ଟା କରି ସଫଳତା ପାଇପାରିନଥିଲେ। ପରବର୍ତ୍ତୀ ସମୟରେ ଦିଲ୍ଲୀପଙ୍କ ଦ୍ୱିତୀୟ ପତ୍ନୀଙ୍କ ପୁଅ ରାଜା ଭଗୀରଥ ନିଜ ପୂର୍ବ ବଂଶଧରଙ୍କ ଅନ୍ତିମ ସଂସ୍କାର ପାଇଁ ଗଙ୍ଗାନଦୀକୁ ପୃଥିବୀ ପୃଷ୍ଠକୁ ଆଣିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ସେ ବ୍ରହ୍ମାଙ୍କୁ ପ୍ରସନ୍ନ କରିବା ପାଇଁ ବର୍ଷ ବର୍ଷ ଧରି କଠିନ ତପସ୍ୟା କରିଥିଲେ। ଶେଷରେ ଗଙ୍ଗାଙ୍କୁ ପୃଥିବୀ ଓ ପରେ ପାତାଳ ଯିବାକୁ ପଡ଼ିଥିଲା କାରଣ ସାଗରଙ୍କ ପୁତ୍ରମାନେ ପାତାଳରେ ହିଁ ଅତୃପ୍ତ ହୋଇ ବୁଲୁଥିଲେ। କିନ୍ତୁ ଗଙ୍ଗା ଅତିବ ଉଚ୍ଚରୁ ତଳେ ପଡ଼ିଲେ ପୃଥିବୀ କିଭଳି ବେଗ ସହିପାରିବ ବୋଲି ତାଙ୍କୁ ଗଙ୍ଗା ପ୍ରଶ୍ନ କରିଥିଲେ। ଏହାପରେ ରାଜା ଭଗୀରଥି ଭଗବାନ ଶିବଙ୍କୁ ନିବେଦନ କରିଥିଲେ ତାଙ୍କ ଜଟା ଭିତରେ ଗଙ୍ଗାନଦୀର ବେଗକୁ ରୋକିବା ପାଇଁ। ଗଙ୍ଗାସାଗର ମେଳା ଭାରତର ପ୍ରସିଦ୍ଧତମ ସର୍ବବୃହତ୍ ଓ ଆଧ୍ୟାତ୍ମିକ ମେଳାର ମର୍ଯ୍ୟାଦା ପାଇଛି। ଏହି ଗଙ୍ଗାସାଗର ଯିବାକୁ ହେଲେ ପ୍ରଥମେ ପଶ୍ଚିମବଙ୍ଗର କୋଲକାତାର କାକଦୀପ ପର୍ଯ୍ୟନ୍ତ ପାଖାପାଖି ଦେଢ଼ଶହ କିଲୋମିଟର ଯାତ୍ରା କରିବାକୁ ପଡ଼ିଥାଏ। ପରେ ସୁଦୀର୍ଘ ଡଙ୍ଗା ଦ୍ୱାରା ନଦୀରେ ଅନ୍ୟୁନ୍ ଏକ ଘଣ୍ଟାର ଯାତ୍ରା ପରେ ଗଙ୍ଗାସାଗର ଦ୍ୱୀପରେ ପହଞ୍ଚି ହୁଏ। ଏହି ଦ୍ୱୀପଟି ଅନେକ ଗାଁର ସମାହାର। ଯେଉଁଠି ଜନସଂଖ୍ୟା ପାଖାପାଖି ଦୁଇଲକ୍ଷରୁ ଊର୍ଦ୍ଧ୍ୱ। ଏହି ଠାରେ ପୁରାଣ ପ୍ରସିଦ୍ଧ କପିଳମୁନିଙ୍କ ମନ୍ଦିର ରହିଛି। ଭାରତରେ କୌଣସି ସ୍ଥାନରେ କପିଳ ମୁନିଙ୍କ ମନ୍ଦିର ହିଁ ନାହିଁ। କେବଳ ଏହି ସାଗର ଦ୍ୱୀପର ଶ୍ରେଷ୍ଠ ତୀର୍ଥସ୍ଥଳରେ କପିଳମୁନିଙ୍କ ଆଶ୍ରମ ରହିଛି। ଏହି ଗଙ୍ଗାସାଗର ଯାତ୍ରା ସମୟରେ କପିଳମୁନିଙ୍କ ଆଶ୍ରମରେ ଭକ୍ତଗଣ ପହଞ୍ଚି ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତି। ଏଠାରେ ରହିବା ପାଇଁ ଅନେକ ଛୋଟବଡ଼ ଧର୍ମଶାଳା, ଆଶ୍ରମ, ବିଭିନ୍ନ ଦାତବ୍ୟ ସଂଗଠନର ରହଣୀସ୍ଥଳ ସହ ଛୋଟବଡ ହୋଟେଲ ଗଢ଼ି ଉଠିଛି। ଅନେକ ଶ୍ରଦ୍ଧାଳୁ ଗଙ୍ଗା ସାଗର ଯାତ୍ରା କରି ନିଜକୁ ଭାଗ୍ୟବାନ ମନେ କରିଥାନ୍ତି। କୁହାଯାଏ ଭାଗ୍ୟରେ ଥିଲେ ଗଙ୍ଗାସାଗର ଯାତ୍ରା ସଫଳ ହୋଇଥାଏ। ଚଳିତବର୍ଷ ପ୍ରଥମ ସପ୍ତାହରେ ହିଁ ଏହି ଗଙ୍ଗା ସାଗର ମେଳା ଆୟୋଜିତ ହେଉଛି। ପଶ୍ଚିମବଙ୍ଗ ସରକାର ଗଙ୍ଗା ସାଗର ମେଳା ଆୟୋଜନ ପାଇଁ ଅନେକ ଯୋଜନା ହାତକୁ ନେଇଛନ୍ତି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭାରତର ବିଭିନ୍ନ ସ୍ଥାନରୁ ଏହି ଜାଗାକୁ ଆସୁଥିବାରୁ ଭାରତର ସମସ୍ତ ବଡ଼ ବଡ଼ ରେଳଷ୍ଟେସନରୁ ହାୱାଡ଼ା ପର୍ଯ୍ୟନ୍ତ ସ୍ୱତନ୍ତ୍ର ରେଳଗାଡ଼ିର ବ୍ୟବସ୍ଥା ହୋଇଛି। ଗଙ୍ଗାସାଗର ଯାତ୍ରା ନିଶ୍ଚିତ ଭାବରେ ଆଧ୍ୟାତ୍ମିକ ଭାବନାର ଯାତ୍ରା କହିଲେ ଅତ୍ୟୁକ୍ତି ହେବନାହିଁ।

# ମହାତ୍ମାଙ୍କ ଭାରତ ପ୍ରତ୍ୟାବର୍ତ୍ତନର ୧୧୦ବର୍ଷ



**ବିପିନ ବିହାରୀ ରାଉତ**

୧୯୧୫ ଜାନୁଆରୀ ୯ ତାରିଖରେ ମୋହନଦାସ କରମ ଚାନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଆସି ନିଜ ଜନ୍ମମାଟି ଭାରତରେ ପହଞ୍ଚିଥିଲେ। ସେତେବେଳେ ଗାନ୍ଧୀ ନା ଥିଲେ ମହାତ୍ମା ନା ବାପୁ। ତଥାପି, ଅନେକ ଭାରତବାସୀ ଆଶା ବାନ୍ଧିଥିଲେ ଯେ, ସେ ପରାଧୀନ ଭାରତକୁ ସ୍ୱାଧୀନ କରିବେ। ଭାରତର ମୁକ୍ତି ପାଇଁ ସଂଗ୍ରାମ ଆରମ୍ଭ କରିବା ପୂର୍ବରୁ ଗାନ୍ଧୀ ଚାହିଁଥିଲେ ଭାରତକୁ ଜାଣିବେ, ଭାରତୀୟଙ୍କୁ ଚିହ୍ନିବେ। ସେଥିପାଇଁ ସେ ଆରମ୍ଭ କରିଥିଲେ ରେଳରେ ଭାରତ ଭ୍ରମଣ ଏବଂ ଏଥି ସହ ଆରମ୍ଭ ହୋଇଥିଲା ଭାରତର ଅନ୍ଧାରରୁ ଆଲୋକ ଆଡ଼କୁ ଯାତ୍ରା। ଆଜି ଗାନ୍ଧୀଙ୍କ ଭାରତ ପ୍ରତ୍ୟାବର୍ତ୍ତନର ଶହେ ଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ।

**ଆପୋଲୋ ବନ୍ଦରରେ ପହଞ୍ଚିଲେ:** ୧୯୧୫ ଜାନୁଆରୀ ଆଜିର ଦିନରେ ସମୁଦ୍ର ସେପାରି ଦକ୍ଷିଣ ଆଫ୍ରିକାରେ ବାରିଷ୍ଟରୀ କରୁଥିବା ମହାତ୍ମା ଏକ ଜଳ ଜାହାଜରେ ଆସି ପହଞ୍ଚିଥିଲେ ସ୍ୱଦେଶରେ। ସ୍ୱଦେଶକୁ ବାହୁଡ଼ି ଆସିବା ପାଇଁ ତାଙ୍କୁ ୧୯୧୨ରେ ଅନୁରୋଧ କରିଥିଲେ ଦକ୍ଷିଣ ଆଫ୍ରିକା ଭ୍ରମଣରେ ଯାଇଥିବା ଗୋପାଳକୃଷ୍ଣ ଗୋଖଲେ ମହାତ୍ମାଙ୍କ ନିଜ ଭାଷାରେ ତାଙ୍କର ରାଜନୈତିକ ଗୁରୁ। ମୁମ୍ବାଇର ଆପୋଲୋ ବନ୍ଦରରେ ମହାତ୍ମା ଜଳ ଜାହାଜରୁ ଓହ୍ଲାଇଥିଲେ ସେତେବେଳେ ଉକ୍ତ ବନ୍ଦର କେବଳ ବିଶିଷ୍ଟ ବ୍ୟକ୍ତିଙ୍କ ଆରୋହଣ ଅବତରଣ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ମୁମ୍ବାଇର ପ୍ରଭାବଶାଳୀ ବିଶିଷ୍ଟ ନାଗରିକ ସାର୍ ଫିରୋଜଶାହା ମେହତା, ଜେବି ପେଟିଟ୍, ବିଜି ହର୍ନିମାନ୍ ଓ ଗୋଖଲେ ପ୍ରମୁଖ ବ୍ରିଟିଶ ସରକାରଙ୍କୁ ପ୍ରଭାବିତ କରି ଆପୋଲୋ ବନ୍ଦରରେ ମହାତ୍ମାଙ୍କ ଅବତରଣର ବ୍ୟବସ୍ଥା କରିଥିଲେ। ତାଙ୍କୁ ଜାହାଜରୁ ପାଛୋଟି ଆଣିବା ପାଇଁ ଛୋଟ ଡଙ୍ଗାରେ ସମୁଦ୍ର ଭିତରକୁ ଯାଇଥିଲେ ନରୋତ୍ତମ ମୋରାରଜୀ, ହର୍ନିମାନ ଏବଂ ଆଉ କେତେ ଜଣ କୂଳରେ ଅପେକ୍ଷା କରିଥିଲେ ଗୋଖଲେ ଓ ଅନ୍ୟମାନେ। ବାରିଷ୍ଟର ହୋଇଥିଲେ ହେଁ ମହାତ୍ମା କାଠିୟାୱାଡ଼ ବେଶଭୂଷାରେ ଧୋତି, କୁରୁତା ଓ ପଗଡ଼ି ପିନ୍ଧି ଓହ୍ଲାଇଥିଲେ। ସଙ୍ଗରେ ଥିଲେ ପତ୍ନୀ ଓ ଚାରି ପୁତ୍ର। ବ୍ରିଟିଶ ସରକାର ସହ ସମ୍ପୃକ୍ତ କିଛି ପଦାଧିକାରୀ ମହାତ୍ମାଙ୍କ ସମ୍ପର୍କରେ ଶୁଣିଥିଲେ ହେଁ, ତାଙ୍କର ଭାରତ ଆଗମନକୁ ବିଶେଷ ଗୁରୁତ୍ୱ ଦେଇ ନଥିଲେ। ଫଳସ୍ୱରୂପ ଏହି ଆମ ଆଦମୀଙ୍କ ନେତୃତ୍ୱରେ ଭାରତରେ ବ୍ରିଟିଶ ରାଜର ଅନ୍ତ ଘଟିଥିଲା। ବତିଶ ବର୍ଷ ପରେ। ସେତେବେଳେ ମହାତ୍ମା ଭାରତର ସାମାଜିକ ଓ ରାଜନୈତିକ ଅବସ୍ଥା ବାବଦରେ ବିଶେଷ କିଛି ଜାଣି ନଥିଲେ। ଦେଶବାସୀଙ୍କ ପାଇଁ ସେ ଥିଲେ ଅଜଣା, ନୂଆ ମୁହଁ। ତେଣୁ ସମୟ ନଷ୍ଟ ନକରି ପ୍ରଥମେ ଭାରତ ଭ୍ରମଣ କରିବା ପାଇଁ ତାଙ୍କୁ ଉପଦେଶ ଦେଇଥିଲେ ଗୋଖଲେ। ସେ ଗୋଖଲେଙ୍କ ସର୍ଭାଣ୍ଟସ ଅଫ ଇଣ୍ଡିଆ ସୋସାଇଟିର ସଦସ୍ୟ ହେବା ପରେ ଉକ୍ତ ସମାଜ ରେଳରେ ତାଙ୍କର ପ୍ରଥମ ଭାରତ ଭ୍ରମଣର ବ୍ୟବସ୍ଥା କରିଥିଲା। ୨୦୧୫ ଜାନୁଆରୀ ଶେଷ ଭାଗରେ ମହାତ୍ମାଙ୍କ ଯାତ୍ରା ରାଜକୋଟରୁ ଆରମ୍ଭ ହୋଇଥିଲା।

**ରେଳରେ ଭାରତ ଦର୍ଶନ:** ରାଜକୋଟରେ ଏକ ରେଳର ତୃତୀୟ ଶ୍ରେଣୀ ଡବାରେ ଚଢ଼ି ମହାତ୍ମା ଭାରତ ଭ୍ରମଣ ଆରମ୍ଭ କରିଥିଲେ। ପ୍ରଥମେ ଯାଇଥିଲେ କାଠିୟାୱାଡ଼। ସେଠାରେ କିଛି କାଳ ରହି ସତ୍ୟାଗ୍ରହ ଓ ଅହିଂସାର ବାଣୀ ପ୍ରଚାର କରିଥିଲେ। ତାହା ପରେ ବାହାରିଥିଲେ ଅହମ୍ମଦାବାଦ। ଏହି ନଗରୀ ଉପକଣ୍ଠସ୍ଥ କୋଚରାବ ନାମକ ଗ୍ରାମରେ ପ୍ରଥମ ଆଶ୍ରମ ପ୍ରତିଷ୍ଠା କରି ସତ୍ୟାଗ୍ରହ ଆଶ୍ରମ ଭାବରେ ନାମିତ କରିଥିଲେ। ଅହମ୍ମଦାବାଦରୁ ବାହାରି ଯାଇଥିଲେ କୋଲକାତା। ୧୭ ଫେବୃଆରୀ ୨୦୧୫ରେ ପହଞ୍ଚିଥିଲେ ଶାନ୍ତିନିକେତନରେ। ରବୀନ୍ଦ୍ରନାଥ ଠାକୁର ଅନ୍ୟତ୍ର ଯାଇଥିବାରୁ ସଙ୍ଗେ ସଙ୍ଗେ ଭେଟ ହୋଇପାରି ନଥିଲା। ୨୦ ଫେବୃଆରୀରେ ଗୋଖଲେଙ୍କ ଦେହାନ୍ତ ଖବର ପାଇ ପୁଣେ ଫେରିଥିଲେ। ଶୋକ ପାଳନ ପାଇଁ ଏକ ବର୍ଷ ଚପଲ ନ ପିନ୍ଧିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗୋଖଲେଙ୍କ ସ୍ମୃତିରେ ଆୟୋଜିତ ଶୋକସଭାରେ ଯୋଗଦେଇ କାଲକାତା ଫେରିଥିଲେ। ୬ ମାର୍ଚ୍ଚ ୨୦୧୫ରେ ଠାକୁରଙ୍କ ସହ ସାକ୍ଷାତ ହୋଇଥିଲା ଏବଂ ସେ ହିଁ ତାଙ୍କୁ ପ୍ରଥମେ ମହାତ୍ମା ଭାବେ ସମ୍ବୋଧିତ କରିଥିଲେ। କାଲକାତାରୁ ଯାଇଥିଲେ ବାରାଣସୀ। ପବିତ୍ର ବାରାଣସୀ ସେତେବେଳେ ଥିଲା ଏକ ଆବର୍ଜନୀୟ ନଗରୀ। କାଶୀ ବିଶ୍ୱନାଥ ମନ୍ଦିରରେ ମହାତ୍ମା ଦକ୍ଷିଣା ନଦେବାରୁ ପଣ୍ଡା ମହାଶୟ ଅଭିଶାପ ଦେଇଥିଲେ, ସିଧା ନରକ ଯିବ। ଉକ୍ତ ଘଟନା ପରେ ମହାତ୍ମା ତିନି ଥର ବାରାଣସୀ ଗସ୍ତ କରିଥିଲେ ହେଁ ବିଶ୍ୱନାଥ ମନ୍ଦିରକୁ ଯାଇ ନଥିଲେ। ତାହାପରେ ଗୋଟିଏ ପବିତ୍ର ସ୍ଥଳୀରୁ ଆଉ ଏକ ଧର୍ମକ୍ଷେତ୍ର ହରିଦ୍ୱାର। ସେଠାରେ କାଁଗଡ଼ୀ ଗୁରୁକୁଳରେ ମହାତ୍ମା ମୁନ୍ସୀରାମଙ୍କୁ ସାକ୍ଷାତ କରିଥିଲେ। ରାମକୃଷ୍ଣ ମିଶନ ମଧ୍ୟ ପରିଦର୍ଶନ କରି ସନ୍ନ୍ୟାସୀମାନଙ୍କ ସହ ଆଲୋଚନା କରିଥିଲେ। ହରିଦ୍ୱାର ଅବସ୍ଥାନ କାଳରେ ୧୦ ଏପ୍ରିଲରେ ଆଗକୁ ଦିନରେ ପାଞ୍ଚଟିରୁ ଅଧିକ ଖାଦ୍ୟ ଏବଂ ସୂର୍ଯ୍ୟାସ୍ତ ପରେ ଆଦୌ ଭୋଜନ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ହରିଦ୍ୱାରରୁ ବାହାରିଥିଲେ ମାଡ୍ରାସ ଏବଂ ପହଞ୍ଚିଥିଲେ ୧୭ ଏପ୍ରିଲରେ। ସ୍ଥାନୀୟ ପାଚାୟୀଆପ୍ପା କଲେଜରେ ବିଦ୍ୟାର୍ଥୀ ଓ ଅଧ୍ୟାପକ ଆଦିଙ୍କ ସହ ଭାବ ବିନମୟ ହୋଇଥିଲା। ସୋକରପେଟରେ ଏକ ପାଠାଗାର ଉଦ୍‌ଘାଟନ କରିଥିଲେ ଏବଂ ରାନାଡ଼େ ହଲ୍‌ରେ ଭାଷଣ ଦେଇଥିଲେ। ମାଡ୍ରାସରୁ ବେଙ୍ଗାଲୁରୁ ହୋଇ ଫେରିଥିଲେ ଅହମ୍ମଦାବାଦ ଏବଂ ପହଞ୍ଚିଥିଲେ ମେ ୧୧ରେ।

**ଓଡ଼ିଶା ସହ ପ୍ରଥମ ପରିଚୟ:** ୧୯୧୯-୨୦ରେ ପୁରୀ ଜିଲ୍ଲାରେ ଦୁର୍ଭିକ୍ଷ ପଡ଼ିଲା। ଡଭାର ଗାଁରୁ ଆରମ୍ଭ କରି ଏହି ଦୁର୍ଭିକ୍ଷ କ୍ରମେ ପୁରୀ ସଦନ, ଗୋପ, ବାଲିଅନ୍ତା ଓ ବାଣପୁରକୁ ବ୍ୟାପୀଲା। ୧୮୬୬ର ନଅ ଅଙ୍କ ଦୁର୍ଭିକ୍ଷ ପରେ ଏହା ଓଡ଼ିଶା ପାଇଁ ଦ୍ୱିତୀୟ ବଡ଼ ପ୍ରାକୃତିକ ବିପର୍ଯ୍ୟୟ। ବ୍ରିଟିଶ ସରକାର ସବୁ ଦେଖୁଥାନ୍ତି ସତ ଲୋକଙ୍କୁ ଉଦ୍ଧାର କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁ ନଥାନ୍ତି। ଏହା ଉତ୍କଳମଣି ଗୋପବନ୍ଧୁଙ୍କୁ ଖୁବ୍ ବାଧିଲା। ମହାତ୍ମା ଜାଣିଲେ, ହୁଏତ କିଛି ପ୍ରତିକାର ହୋଇପାରିବ ଭାବି, ସେ ଚିଠି ଲେଖିଲେ। ଚିଠିଟି ପଢ଼ି ମହାତ୍ମା ବ୍ୟଥିତ ହେଲେ ଏବଂ ଗୁଜରାତୀ ଭାଷାରେ ପ୍ରକାଶ ପାଉଥିବା



ନବଜୀବନରେ ଓଡ଼ିଶାରେ ଦୁର୍ଭିକ୍ଷ ଶୀର୍ଷକ ଲେଖାଟିଏ ଲେଖିଥିଲେ। ଗୋପବନ୍ଧୁଙ୍କ ମାଧ୍ୟମରେ ହିଁ ଓଡ଼ିଶା ସହ ତାଙ୍କର ପ୍ରଥମ ପରିଚୟ।

**କାଠଯୋଡ଼ି ବାଲିରେ ସଭା:** ଓଡ଼ିଶା ତଥା ଓଡ଼ିଆଙ୍କୁ ଜାତୀୟ ଜୀବନର ମହାସ୍ରୋତରେ ମିଶାଇବା ପାଇଁ ପ୍ରଥମେ ଯେଉଁମାନେ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ପ୍ରମୁଖ। ତାଙ୍କ ନିୟନ୍ତ୍ରଣରେ ପ୍ରଥମ ଥର ପାଇଁ ମହାତ୍ମାଙ୍କ ପାଦ ଓଡ଼ିଶାରେ ପଡ଼ିଥିଲା। ୧୯୨୦ ସେପ୍ଟେମ୍ବରରେ କାଲକାତାରେ ଅନୁଷ୍ଠିତ ନିଖିଳ ଭାରତୀୟ କଂଗ୍ରେସର ବିଶେଷ ଅଧିବେଶନରେ ଓଡ଼ିଶା ଗସ୍ତ କରିବା ପାଇଁ ଉତ୍କଳମଣି ଅନୁରୋଧ କରିଥିଲେ। ୧୯୨୧ରେ ଆରମ୍ଭ ହୋଇଥିଲା ଅସହଯୋଗ ଆନ୍ଦୋଳନ। ଏହି ଆନ୍ଦୋଳନକୁ ସୁଦୂରପ୍ରସାରୀ କରିବା ପାଇଁ ମହାତ୍ମା ଦେଶର ବିଭିନ୍ନ ଅଞ୍ଚଳ ଗସ୍ତ କରୁଥିଲେ। ଏହି କ୍ରମରେ ୨୩ ମାର୍ଚ୍ଚ ୧୯୨୧ରେ ସେ କଟକରେ ପହଞ୍ଚିଥିଲେ। ସେ ଦିନ ଥିଲା ଦୋଳ ପୂର୍ଣ୍ଣିମା। ପୂର୍ବ ସାଙ୍ଗକୁ ମହାତ୍ମାଙ୍କ ଆଗମନ ସମଗ୍ର ରାଜ୍ୟ ଉତ୍ସବ ମୁଖରିତ ହୋଇଉଠିଥିଲା। ମହାତ୍ମାଙ୍କ ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକେ କଟକରେ ପହଞ୍ଚିଥିଲେ। ମହାତ୍ମା ରେଳରୁ ଓହ୍ଲାଇବା କ୍ଷଣି ମହାତ୍ମା ଗାନ୍ଧୀ କି ଜୟ, ବନ୍ଦେ ମାତରଂ ଆଦି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଉକ୍ତ ଦିନ ଅପରାହ୍ନରେ କାଠଯୋଡ଼ି କୂଳ ଗଣେଶ ଘାଟ ନିକଟରେ ଶୁଖିଲା ନଦୀର ବିସ୍ତୃତ ବାଲୁକା ଉପରେ ସଭା ଅନୁଷ୍ଠିତ ହୋଇଥିଲା। ବଡ଼ ବଡ଼ କାଠ ଖଟ ପକାଇ, ତିଆରି କରାଯାଇଥିବା ମଞ୍ଚ ଉପରେ ମହାତ୍ମାଙ୍କୁ ନେଇ ମଞ୍ଚାସୀନ କରାଇଥିଲେ ଉତ୍କଳମଣି। ଛିଡ଼ା ହେବାକୁ ଅକ୍ଷମ ଥିବା ମହାତ୍ମା କାଠ ଚୌକିରେ ବସି ହିନ୍ଦୀରେ ଭାଷଣ ଦେଇଥିଲେ। କଟକରେ ଦୁଇ ଦିନ ରହି ନେତା ତଥା ସାଧାରଣ ଲୋକଙ୍କୁ ଭେଟିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ମହାତ୍ମା ଯାଇଥିଲେ ଭଦ୍ରଖ। ଭଦ୍ରଖରୁ ସତ୍ୟବାଦୀ ତାହା ପରେ ପୁରୀ ଓ ବ୍ରହ୍ମପୁର। ତାଙ୍କର ପ୍ରଥମ ଓଡ଼ିଆ ଗସ୍ତ ଶେଷ ହୋଇଥିଲା ୩୧ ମାର୍ଚ୍ଚରେ।

**ମହାତ୍ମାଙ୍କୁ ଭେଟିଥିବା ପ୍ରଥମ ଓଡ଼ିଆ:** ମହାତ୍ମାଙ୍କୁ ଭେଟିଥିବା ପ୍ରଥମ ଓଡ଼ିଆ ଥିଲେ ଦଶପଲ୍ଲାର ମୁକ୍ତି ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର। ଦଶପଲ୍ଲାର କନ୍ଧମେଳି ଓ ଶାସକମାନଙ୍କର ନିର୍ମମ ଅତ୍ୟାଚାର ତଥା ନରହତ୍ୟା ଦେଖି ଦେଖି ବ୍ୟଥିତ ହୋଇଥିଲେ ଗୋବିନ୍ଦ। ଇଂରେଜମାନଙ୍କୁ ନ ତଡ଼ିବା ଯାଏ ଦେଶବାସୀ ସୁରକ୍ଷିତ ନୁହନ୍ତି ଏହାକୁ ମନରେ ଗ୍ରହଣ କରି ସେ ଓଡ଼ିଶା ଛାଡ଼ିଥିଲେ। କାଲକାତାରେ ସୁରେନ୍ଦ୍ର ନାଥ ବାନାର୍ଜୀ ଓ ଶାନ୍ତିନିକେତନରେ ରବୀନ୍ଦ୍ର ନାଥ ଠାକୁରଙ୍କୁ ଭେଟି ଓଡ଼ିଶାର ଦୁଃଖ ଜଣାଇଥିଲେ। ତାହା ପରେ ଦୀନବନ୍ଧୁ ଆଣ୍ଡ୍ରୁଜ୍‌ଙ୍କ ସହ ଦେଖା ହୋଇଥିଲା। ତାଙ୍କ ପରାମର୍ଶ ମାନି ଯାଇଥିଲେ ମହାତ୍ମାଙ୍କ ସାବରମତୀ ଆଶ୍ରମ।

**ଖଦିର ପ୍ରସାର:** ଡିସେମ୍ବରରେ ମହାତ୍ମା ତୃତୀୟ ଥର ପାଇଁ ଓଡ଼ିଶା ଆସିଥିଲେ। ସେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ନଭେମ୍ବରରେ ଆସିବାର ଥିଲା। ତେବେ ସମସ୍ୟା ଯୋଗୁଁ ଆସିଥିଲେ ଡିସେମ୍ବର ପ୍ରଥମ ସପ୍ତାହରେ। ସେତେବେଳେ ତାଙ୍କ ସ୍ୱାସ୍ଥ୍ୟ ଭଲରହୁ ନଥିଲା। ଏକ ମାସ ଓଡ଼ିଶାରେ ବୁଲିବେ ବୋଲି ସ୍ଥିର କରିଥିଲେ ହେଁ କୋଡିଏ ଦିନରେ ଗସ୍ତ ଶେଷ କରିଥିଲେ। ଆନ୍ଧ୍ର ଗସ୍ତ ଶେଷ କରି ସେ ବ୍ରହ୍ମପୁରରେ ପହଞ୍ଚିଥିଲେ ୪ ଡିସେମ୍ବରରେ। ବ୍ରହ୍ମପୁରରେ ଦୁଇଟି ସଭା ଅନୁଷ୍ଠିତ ହୋଇଥିଲା। ଗୋଟିଏ ସଭାରେ ଚରଖା, ଖଦି, ସ୍ୱଦେଶୀ ବସ୍ତ୍ର ଆଦି ସପକ୍ଷରେ ବକ୍ତବ୍ୟ ରଖିଥିଲେ। ଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ଦ୍ୱିତୀୟ ସଭାରେ ପ୍ରାର୍ଥନାର ଗୁରୁତ୍ୱ ବୁଝାଇଥିଲେ। ତାହା ପରେ ଛତ୍ରପୁର, ବୋଲଗଡ଼, ବାଣପୁର, ଖୋର୍ଦ୍ଧା, ଜଟଣୀ, ପୁରୀ, ବାଲେଶ୍ୱର, ଭଦ୍ରଖ ଗସ୍ତ ସାରି ପହଞ୍ଚିଥିଲେ କଟକରେ। ୨୧ ଡିସେମ୍ବର ରାତିରେ ମାଡ୍ରାସ ମେଲ୍‌ରେ କଟକ ଛାଡ଼ିଥିଲେ।

**ଉତ୍କଳ ଗୌରବଙ୍କ ଅନୁରୋଧ ରଖିଲେ :** ୧୯୨୫ ବେଳକୁ କଂଗ୍ରେସ କାର୍ଯ୍ୟକ୍ରମ ମାନଙ୍କରୁ ଟିକିଏ ଦୂରେଇ ସଙ୍ଗଠନ କାମ ଓ କୁଟୀରଶିଳ୍ପର ପ୍ରସାର ଦିଗରେ ଅଧିକ ସମୟ ଦେବା ପାଇଁ ମହାତ୍ମା ନିଷ୍ପତ୍ତି ନେଇସାରିଥିଲେ। ସେହି ସମୟରେ ଓଡ଼ିଶାରେ ଏଭଳି କାର୍ଯ୍ୟ ମାନଙ୍କୁ ଗୁରୁତ୍ୱ ଦେଉଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ମଧୁସୂଦନଙ୍କ ଅନୁରୋଧରେ ଦ୍ୱିତୀୟ ଥର ପାଇଁ ମହାତ୍ମାଙ୍କ ପାଦ ଓଡ଼ିଶାରେ ପଡ଼ିଲା। ସେ ୧୯ ଅଗଷ୍ଟ ୧୯୨୫ରେ ରେଳରେ ଆସି କଟକରେ ପହଞ୍ଚିଥିଲେ। ସଙ୍ଗରେ ଥିଲେ ବ୍ୟକ୍ତିଗତ ସଚିବ ମହାଦେବ ଦେଶାଇ, କାଲକାତାର ବିତ୍ତଶାଳୀ ମାରୱାଡ଼ୀ ବ୍ୟବସାୟୀ ରଙ୍ଗଲାଲ। ଷ୍ଟେସନରୁ ପାଛୋଟି ଆଣିଥିଲେ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁ। ମହାତ୍ମା କଟକ ଚାଉଳିଆଗଞ୍ଜସ୍ଥିତ ଉତ୍କଳ ଟାନେରୀ ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟ କରୁଥିବା ଅଛୁଆଁ ଶ୍ରମିକଙ୍କ ସହ କିଛି ସମୟ ବିତାଇଥିଲେ। ପୁଣି ସାବରମତୀରେ ଗୋଟିଏ ଟାନେରୀ ପ୍ରତିଷ୍ଠା କରିବା ପାଇଁ ମଧୁବାବୁଙ୍କ ପରାମର୍ଶ ନେଇଥିଲେ। ୨୦ ଅଗଷ୍ଟରେ କଟକସ୍ଥିତ କୁଷ୍ଠାଶ୍ରମ ପରିଦର୍ଶନ କରିଥିଲେ।

**ସମ୍ବଲପୁରରେ ବାପୁ:** ୧୯୨୧-୨୮ ମଧ୍ୟରେ ମହାତ୍ମା ତିନି ତିନି ଥର ଓଡ଼ିଶା ଗସ୍ତରେ ଆସିଥିଲେ ହେଁ ସମ୍ବଲପୁରରେ ତାଙ୍କର ପାଦ ପଡ଼ି ନଥିଲା। ଏହି କାରଣରୁ ସମ୍ବଲପୁରବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ଗଭୀର ଦୁଃଖ। ଅସହଯୋଗ ଆନ୍ଦୋଳନକୁ ସମ୍ବଲପୁର ବାସୀଙ୍କ ଅବଦାନ ସମ୍ପର୍କରେ ମହାତ୍ମା ନାନା କଥା ଶୁଣିଥିଲେ। ତେଣୁ ସମ୍ବଲପୁରବାସୀଙ୍କ ଦାବିକୁ ସମ୍ମାନ ଦେଇ ମୁମ୍ବଇରୁ କାଲକାତା ଯିବା ବାଟରେ ୨୨ ଡିସେମ୍ବର ୧୯୨୮ରେ ଝାରସୁଗୁଡ଼ା ଷ୍ଟେସନରେ ଓହ୍ଲାଇ ସମ୍ବଲପୁର ଆସିଥିଲେ। ମହାନଦୀ ବାଲିରେ ସାଧାରଣ ସଭା ହୋଇଥିଲା। ଦାରିଦ୍ର ଦୂରୀକରଣ ପାଇଁ ଖଦୀର ଗୁରୁତ୍ୱ ବୁଝାଇଥିଲେ। ସନ୍ଧ୍ୟାରେ ମହିଳା ସଭାରେ ବକ୍ତବ୍ୟ ରଖି କାଲକାତା ଯାତ୍ରା କରିଥିଲେ।

**ହରିଜନ ଯାତ୍ରା:** ୭ ନଭେମ୍ବର ୧୯୩୩ରେ ମହାତ୍ମା ଅସ୍ପୃଶ୍ୟତା ବିରୋଧରେ ହରିଜନ ଯାତ୍ରା ଆରମ୍ଭ କରିଥିଲେ। ୧୯୩୪ ଅଗଷ୍ଟରେ ଏହି ଯାତ୍ରା ଶେଷ ହୋଇଥିଲା। ଏହି ଦଶ ମାସରେ ସେ ୧୨୦୦ ମାଇଲ ବୁଲିଥିଲେ, ସେଥିରୁ ୧୫୬ ମାଇଲ ପାଦରେ ଚାଲି ଚାଲି। ଏହି କାଳରେ ହରିଜନଙ୍କ ଉନ୍ନତି ପାଇଁ ୧୦ ଲକ୍ଷରୁ ଅଧିକ ଟଙ୍କା ସଂଗ୍ରହ କରିଥିଲେ। ଏହି ଉପଲକ୍ଷେ ସେ ଓଡ଼ିଶାରେ ବ୍ୟାପକ ଭାବେ ଗସ୍ତ କରିଥିଲେ। ପ୍ରଥମେ ୧୨ ଦିନ କଟାଇବେ ବୋଲି ସ୍ଥିର ହୋଇଥିଲା। ତେବେ ଓଡ଼ିଶାରେ ବୁଲୁ ବୁଲୁ ୨୧ ଦିନ ବିତିଯାଇଥିଲା। ବିହାରରୁ ବାହାରି ମେ ୫ରେ ପହଞ୍ଚିଥିଲେ ଝାରସୁଗୁଡ଼ାରେ। ତାହାପରେ ଅନୁଗୁଳ। ଅନୁଗୁଳ ସେତେବେଳେ ଥିଲା ଏକ ବିଚିତ୍ର ଇଲାକା। ଆଇନକାନୁନ୍ ବୋଲି କିଛି ନଥିଲା। ହାକିମଙ୍କ ତୁଣ୍ଡରୁ ଯାହା ବାହାରିବ ତାହା ଥିଲା ଆଇନ। ମହାତ୍ମାଙ୍କୁ କେହି ଆଶ୍ରୟ ଦେଇପାରିବେ ନାହିଁ ବୋଲି ଘୋଷଣା କରାଯାଇଥିଲା। ଅନୁଗୁଳ ଦେଇ ନ ଯିବା ପାଇଁ ତାଙ୍କୁ କେହି କେହି ଉପଦେଶ ଦେଇଥିଲେ। ତାହା ଶୁଣି ମହାତ୍ମା କହିଥିଲେ ଆଶ୍ରୟ ନ ମିଳିଲେ ଗଛ ମୂଳେ ରହିବି। ସେ ଅନୁଗୁଳରେ ସଭା କରିଥିଲେ ଏବଂ ତାଙ୍କ ପାଇଁ ତମ୍ବୁର ବ୍ୟବସ୍ଥା କରାଯାଇଥିଲା। ହରିଜନ ଯାତ୍ରା କାଳରେ ଓଡ଼ିଶାର ମୋଟ ଛପନଟି ସ୍ଥାନରେ ସେ ସଭା କରିଥିଲେ। ପୁରୀରେ ପଦଯାତ୍ରା କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ ସ୍ୱରୂପ ତାଙ୍କୁ ସମ୍ମାନ ଜଣାଇବା ସହ ଏହାକୁ ସ୍ମାରକୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ ହେଉଛି। ଚଳିତ ବର୍ଷ ୧୮ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରବାସରେ ଥିବା ଭାରତୀୟମାନେ ନିଜ ଅନୁଭୂତି ଓ ଅନୁଭବ ରଖିବା ସହ ବିକଶିତ ଭାରତ ତିଆରି ପାଇଁ ନୂଆ ନକ୍ସା ତିଆରି ହେବ। ସର୍ବୋପରି ମହାନ ଭାରତୀୟ ସଂସ୍କୃତି, ଗଣତନ୍ତ୍ର ଓ ସମ୍ବିଧାନକୁ ସମ୍ମାନ ପୂର୍ବକ ଆଜି ସମଗ୍ର ବିଶ୍ୱରେ ଭାରତୀୟମାନେ ନିଜ ନିଜ ପ୍ରତିଭାକୁ ନେଇ ବିଶ୍ୱ ଦରବାରରେ ଭାରତର ଗର୍ବ ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

**ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ**

# ବାର୍ଦ୍ଧକ୍ୟର ଗତିରୋଧ

**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**



ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତ୍ର ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ



ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଞ୍ଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତ୍ର ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ୍ୟ ମାନବ ମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ୍ୟ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ୍ୟ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ୍ୟ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

**କନସଲ୍‌ଟାଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

# ଅଶୋଭନୀୟ ରାଜନୀତି



**କାଳୀ ଦାସ**

ଅଶୋଭନୀୟ ରାଜନୀତି କେବେ ହେଲେ ଶୋଭନୀୟ ନୁହେଁ। ଆଜି କାଲି ରାଜନେତା ମାନେ ଅନେକ ନିମ୍ନ ସ୍ତରୀୟ କଥା କହି ବୋଧ ହୁଏ ଭାବୁଛନ୍ତି ଯେ ସେମାନେ ଶସ୍ତା ଲୋକପ୍ରିୟତା ପାଇବେ। ଦୁଃଖ ର ବିଷୟ ଯେ ସେମାନଙ୍କ ଦଳ ରୁ ଏହି ପରି ବକ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କ ପାଇଁ କୌଣସି ପ୍ରକାର ର କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ଦିଲ୍ଲୀ ନିର୍ବାଚନ ଠିକ୍ ପୂର୍ବ ରୁ ବିଜେପି ବିଧାନସଭା ପ୍ରାର୍ଥୀ ଆମ ଆଦମୀ ପାର୍ଟି ର ବିଧାନସଭା ପ୍ରାର୍ଥୀନୀ ଓ ଦିଲ୍ଲୀ ର ମୁଖ୍ୟମନ୍ତ୍ରୀ ଆତିଶି ସିଂ ଏବଂ କଂଗ୍ରେସ ପାର୍ଟି ର ମହିଳା ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ବି ରୋଧ ରେ ଏହି ପରି କିଛି ମନ୍ତବ୍ୟ ଦେଇଛନ୍ତି ଯାହା କୌଣସି ସଭ୍ୟ ସମାଜ ଗ୍ରହଣ କରିପାରିବ ନାହିଁ। ଦିଲ୍ଲୀ ବିଜେପି ବିଧାନସଭା ପ୍ରାର୍ଥୀ ରମେଶ ବିଧୁଡ଼ି କହିଥିଲେ କି ଆତିଶି ନିଜ ବାପାଙ୍କ ସାଙ୍ଗ୍ୟା କୁ ପରିବର୍ତ୍ତନ କରି ନିଜ ନାମ ପଛ ରେ ଆତିଶି ମାର୍ଲେନା ପରିବର୍ତ୍ତେ ସିଂ ରଖୁଛନ୍ତି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ବିରୋଧ ରେ ମଧ୍ୟ ଭୁଲ ମନ୍ତବ୍ୟ ଦେଇ କହିଛନ୍ତି କି ଦିଲ୍ଲୀର ସଡ଼କ କୁ ପ୍ରିୟଙ୍କା ଗାନ୍ଧୀଙ୍କ ଗାଲ ପରି ସିଏ ତିଆରି କରିବେ।ବିଜେପି ର ଦିଲ୍ଲୀ ବିଧାନସଭା ପ୍ରାର୍ଥୀଙ୍କର ଏହି ମନ୍ତବ୍ୟ ବିରୋଧ ରେ ଆମ ଆଦମୀ ପାର୍ଟି, କଂଗ୍ରେସ ଏବଂ ଆର୍ଜେଡି ପ୍ରଭୃତି ରାଜନୈତିକ ଦଳ ତରଫ ରୁ ଆନ୍ଦୋଳନ କରାଯାଇଥିଲା ଏବଂ ଏହା ସାଙ୍ଗେ ସଙ୍ଗେ ରମେଶ ବିଧୁଡି ଙ୍କ ଇସ୍ତଫା ମଗା ଯାଇଥିଲା।ରମେଶ ବିଧୁଡ଼ିଙ୍କ କୁଶ ପୁତଳିକା ଦାହ କରାଯାଇଥିଲା।।ଆମ ଆଦମୀ ପାର୍ଟି ର ସାଂସଦ ସଞ୍ଜୟ ସିଂ କହିଥିଲେ ଯେ ବିଜେପି ପାର୍ଟି ସଡ଼କ ରେ ମହିଳାଙ୍କୁ ପଇସା ବାଣ୍ଟୁ ଛନ୍ତି ସିଏ କଣ ମହିଳାଙ୍କୁ ସୁରକ୍ଷା ଦେବେ? ବର୍ତ୍ତମାନ କଥା ଉଠୁଛି କି ରାଜନୈତିକ ଦଳର ନେତା ମାନେ ଏହି ପରି ବ୍ୟକ୍ତବ୍ୟ ଯଦି ଦିଅନ୍ତି ତାହେଲେ ଦେଶର ସମ୍ମାନ କଣ ରହିବ? ରାଜନୈତିକ ଦଳର ପ୍ରାର୍ଥୀ ଙ୍କୁ ନିଜ ବକ୍ତବ୍ୟ ଉପରେ ତାଲା ଲଗେଇବା କଥା। କିଛି ବର୍ଷ ତଳେ ବିଜେପି ର ସାଂସଦ ହେମା ମାଲିନି ଉପରେ ଆର୍ଜେଡିର ମୁଖିଆ ଲାଲୁ ପ୍ରସାଦ ଯାଦବ ଏମିତି ଏକ ଟିପ୍ପଣୀ ଦେଇଥିଲେ ଯାହା ପୁରା ଦେଶ ରେ ଚର୍ଚ୍ଚାର ବିଷୟ ହୋଇଥିଲା। ଆର୍ଜେଡି ମୁଖିଆ କହିଥିଲେ ଯେ ବିହାର ର ସଡ଼କ କୁ ସିଏ ହେମା ମାଲିଣୀଙ୍କ ଗାଲ ପରି ତିଆରି କରିବେ।ଲାଲୁ ପ୍ରସାଦଙ୍କ ଏହି ଅଶୋଭନୀୟ ଟିପ୍ପଣୀ ଲାଲୁ ଯାଦବଙ୍କ ଉପରେ ଭାରି ପଡ଼ିଥିଲା।ହେମା ମାଲିନୀ ଗଣ ମାଧ୍ୟମ କୁ କହିଥିଲେ କି ଲାଲୁ ଯାଦବଙ୍କ ଏମିତି ବକ୍ତବ୍ୟ ଆମ ଦେଶ ପାଇଁ ଶୋଭୋନୀୟ ନୁହେଁ। ରାଜନୈତିକ ଦଳର ଲୋକ ମାନେ କାହିଁକି ମନ ଇଛା ବକ୍ତବ୍ୟ ଦେଇଥାନ୍ତି? ଏହି ବକ୍ତବ୍ୟ ଗୁଡ଼ିକ ସାମାଜିକ ବା ବ୍ୟକ୍ତିବିଶେଷଙ୍କୁ କୌଣସି ପ୍ରକାର ସମ୍ମାନ ଦିଏ ନାହିଁ।ଏହା ଦ୍ୱାରା ଦେଶ ର ସମ୍ମାନ କ୍ଷତି ହୁଏ। ରାଜନୈତିକ ଦଳର ବ୍ୟକ୍ତି ମାନେ ନିଜର ବ୍ୟକ୍ତବ୍ୟ ଓ ବିଚାର କୁ ମାର୍ଜିତ କରିବା ଉଚିତ ଓ ନିଜ ଜିଭ ଉପରେ ଲଗାମ ଦେବା କଥା।

**ଖୋଦାସିଂ କଳିଙ୍ଗନଗର**
**ମୋବାଇଲ୍: ୭୨୦୫୧୦୦୮୩୯**

### ତାମିଲନାଡୁ ବିଧାନସଭାରେ ହାଇଡ୍ରାମା

# ବାଜିଲାନି ଜାତୀୟ ସଙ୍ଗୀତ, ରାଜ୍ୟପାଳ କ୍ଷୁବ୍ଧ



**ଚେନ୍ନାଇ,୬।୧:** ସୋମବାର ତାମିଲନାଡୁ ବିଧାନସଭାରେ ହାଇ ଭୋଲ୍‌ଟେଜ୍ ଡ୍ରାମା ଦେଖିବାକୁ ମିଳିଛି। କ୍ରୋଧ ଜର୍ଜରିତ ହୋଇ ରାଜ୍ୟପାଳ ବିଧାନସଭାକୁ ସମ୍ବୋଧନ କରିବାକୁ ମନା କରିବା ସହ ଗୃହ ଛାଡ଼ି ପଳାଇଯିବା ଭଳି ଦୃଶ୍ୟ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ବିଧାନସଭା ପ୍ରାରମ୍ଭରେ ଜାତୀୟ ସଙ୍ଗୀତକୁ ଅପମାନିତ କରାଯାଇଥିବା ହୃଦୟଙ୍ଗମ କରି ତାମିଲନାଡୁ ରାଜ୍ୟପାଳ ଆର୍‌ଏନ୍ ରବି କ୍ଷୋଭ ପ୍ରକାଶ କରିଥିଲେ। ତାମିଲନାଡୁ ବିଧାନସଭାର ୨୦୨୫ ବର୍ଷର ପ୍ରଥମ ବିଧାନସଭା ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ନିୟମନୁଯାୟୀ, ରାଜ୍ୟପାଳଙ୍କ ସମ୍ବୋଧନ ସହ ଅଧିବେଶନ ଆରମ୍ଭ ହେବାର ଥିଲା। କିନ୍ତୁ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଧିବେଶନ ଆରମ୍ଭରେ ତାମିଲନାଡୁ ସରକାରଙ୍କ ରାଜ୍ୟ ସଙ୍ଗୀତ 'ତାମିଲ ଥାଇ ଭାଜାଥୁ' ଗାନ କରାଯାଇଥିଲା। ଏହାପରେ ରାଜ୍ୟପାଳ ଜାତୀୟ ସଙ୍ଗୀତ ବଜାଇବାକୁ ଦାବି କରିଥିଲେ। କିନ୍ତୁ ତାଙ୍କର ଏହି ଦାବିକୁ ଗ୍ରହଣ କରାନଯିବାରୁ ଏଥିରେ ଶ୍ରୀ ରବି କ୍ଷୋଭ ପ୍ରକାଶ କରିବା ସହ ବିଧାନସଭା ଅଧିବେଶନକୁ ସମ୍ବୋଧିତ ନ କରି କକ୍ଷ ତ୍ୟାଗ କରିଥିଲେ।

ଏହି ବିବାଦ ସମ୍ପର୍କରେ ତାମିଲନାଡୁ ରାଜଭବନ ତରଫରୁ ଏକ ବିବୃତ୍ତି ଜାରି ହୋଇଛି। ସୋଶାଲ ମିଡିଆରେ ଶେୟାର ହୋଇଥିବା ଉକ୍ତ ବିବୃତ୍ତିରେ ରାଜ ଭବନ ତରଫରୁ କୁହାଯାଇଛି ଯେ ତାମିଲନାଡୁ ବିଧାନସଭାରେ 'ଭାରତର ସମ୍ବିଧାନ ଓ ଜାତୀୟ ସଙ୍ଗୀତ ପୁଣି ଥରେ ଅପମାନିତ ହୋଇଛି। ସମ୍ବିଧାନର ପ୍ରଥମ ମୌଳିକ କର୍ତ୍ତବ୍ୟ ଜାତୀୟ ସଙ୍ଗୀତ ପ୍ରତି ସମ୍ମାନ। ସମସ୍ତ ରାଜ୍ୟ ବିଧାନସଭା ଅଧିବେଶନର ପ୍ରାରମ୍ଭ ଏବଂ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଉଛି। ଏହି କ୍ରମରେ ଆଜି ଯେତେବେଳେ ରାଜ୍ୟପାଳ ଗୃହରେ ପହଞ୍ଚିଥିଲେ ସେତେବେଳେ କେବଳ 'ତାମିଲ ଥାଇ ଭାଜଥୁ' ଗାନ କରାଯାଇଥିଲା। ରାଜ୍ୟପାଳ ସମ୍ମାନର ସହ ଗୃହକୁ ଏହାର ସାମ୍ବିଧାନିକ କର୍ତ୍ତବ୍ୟ ବିଷୟରେ ମନେ ପକାଇ ଜାତୀୟ ସଙ୍ଗୀତ ବଜାଇବାକୁ ଦାବି କରିଥିଲେ। କିନ୍ତୁ ତାଙ୍କ ଆବେଦନକୁ ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ ଓ ବିଧାନସଭା ବାଚସ୍ପତି ପ୍ରତ୍ୟାଖ୍ୟାନ କରିଥିଲେ। ଏହା ନିଶ୍ଚିତ ଭାବେ ଏକ ଚିନ୍ତାର ବିଷୟ। ଏଭଳି ପରିସ୍ଥିତିରେ ଜାତୀୟ ସଙ୍ଗୀତ ତଥା ଭାରତୀୟ ସମ୍ବିଧାନର ଅପମାନର ଅଂଶବିଶେଷ ନ ହୋଇ ରାଜ୍ୟପାଳ ଅସନ୍ତୋଷ ବ୍ୟକ୍ତ କରି ଗୃହ ଛାଡ଼ିଥିବା ଉକ୍ତ ବିବୃତ୍ତିରେ କୁହାଯାଇଛି।

ସୂଚନାଯୋଗ୍ୟ ଯେ ଗତ ଦୁଇ ବର୍ଷ ହେଲା ତାମିଲନାଡୁ ବିଧାନସଭା ଅଧିବେଶନରେ ରାଜ୍ୟପାଳଙ୍କ ସମ୍ବୋଧନ ସମୟରେ ବିବାଦ ଦେଖାଯାଇଆସିଛି। ଗତ ଥର ରାଜ୍ୟପାଳ ନିଜ ଅଭିଭାଷଣ ସମୟରେ ସରକାରଙ୍କ ବୟାନର କିଛି ଧାଡ଼ି ପଢ଼ିବାକୁ ମନା କରିଦେବାରୁ ଏହାକୁ ନେଇ ଅନେକ ବିବାଦ ଦେଖାଦେଇଥିଲା। ଅନ୍ୟପକ୍ଷରେ ଚଳିତ ବିଧାନସଭା ଅଧିବେଶନରେ ଉତ୍ତେଜନା ଆଶଙ୍କା କରାଯାଉଛି। କାରଣ ତାମିଲନାଡୁର ଆନ୍ନା ୟୁନିର୍ଭସିଟି ଶିକ୍ଷାର୍ଥୀଙ୍କ ପ୍ରତି ହୋଇଥିବା ଦୁଷ୍କର୍ମ ମାମଲାରେ ବିରୋଧୀ ଦଳ ରାଜ୍ୟ ସରକାରଙ୍କୁ ଘେରିବାର ଯଥେଷ୍ଟ ସମ୍ଭାବନା ରହିଛି। ତା'ଛଡ଼ା ଆଜି ରାଜ୍ୟପାଳ ପ୍ରକାଶ କରିଥିବା ଅସନ୍ତୋଷ ହେତୁ ମଧ୍ୟ ହଙ୍ଗାମା ଆହୁରି ବଢ଼ିପାରେ।



ମହିଳା ଭୋଟରଙ୍କ ପାଇଁ କଂଗ୍ରେସର ଘୋଷଣା

# ପ୍ରିୟ ଦିଦି ଯୋଜନାରେ ମହିଳାଙ୍କୁ ମିଳିବ ୨.୫ ହଜାର

**ନୂଆଦିଲ୍ଲୀ,୬।୧:** ଦିଲ୍ଲୀରେ ଦୀର୍ଘ ବର୍ଷ ହେବ କ୍ଷମତାଠାରୁ ଦୂରେଇ ରହିଥିବା କଂଗ୍ରେସ ଆସନ୍ତା ମାସରେ ହେବାକୁ ଥିବା ନିର୍ବାଚନରେ ଭୋଟର୍‌ମାନଙ୍କୁ ଦଳ ପ୍ରତି ଆକର୍ଷିତ କରିବା ସକାଶେ ନୂଆ ଥୋପ ପକାଇଛି। ଆଜି ଏଠାରେ ଦଳ ପକ୍ଷରୁ ଆଗାମୀ ନିର୍ବାଚନରେ ଦଳକୁ ବିଜୟୀ କରାଇଲେ ମହିଳା ଭୋଟର୍‌ମାନଙ୍କୁ 'ପ୍ରିୟ ଦିଦି' ଯୋଜନାରେ ସାମିଲ୍ କରାଯିବ ଓ ଏଥିରେ ପ୍ରତି ମହିଳାଙ୍କୁ ଅଢ଼େଇ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏହି ଯୋଜନା ସମ୍ପର୍କରେ ଘୋଷଣା କରିବା ସହ କଂଗ୍ରେସ ଦିଲ୍ଲୀରେ ନିଶ୍ଚିତ ଭାବେ କ୍ଷମତା ଦଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଦଳ ଦିଲ୍ଲୀରେ ସରକାର ଗଠନ କରିବା କ୍ଷଣି ଏହି ଯୋଜନା କାର୍ଯ୍ୟକାରୀ କରିବ। ପ୍ରଥମ କ୍ୟାବିନେଟରେ ଏହି ଯୋଜନାରେ ମୋହର ଲାଗିବ ଏବଂ କର୍ଣ୍ଣାଟକା ଭଳି ଦିଲ୍ଲୀରେ ମଧ୍ୟ ମହିଳାମାନଙ୍କୁ ମାସିକ ୨୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ବୋଲି ଶିବକୁମାରର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘୋଷଣା କାର୍ଯ୍ୟକ୍ରମରେ ଦିଲ୍ଲୀ କଂଗ୍ରେସ ମୁଖ୍ୟ ଦେବେନ୍ଦ୍ର ଯାଦବ, ପ୍ରଭାରୀ କାଜି ନିଜାମୁଦ୍ଦିନ ଓ ଅନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ପ୍ରାୟ ସମାନ ଯୋଜନା ଦିଲ୍ଲୀରେ ଲାଗୁ କରିବା ପାଇଁ 'ଆପ'ର ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ ଘୋଷଣା କରିଥିଲେ। କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ମହିଳା ସମ୍ମାନ ଯୋଜନାରେ ମହିଳାମାନଙ୍କୁ ମାସିକ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ତାଙ୍କ ଘୋଷଣାରେ କେଜ୍ରିୱାଲ୍ କହିଥିଲେ ଯେ ନିର୍ବାଚନ ପରେ ମହିଳାଙ୍କୁ ଏହି ଯୋଜନାରେ ୧ ହଜାର ଟଙ୍କା ପରିବର୍ତ୍ତେ ୨୧୦୦ ଟଙ୍କା ମିଳିବ। ଏବେ କଂଗ୍ରେସ 'ପ୍ରିୟ ଦିଦି' ଯୋଜନା ଘୋଷଣା କରି 'ଆପ୍'କୁ ଚେକ୍ ଦେବାକୁ ଉଦ୍ୟମ କରିଛି ବୋଲି କହିଲେ ଭୁଲ୍ ହେବନାହିଁ। ସୂଚନାଯୋଗ୍ୟ ଯେ ଆସନ୍ତା ମାସରେ ଦିଲ୍ଲୀର ସମସ୍ତ ୭୦ଟି ବିଧାନସଭା ଆସନ ପାଇଁ ଭୋଟିଂ ହେବାର ସମ୍ଭାବନା ରହିଛି। ଏଥିରେ ବାଜିମାତ୍ କରିବା ସକାଶେ ପ୍ରତିଟି ରାଜନୈତିକ ଦଳ ସେମାନଙ୍କ ପ୍ରତିଶ୍ରୁତି ପ୍ରଦାନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ବିଗତ ନିବାଚନଗୁଡ଼ିକରେ ମହିଳାମାନଙ୍କ ଭୋଟ୍ ନିର୍ଣ୍ଣାୟକ ହୋଇଥିବାରୁ ରାଜନୈତିକ ଦଳଗୁଡ଼ିକ ମହିଳା କାର୍ଡ ଖେଳିବାକୁ ଅଧିକ ପସନ୍ଦ କରୁଛନ୍ତି।

## ମଝି ଆକାଶରେ ବିମାନରେ ନିଆଁ, ଯାତ୍ରୀ ସୁରକ୍ଷିତ

**କାଠମାଣ୍ଡୁ,୬।୧:** ମଝି ଆକାଶରେ ଖେଳିଗଲା ଆତଙ୍କ। ବିମାନରେ ଇଞ୍ଜିନରେ ଲାଗିଲା ନିଆଁ। ଛାନିଆ ହୋଇଗଲେ ଯାତ୍ରୀ। କୌଣସି ଅଘଟଣ ଘଟିବା ପୂର୍ବରୁ ବିମାନକୁ ଏମରଜେନ୍ସି ଲ୍ୟାଣ୍ଡିଂ କରାଇଲେ ପାଇଲଟ। ଫଳରେ ଅଳପକେ ବର୍ତ୍ତିଗଲା ଜୀବନ। ଏଭଳି କିଛି ଘଟଣା ଘଟିଛି ନେପାଳର ରାଜଧାନୀ କାଠମାଣ୍ଡୁରେ। କାଠମାଣ୍ଡୁର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଦ୍ଧ ଏୟାରଲାଇନ୍ସର ଏକ ବିମାନ ଜରୁରୀ ଅବତରଣ କରିଛି। ବିମାନଟିର ଡାହାଣ ଇଂଜିନ୍‌ରେ ନିଆଁ ଲାଗିବା ପରେ ଏହାକୁ ଏମରଜେନ୍ସି ଲ୍ୟାଣ୍ଡିଂ କରାଇଛନ୍ତି ପାଇଲଟ। ଏହି ବିମାନରେ କ୍ରୁ ମେମ୍ବରଙ୍କ ସମେତ ମୋଟ ୭୬ ଜଣ ଯାତ୍ରୀ ଥିଲେ। ବୁଦ୍ଧ ଏୟାରଲାଇନ୍ସ ତରଫରୁ ଦିଆଯାଇଥିବା ସୂଚନା ମୁତାବକ, ବିମାନ ସଂଖ୍ୟା ୯୫୩ ଆଜି କାଠମାଣ୍ଡୁରୁ ଭଦ୍ରାପୁର ଯାଉଥିଲା। ତେବେ ମଝି ଆକାଶରେ ବିମାନର ଡାହାଣ ଇଂଜନିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହାପରେ ବିମାନଟିକୁ ପାଇଲଟ ସକାଳ ୧୧ଟା ୧୫ ମିନିଟ୍‌ରେ ତ୍ରିଭୁବନ ବିମାନ ବନ୍ଦରରେ ଏମରଜେନ୍ସି ଲ୍ୟାଣ୍ଡିଂ କରାଇଥିଲେ। ତେବେ ଏହି ଘଟଣାରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି। ଲ୍ୟାଣ୍ଡିଂ ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବହାରକୁ ଅଣାଯାଇଥିଲା। ବର୍ତ୍ତମାନ ଟେକ୍‌ନିକାଲ ଟିମ୍ ବିମାନର ଯାଞ୍ଚ କରୁଛନ୍ତି। ଅନ୍ୟ ଏକ ବିମାନ ଯୋଗୁ ଭଦ୍ରାପୁରକୁ ଯାତ୍ରୀ ପଠାଇବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ବୁଦ୍ଧ ଏୟାରଲାଇନ୍ସ କହିଛି।

## ଦୁଇ ପିଲାଙ୍କୁ ମାରି ଝୁଲିପଡ଼ିଲେ ଦମ୍ପତି

**ବେଙ୍ଗାଲୁରୁ,୬।୧:** ନିଜର ଦୁଇ ନିରୀହ ପିଲାଙ୍କ ଜୀବନ ନେବା ସହ ଶେଷରେ ନିଜ ନିଜକୁ ବି ଶେଷ କରିଦେଇଛନ୍ତି ବେଙ୍ଗାଲୁରୁର ଜନୈକ ଦମ୍ପତି। ସଫ୍ଟୱେୟାର କନସଲଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି ଜଣକ ପ୍ରଥମେ ତାଙ୍କର ୫ ବର୍ଷୀୟା କନ୍ୟା ଓ ୨ ବର୍ଷର ପୁଅକୁ ନିଜ ହାତରେ ହତ୍ୟା କରିଥିଲେ। ଏହାପରେ ସ୍ୱାମୀ ଓ ସ୍ତ୍ରୀ ଜୀବନ ହାରିବା ଭଳି ଅଭାବନୀୟ ଘଟଣା କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରେ ଘଟିଛି। ବନ୍ଦ ଘର ଭିତରୁ ପୁଲିସ୍ ୪ଟିଯାକ ମୃତଦେହ ଉଦ୍ଧାର କରିବା ପରେ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ବନ୍ଦ ଘର ଭିତରୁ ୩୮ ବର୍ଷୀୟ ଅନୂପ କୁମାର, ତାଙ୍କ ପତ୍ନୀ ରାକ୍ଷୀ, ଝିଅ ଅନୁପ୍ରିୟା ଓ ପୁଅ ପ୍ରିୟାଂଶଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅନୂପଙ୍କ ଘର ଉତ୍ତର ପ୍ରଦେଶର ପ୍ରୟାଗରାଜରେ ହୋଇଥିବା ବେଳେ ସେ ଏଠାରେ ସଫ୍ଟୱେୟାର କନସଲଟାଣ୍ଟ ଭାବେ କାମ କରୁଥିଲେ। ପରିବାର ସହ ସେ ଏଠାରେ ଭଡ଼ା ଘରେ ରହୁଥିବା ବେଳେ ଉକ୍ତ ଘର ଭିତରୁ ପରିବାରର ୪ଜଣଯାକ ସଦସ୍ୟଙ୍କ ମୃତଦେହ ଉଦ୍ଧାର କରାଯାଇଛି।

ସୋମବାର ସକାଳେ ଅନୂପଙ୍କ ଘରକୁ ଘରୋଇ ସହାୟକ ଆସିଥିଲେ। ସେ ଘରର କବାଟ ବାଡ଼େଇଥିଲେ ହେଁ କେହି ଉତ୍ତର ଦେଇନଥିଲେ। ପରେ ସେ ଫୋନ୍ କରିଥିଲେ ବି କୌଣସି ଜବାବ ନ ପାଇବାରୁ ସେ ତୁରନ୍ତ ଏ ସମ୍ପର୍କରେ ପଡ଼ୋଶୀଙ୍କୁ ଖବର ଦେଇଥିଲେ। ପରେ ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଭିତରେ ପ୍ରବେଶ କରି ଘର ଭିତରେ ୪ ଜଣଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲା। ପ୍ରାଥମିକ ତଦନ୍ତ ଅନୁସାରେ, ଅନୂପ ଓ ରାକ୍ଷୀ ନିଜର ଦୁଇ ପିଲାଙ୍କୁ ବିଷମିଶା ଖାଦ୍ୟ ଦେଇଥିଲେ। ପରେ ସେମାନେ ବେକରେ କପଡ଼ା ବାନ୍ଧି ଝୁଲିପଡ଼ିଥିଲେ। ଉଭୟ ସ୍ୱାମୀ-ସ୍ତ୍ରୀ ବଡ଼ ଝିଅ ଅନୁପ୍ରିୟାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସବୁବେଳେ ଚିନ୍ତାରେ ରହୁଥିଲେ। ସମ୍ଭବତଃ ଏହି କାରଣ ସେମାନଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ ବାଧ୍ୟ କରିଥିବା କୁହାଯାଉଛି।

## ହସିନାଙ୍କ ବିରୋଧରେ ପୁଣି ଜାରି ହେଲା ଗିରଫ ପରୱାନା

**ଢାକା, ୬।୧:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ଢାକାର ଗୋଟିଏ କୋର୍ଟ ଦ୍ୱିତୀୟ ଥର ପାଇଁ ଗିରଫ ପରୱାନା ଜାରି କରିଛନ୍ତି। ବର୍ତ୍ତମାନ ଭାରତରେ ଆଶ୍ରୟ ନେଇଥିବା ହସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ ଥିବା ବେଳେ ବଳପୂର୍ବକ ଲୋକଙ୍କୁ ଗାଏବ କରିବା ସହ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ କୋର୍ଟ ତାଙ୍କ ନାଁରେ ଗିରଫ ପରୱାନା ଜାରି କରିଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ବାଂଲାଦେଶରେ ଭୀଷଣ ଛାତ୍ର ଆନ୍ଦୋଳନ ଦେଖିବାକୁ ମିଳିଥିଲା। ଏହି ଆନ୍ଦୋଳନ ଭୟଙ୍କର ରୂପ ନେବାରୁ ୭୭ ବର୍ଷୀୟ ହସିନା ବାଂଲାଦେଶ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ପୂର୍ବରୁ ତାଙ୍କ ନାଁରେ ମାନବିକତା ବିରୋଧୀ ଅପରାଧ ମାମଲା ରହିଥିଲା। ଅନ୍ତର୍ଜାତୀୟ ଅପରାଧିକ ଟ୍ରିବ୍ୟୁନାଲ(ଆଇସିଟି)ର ମୁଖ୍ୟ ଓକିଲ ତଜୁଲ ଇସଲାମ କହିଛନ୍ତି, ଏବେ ବଳପୂର୍ବକ ଲୋକଙ୍କୁ ଗାଏବ କରିବା ମାମଲାରେ ହସିନାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ହସିନା ୧୫ ବର୍ଷ ଧରି ବାଂଲାଦେଶରେ ଶାସନ କରିଥିଲେ। ଏହି ସମୟରେ ସେ ୫୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷାକର୍ମୀଙ୍କ ଦ୍ୱାରା ଅପହରଣ କରିଥିଲେ।

# ସକାଳେ ଗିରଫ, ମଧ୍ୟାହ୍ନରେ ପିକେଙ୍କୁ ଜାମିନ

**ପାଟନା, ୬।୧:** ଅନଶନରେ ବସିଥିବା ବେଳେ ଭୋର୍ ୪ଟାରେ ଉଠାଇନେଇଥିଲା ପୁଲିସ। ପରେ ସକାଳେ ଗିରଫ କରିଥିଲା। ଏବେ ମଧ୍ୟାହ୍ନରେ ମିଳିଲା ଜାମିନ୍। ଆଉ ଜେଲ୍ ଯିବେନି ଜନ ସୁରଜ ପାର୍ଟିର ମୁଖ୍ୟ ତଥା ନିର୍ବଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ଓରଫ ପିକେ।

### ଗାନ୍ଧୀ ମୈଦାନ ଖାଲିକଲା ପୁଲିସ



ପ୍ରଶାନ୍ତ କିଶୋରଙ୍କୁ ଆଜି ସକାଳେ ପୁଲିସ ଗିରଫ କରିଥିବା ବେଳେ ଏବେ ତାଙ୍କୁ ପାଟନା ସିଭିଲ୍ କୋର୍ଟରୁ ଜାମିନ ମିଳିଛି। ବିହାର ବିପିଏସ୍‌ସି ପ୍ରିଲିମ ପରୀକ୍ଷା ରଦ୍ଦ ଦାବିରେ ଅନିଶ୍ଚିତକାଳ ପାଇଁ ପାଟନା ଗାନ୍ଧୀ ମୈଦାନରେ ପ୍ରଶାନ୍ତ କିଶୋର ଅନଶନରେ ବସିଥିଲେ। ଆଜି ଭୋରୁ ତାଙ୍କୁ ପୁଲିସ ଉଠାଇ ନେଇଥିଲା। ପରେ ତାଙ୍କୁ ଗିରଫ କରାଯିବା ସହ ଗାନ୍ଧୀ ମୈଦାନକୁ ଖାଲି କରାଯାଇଥିଲା। ଗିରଫ ପରେ ପୁଲିସ ତାଙ୍କୁ କୋର୍ଟରେ ହାଜର କରିଥିଲା। କୋର୍ଟ ତାଙ୍କୁ ୨୫ ହଜାର ଟଙ୍କା ବ୍ୟକ୍ତିଗତ ବଣ୍ଡରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତେବେ ପାଟନା ସିଭିଲ କୋର୍ଟରୁ ଜାମିନ ପାଇବା ସତ୍ତ୍ୱେ ପ୍ରଶାନ୍ତ କିଶୋର ବେଲ୍ ବଣ୍ଡ ଦେବାକୁ ରାଜି ନାହାନ୍ତି। ପି.କେ କହିଛନ୍ତି ଯେ ମୁଁ କୌଣସି ଅପରାଧ କରିନାହିଁ। ତେଣୁ ମୁଁ କାହିଁକି ବେଲ୍ ବଣ୍ଡ ଦେବି ବୋଲି ସେ ପ୍ରଶ୍ନ କରିଛନ୍ତି। ଓକିଲମାନେ ତାଙ୍କୁ ମନାଇବା ପାଇଁ ଲାଗି ପଡିଛନ୍ତି।

ପ୍ରଶାନ୍ତ କିଶୋର ବିପିଏସ୍‌ସି ପରୀକ୍ଷା ବାତିଲ କରିବା ଦାବିରେ ଜାନୁଆରୀ ୨ ତାରିଖରୁ ଅନଶନରେ ବସିଥିଲେ। ଏହି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ମୁଁ ଆମରଣ ଅନଶନରେ ବସିବି ବୋଲି ପ୍ରଶାନ୍ତ କହିଥିଲେ। ଡିସେମ୍ବର ୧୩ତାରିଖରେ ବିପିଏସସି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ତେବେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ବାତିଲ କରିବାକୁ ଛାତ୍ରଛାତ୍ରୀମାନେ ମଧ୍ୟ ଦାବି କରି ଆସୁଛନ୍ତି। ଅନେକ ପ୍ରାର୍ଥୀ ଦୁଇ ସପ୍ତାହରୁ ଅଧିକ ସମୟ ଧରି ୨୪ ଘଣ୍ଟିଆ ଧାରଣାରେ ବସିଛନ୍ତି।

# ଡାଟକା କଲା ମାଛ ଦର କୋଟିଏରେ ନିଲାମ



**ଟୋକିଓ, ୬।୧:** ନୂଆବର୍ଷରେ ନୂଆ ରେକର୍ଡ। ଜାପାନର ଟୋକିଓ ସହରର ମାଛ ବଜାରରେ ପ୍ରତିବର୍ଷ ଆୟୋଜିତ ମାଛ ନିଲାମରେ ଏଥର ତାଟକା କରିବା ଭଳି ଏକ ବଡ଼ ରେକର୍ଡ ସୃଷ୍ଟି ହୋଇଛି। ରବିବାର ଟୋକିଓର ଏହି ମାଛ ବଜାରରେ ବ୍ଲୁଫିନ୍ ଟ୍ୟୁନା ମାଛ ନିଲାମ କରାଯାଇଥିଲା, ଯାହାକୁ ୧୧ କୋଟି ଟଙ୍କାରେ ବିକ୍ରି କରାଯାଇଛି। ଏହି ବିଶାଳ ମାଛର ଫଟୋ ଏବେ ସୋଶାଲ ମିଡିଆରେ ମଧ୍ୟ ଖୁବ ଭାଇରାଲ ହେଉଛି। ବିବିସି ରିପୋର୍ଟ ଅନୁଯାୟୀ, ଏହି ମାଛର ଓଜନ ୨୭୬ କିଲୋଗ୍ରାମ ଥିଲା। ପ୍ରାୟତଃ ଏହି ମାଛ ଏକ ମୋଟରସାଇକେଲର ଆକାର ଏବଂ ଓଜନ ସହିତ ସମାନ। ଏହାକୁ ୨୦୭ ନିୟୁତ ଜାପାନୀ ୟେନରେ ନିଲାମ କରାଯାଇଥିଲା, ଯାହାର ଭାରତୀୟ ମୂଲ୍ୟ ପ୍ରାୟ ୧୧ କୋଟି ଟଙ୍କା ହେବ। ଏହି ମାଛକୁ ଓନୋଡେରା ଗ୍ରୁପର ମିଶେଲିନ୍-ତାରକା ସୁଶି ରେଷ୍ଟୁରାଣ୍ଟ କିଣିଛି। ଟ୍ୟୁନା ମାଛର ହାରାହାରି ବୟସ ୪୦ ବର୍ଷ ହୋଇଥାଏ। ଏହା ସମୁଦ୍ରର ଗଭୀର ଜଳରେ ଦ୍ରୁତଗତିରେ ଯିବାର କ୍ଷମତା ରଖିଥାଏ। ୧୯୯୯ ମସିହାରୁ ରେକର୍ଡ ହୋଇଥିବା ତଥ୍ୟ ଅନୁଯାୟୀ, ଟୋକିଓ ମାଛ ମାର୍କେଟରେ ବର୍ଷର ପ୍ରଥମ ନିଲାମୀରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ମୂଲ୍ୟ। ମିଶେଲିନ୍ ଦ୍ୱାରା ଓନଡେରା ଗ୍ରୁପର ସୁଶି ରେଷ୍ଟୁରାଣ୍ଟ ଆରମ୍ଭ କରାଯାଇଥିଲା। ଏହି ରେଷ୍ଟୁରାଣ୍ଟ ଏଥର ଟ୍ୟୁନା ମାଛକୁ ୧୧ କୋଟି ଟଙ୍କା ଦେଇ କିଣିଛି। ଏହି ନିଲାମର ସର୍ବାଧିକ ରେକର୍ଡ ୨୦୧୯ ମସିହାରେ ହୋଇଥିଲା। ସେତେବେଳେ ୨୭୮ କିଲୋଗ୍ରାମ ଓଜନର ଏକ ଟ୍ୟୁନା ମାଛ ୩୩୩.୬ ମିଲିୟନ ୟେନରେ ବିକ୍ରି ହୋଇଥିଲା। ଏହାର ଭାରତୀୟ ମୂଲ୍ୟ ଥିଲା ୧୮ କୋଟିରୁ ଅଧିକ। ହେଲେ ୨୦୧୯ ପରେ ଟୁନା ମାଛ ବିକ୍ରିରେ ବଡ଼ ହ୍ରାସ ଘଟିଥିଲା। କୋଭିଡ-୧୯ ମହାମାରୀ କାରଣରୁ ରେଷ୍ଟୁରାଣ୍ଟ ଗୁଡ଼ିକ ପ୍ରାୟ ବନ୍ଦ ରହିଲା ଏବଂ ଲୋକମାନେ ଖାଇବାକୁ ବାହାରକୁ ଯାଉନଥିଲେ। ତେଣୁ ଟ୍ୟୁନା ମାଛର ଚାହିଦା କମିଯାଇଥିଲା। କିନ୍ତୁ ଏବେ ଏହି ମାଛ ବଜାରରେ ପୁଣି ଟ୍ୟୁନା ମାଛର ଚାହିଦା ବଢ଼ିଛି। ତେଣୁ ଜାପାନର ନୂଆବର୍ଷର ନିଲାମ ପୁଣିଥରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଆରମ୍ଭ କରିଛି।

# ଶ୍ୱାସରୁଦ୍ଧ ହୋଇ ଗୋଟିଏ ପରିବାରର ୫ ମୃତ

**ଶ୍ରୀନଗର,୬।୧:** ବନ୍ଦଘରୁ ୫ ଜଣଙ୍କ ମୃତଦେହ ମିଳିଥିବା ବେଳେ ସେମାନେ ସମସ୍ତେ ଶୋଇଥିବା ଅବସ୍ଥାରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସେମାନେ ଗୋଟିଏ ପରିବାରର ୫ ଜଣ ଓ ସେମାନଙ୍କ ମୃତଦେହ ଗତକାଲି ସ୍ଥାନୀୟ ପୁଲିସ୍ ଉଦ୍ଧାର କରିଛି। ଜମ୍ମୁ-କଶ୍ମୀରର ରାଜଧାନୀ ଶ୍ରୀନଗରରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଥିବା ବେଳେ ଏନେଇ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ପନ୍ଦ୍ରେଥନରେ ଭଡ଼ାରେ ରହୁଥିବା ପରିବାରର ପାଞ୍ଚ ଜଣ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କ ତିନି ପିଲା ଥିବା ଉକ୍ତ ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ଉକ୍ତ ପରିବାରଟି ପନ୍ଦ୍ରାଥନରେ ଭଡ଼ାରେ ରହୁଥିଲେ। ସେମାନେ ମୁଖ୍ୟତଃ ବାରାମୂଳାର ବାସିନ୍ଦା ଥିଲେ। ପୂରା ଅଞ୍ଚଳରେ ଅଧିକ ଥଣ୍ଡା ଜାରି ରହିଥିବାରୁ ଘରେ ସମସ୍ତେ କବାଟ ବନ୍ଦ କରି ଶୋଇଥିଲେ। ତେବେ ଘରେ ଜଳାଯାଇଥିବା ନିଆଁରୁ ଉଠିଥିବା ଧୂଆଁରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ହେଲେ ଏଜାଜ ଅହମ୍ମଦ ଭଟ୍ଟ (୩୮), ତାଙ୍କ ପତ୍ନୀ ସଲୀମା (୩୨) ଏବଂ ଅରିବ (୩), ହମଜା (୧୮) ଓ ଜଣେ ମାସକର ଶିଶୁ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଓ ଉପରାଜ୍ୟପାଳ ମନୋହ ସିହ୍ନା ଗଭୀର ଦୁଃଖ ପ୍ରକାଶ କରି ମୃତକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ସେନା ଗାଡ଼ି ଉପରେ ଆତ୍ମଘାତୀ ହମଲା, ୪୭ ମୃତ



**ଇସଲାମାବାଦ, ୬।୧:** ପାକିସ୍ତାନ ସେନା ଗାଡ଼ି ଉପରେ ଆତ୍ମଘାତୀ ହମଲା। ବିସ୍ଫୋରଣରେ ୪୭ ସୁରକ୍ଷାକର୍ମୀ ନିହତ ହୋଇଛନ୍ତି। ୩୦ରୁ ଅଧିକ ଆହତ ହୋଇଛନ୍ତି। ଆତ୍ମଘାତୀ ହମଲା କରିଥିବା ଦାବି କରିଛି ବେଲୁଚିସ୍ତାନ ଲିବରେସନ୍ ଆର୍ମି। ବେଲୁଚିସ୍ତାନର ତୁର୍ବତ୍ତ ନିକଟରେ ଏହି ବିସ୍ଫୋରଣ ହୋଇଛି। ବିଏଲଏର ଆତ୍ମଘାତୀ ୟୁନିଟ୍ ମଜିଦ ବ୍ରିଗେଡ୍ ପାକିସ୍ତାନ ସେନାର କନଭଏ ଉପରେ ଆତ୍ମଘାତୀ ବିସ୍ଫୋରଣ କରିଥିବା ଦାବି କରିଛି। ତୁର୍ବତ୍ତ ସହରରୁ ୮ କିମି ଭିତରକୁ ବେହମାନ୍ ଅଞ୍ଚଳରେ ଏହି ଘଟଣା ଘଟିଛି। କରାଚି ଅଭିମୁଖେ ଯାଉଥିବା ପାକିସ୍ତାନ ସେନାର ୧୩ଟି ଗାଡ଼ିକୁ ଟାର୍ଗେଟ କରାଯାଇଥିଲା। ଯେଉଁଥିରେ ରହିଥିଲା ୫ଟି ବସ୍ ଓ ୭ଟି ମିଲିଟାରୀ ବସ୍। ବେଲୁଚିସ୍ତାନ ଲିବରେସନ୍ ଆର୍ମି ଦାବି କରିଛି ଗୋଟିଏ ବସ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି। କିଛି ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗୋଟିଏ ମିଲିଟାରୀ ଗାଡ଼ି ଧୂଳିସାତ ହୋଇଥିବା କହିଛି ବିଏଲଏ। ତେବେ ଏନେଇ ପାକିସ୍ତାନ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନି।

### ଏକାଧିକ ଆକ୍ରାନ୍ତ ଚିହ୍ନଟ ପରେ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ

# ମାସ୍କ ପିନ୍ଧିବାକୁ ପରାମର୍ଶ, ମାର୍ଗଦର୍ଶିକା ଜାରି

**ନୂଆଦିଲ୍ଲୀ, ୬।୧:** ଭାରତକୁ ପୁଣି ଡରାଇବା ଆରମ୍ଭ କରିଛି ଚାଇନାରେ ଆତଙ୍କ ଖେଳାଇଥିବା ଏଚଏମପିଭି ଭାଇରସ। କରୋନା ଭଳି ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରୁଥିବା ଏହି ଭାଇରସରେ ଭାରତରୁ ୩ ଜଣ ଚିହ୍ନଟ ହୋଇସାରିଲେଣି। ବେଙ୍ଗାଲୁରୁରେ ୨ ଜଣ ନବଜାତକଙ୍କ ନମୁନାରୁ ଏହି ଭାଇରାସ ଠାବ ହୋଇଛି। ସେହିପରି ଗୁଜରାଟରେ ଜଣଙ୍କ ରିପୋର୍ଟ ପଜି ଟିଭି ଆସିଛି।

ଦେଶରୁ ୩ଟି ଏଚଏମପିଭି ଆକ୍ରାନ୍ତ ହେବାରୁ ବିଭିନ୍ନ ରାଜ୍ୟ ପକ୍ଷରୁ ସ୍ୱାସ୍ଥ୍ୟଗତ ମାର୍ଗଦର୍ଶିକା ଜାରି କରାଯାଇଛି। କର୍ଣ୍ଣାଟକା ସରକାର ଭିଡ଼ ସ୍ଥାନରେ ମାସ୍କ ଲଗାଇବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟର ସମସ୍ତ ହସ୍ପିଟାଲକୁ ସବୁ ପ୍ରକାରର ପରିସ୍ଥିତିର ସାମ୍ନା କରିବାକୁ କହିଛନ୍ତି। ନମୁନା ପରୀକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି।

ସେହିପରି କର୍ଣ୍ଣାଟକାରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲ ପକ୍ଷରୁ ସର୍ଭେଲାନ୍ସକୁ ଜୋରଦାର କରିଛି। ସମାନ୍ୟ କାଶ, କଫ, ଥଣ୍ଡା କିମ୍ବା ଗଳା ଜନିତ ସମସ୍ୟା ରହିଥିବା ପିଲାମାନଙ୍କୁ ସ୍କୁଲ ନ ପଠାଇବାରୁ କର୍ତ୍ତୃପକ୍ଷ ବାପା ମା'ଙ୍କୁ ଅନୁରୋଧ କରିଛନ୍ତି। ଶ୍ରେଣୀ ଶିକ୍ଷକମାନଙ୍କୁ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଗୁଜରାଟ ସରକାର ମଧ୍ୟ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା ଜାରି କରିଛନ୍ତି। ରାଜସ୍ଥାନରୁ ଚିକିତ୍ସା ପାଇଁ ଅହମଦାବାଦ ଆସିଥିବା ଗୋଟିଏ ଛୋଟ ପିଲାର ନମୁନାରୁ ଏଚଏମପିଭି ଭାଇରାସ ଠାବ ହୋଇଛି। ଏହାପରେ ସରକାର ହସ୍ପିଟାଲଗୁଡ଼ିକୁ ଷ୍ଟାଣ୍ଡବାଇରେ ରହିବାକୁ କହିଛନ୍ତି। ସେହିପରି ଆରଟି-ପିସିଆର କିଟ କିଣିବା ସହ ଲକ୍ଷଣ ଥିବା ଲୋକଙ୍କ ଟେଷ୍ଟ କରିବାକୁ ପରାମର୍ଶ ଦେଇଛନ୍ତି। ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ ଏଚଏମପିଭି ଭାଇରସ ଯୋଗୁ ଲୋକେ ଆତଙ୍କିତ ହୋଇଛନ୍ତି। ଶ୍ୱାସକ୍ରିୟା ଜନିତ ମାମଲା ବଢ଼ିବାର ଆଶଙ୍କା ଥିବାରୁ ଦିଲ୍ଲୀର ସ୍ୱାସ୍ଥ୍ୟ ମନ୍ତ୍ରୀ ସୌରଭ ଭରଦ୍ୱାଜ ସମସ୍ତ ହସ୍ପିଟାଲକୁ ପ୍ରସ୍ତୁତ ରହିବାକୁ କହିଛନ୍ତି। ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସେ ଯୁଦ୍ଧକାଳୀନ ଭିତ୍ତିରେ କାମ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ କୌଣସି ପଦକ୍ଷେପ ନେବାରେ ସେମାନେ ବିଳମ୍ବ ନ କରନ୍ତୁ ଓ ଆବଶ୍ୟକ ସ୍ଥଳରେ ଅଧିକାରୀମାନେ ସିଧାସଳଖ ତାଙ୍କ ସହ ଫୋନରେ ମଧ୍ୟ ଯୋଗାଯୋଗ କରିପାରିବେ ବୋଲି ଭରଦ୍ୱାଜ କହିଛନ୍ତି।

ରିପୋର୍ଟ ଅନୁସାରେ ୨୦୦୧ ମସିହାରେ ଏହି ଭାଇରସ ପ୍ରଥମେ ଠାବ ହୋଇଥିଲା। ଏହା କରୋନା ଭଳି। ଏଚଏମପିଭିରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ସାଧାରଣତଃ କାଶ, ଜ୍ୱର, ନାକ ବନ୍ଦ ହୋଇଯାଇଥାଏ। ନିଶ୍ୱାସ ଓ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖା ଦେଥାଏ। ୫ ବର୍ଷରୁ କମ୍ ବୟସ୍କ ପିଲାମାନେ ଏହି ରୋଗରେ ବେଶୀ ଆକ୍ରାନ୍ତ ହେବାର ନଜିର ରହିଛି। ଏଯାଏ ଏଚଏମପିଭି ବିରୋଧରେ କୌଣସି ଟିକା ତିଆରି ହୋଇନି।

## ସିଡନୀ ଟେଷ୍ଟ ସରିବା ପରେ

# ଅଷ୍ଟ୍ରେଲିଆରେ ଫସିଛି ଟିମ୍ ଇଣ୍ଡିଆ



**ନୂଆଦିଲ୍ଲୀ,୬।୧:** ଅଷ୍ଟ୍ରେଲିଆରେ ଫସିଛନ୍ତି ଟିମ୍ ଇଣ୍ଡିଆର ଖେଳାଳି। ସିଡନୀ ଟେଷ୍ଟ ୫ ଦିନ ବଦଳରେ ୩ ଦିନରେ ସରିବା ପରେ ଘରକୁ ଫେରିବାକୁ ହେଉଛି ବିଳମ୍ବ। ୭ ଜାନୁଆରୀରେ ଖେଳ ସରିବା ପରେ ୮ରେ ଭାରତ ଫେରିଥାନ୍ତା ଟିମ୍ ଇଣ୍ଡିଆ। କିନ୍ତୁ ମ୍ୟାଚ୍ ୨ ଦିନ ପୂର୍ବରୁ ସରିବା କାରଣରୁ ଟିମ୍ ଏବେ ଅଷ୍ଟ୍ରେଲିଆରେ ଅଛି। ଶୀଘ୍ର ଫେରିବାକୁ ଏବେ ଟିକେଟ ମିଳୁନି। ଶେଷ ହୋଇଛି ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି। ୫ଟି ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜରେ ୩-୧ ରେ ହାରିଛି ଭାରତ। ଏହା ସହିତ ଟ୍ରଫିକୁ ଗତ ୭ ବର୍ଷ ଧରି ନିଜ ପାଖରେ ରଖିଥିବା ଭାରତକୁ ଲାଗିଛି ବଡ଼ ଝଟକା। ଅଷ୍ଟ୍ରେଲିଆ ହାତକୁ ଚାଲି ଯାଇଛି ଏହି ଟ୍ରଫି। ୫ ଦିନିଆ ସିଡନୀ ଟେଷ୍ଟ ସିରିଜ୍ ୩ ଦିନରେ ସରିଛି। ତେଣୁ ଭାରତର ଖେଳାଳି ଭାରତ ଫେରିବାକୁ ଚାହୁଁଛନ୍ତି। ହେଲେ ଆସିବାକୁ ମିଳୁନି ଟିକେଟ। କାରଣ ୭ ରେ ଖେଳ ସରିଥିଲେ ଟିମ୍ ୮ ରେ ଫେରିଥାନ୍ତା। ଖେଳ ଆଗୁଆ ସରିବା କାରଣରୁ ସେଠାରେ ଫସି ରହିଛି ଟିମ୍। ବିସିସିଆଇ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଫେରିବା ନେଇ ଟିକେଟର ବ୍ୟବସ୍ଥା କରୁଛି। ଯେତେ ଶୀଘ୍ର ଟିକେଟ ମିଳିବ ଖେଳାଳିମାନେ ସ୍ୱଦେଶ ଫେରିବେ। ଟିମ୍ ଇଣ୍ଡିଆ ଆଗକୁ ଘରକୁ ଫେରିବାକୁ ଚାହୁଁଛି। ତେବେ ତୁରନ୍ତ ଟିକେଟ ନମିଳିବା ତାଙ୍କ ପାଇଁ

### ତୁରନ୍ତ ମିଳୁନି ଫେରିବାର ଟିକେଟ୍

ସାମାନ୍ୟ ଅଡୁଆ ସୃଷ୍ଟି କରିଛି। ମ୍ୟାଚ୍ ଜଲଦି ସରିବା କାରଣରୁ କିଛି ଖେଳାଳି ସେଠାରୁ ଫେରିପାରନ୍ତି। ତେବେ ଏହା ନିର୍ଭର କରେ ତାଙ୍କୁ ଟିକେଟ କେବେ ମିଳୁଛି। ଯଦି ପୂର୍ବ ରେକର୍ଡ ଦେଖାଯାଏ ତେବେ ୨୦୧୪-୧୫ରେ ଅଷ୍ଟ୍ରେଲିଆ ଜିତିଥିଲା ବର୍ଡର-ଗାଭାସ୍କର ଟ୍ରଫି। ଏହାପରେ ୨୦୧୬-୧୭, ୨୦୧୮-୧୯, ୨୦୨୦-୨୧, ୨୦୨୨-୨୩ ବର୍ଡର-ଗାଭାସ୍କର ଟ୍ରଫି ଜିତିଥିଲା ଭାରତ। ସେଥିରୁ ୨୦୧୮-୧୯ ଓ ୨୦୨୦-୨୧ ବର୍ଡର-ଗାଭାସ୍କର ଟ୍ରଫି ଅଷ୍ଟ୍ରେଲିଆରେ ଖେଳା ଯାଇଥିଲା। ହେଲେ ୨୦୨୪-୨୫ ରେ ଖେଳାଯାଇଥିବା ଏହି ଟ୍ରଫିରେ ଭାରତ ପୂର୍ବ ବର୍ଷ ଭଳି ଥର ଦେଖାଇ ପାରିନି ନିଜର ପ୍ରଭାବ।

# ଟ୍ରଫି ପ୍ରଦାନ ଉତ୍ସବକୁ ନଡାକିବାରୁ ଗାଭାସ୍କର ଖପ୍ପା



**ନୂଆଦିଲ୍ଲୀ, ୬।୧:** ବର୍ଡର ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଜିତି ୧୦ ବର୍ଷ ପରେ ଏହି ଟାଇଟଲ୍ ହାତେଇଛି ଅଷ୍ଟ୍ରେଲିଆ। ଏହି ବିଜୟ ସହ କଙ୍ଗାରୁ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ମଧ୍ୟ ପ୍ରବେଶ କରିଛି। ତେବେ ଏହି ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆ ଓ ଭାରତର ଦୁଇ କିମ୍ବଦନ୍ତୀ କ୍ରିକେଟର ଆଲାନ ବର୍ଡର ଓ ସୁନୀଲ ଗାଭାସ୍କରଙ୍କ ନାଁରେ ନାମିତ ହୋଇଥିଲେ ହେଁ ବର୍ଡର ଗାଭାସ୍କର ଟ୍ରଫି ପ୍ରଦାନ କାର୍ଯ୍ୟକ୍ରମକୁ ଗାଭାସ୍କରଙ୍କୁ ନିମନ୍ତ୍ରଣ କରାଯାଇନଥିଲା। ଯାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଅନ୍ତିମ ମ୍ୟାଚରେ ଘରୋଇ ଦଳ ଭାରତକୁ ୬ ୱିକେଟରେ ପରାସ୍ତ କରିଥିଲା। ଏହାପରେ ଆଲାନ ବର୍ଡର ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ହେଲେ ସେହି ସମୟରେ ସୁନୀଲ ଗାଭାସ୍କର ମୈଦାନରେ ଉପଲବ୍ଧ ଥିଲେ ମଧ୍ୟ ତାଙ୍କୁ ଏହି କାର୍ଯ୍ୟକ୍ରମକୁ ଡକାଯାଇନଥିଲା। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରି ଗାଭାସ୍କର କହିଛନ୍ତି ଯେ, ମୁଁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ଯାଇଥିଲେ ଖୁସି ହୋଇଥାଆନ୍ତି। କାରଣ ଏହା 'ବର୍ଡର-ଗାଭାସ୍କର' ଟ୍ରଫି ଏବଂ ଭାରତ ଓ ଅଷ୍ଟ୍ରେଲିଆ ଦୁଇ ଦେଶ ସହ ଜଡ଼ିତ। ମୁଁ ସେହି ଷ୍ଟାଡିୟମରେ ହିଁ ଥିଲି। ଟ୍ରଫି ଅଷ୍ଟ୍ରେଲିଆକୁ ଦିଆଯାଉଛି ବୋଲି ମୋର କୌଣସି ଅସୁବିଧା ନଥିଲା। ସେମାନେ ଭଲ ଖେଳିବାରୁ ଜିତିଲେ। ହେଲେ କେବଳ ମୁଁ ଏକ ଭାରତୀୟ ବୋଲି ମୋତେ ସେଠାକୁ ଡକାଗଲା ନାହିଁ। ବର୍ଡର ମୋର ଭଲ ବନ୍ଧୁ। ତାଙ୍କ ସହ ଟ୍ରଫି ପ୍ରଦାନ କରି ମୁଁ ଖୁସି ହୋଇଥାଆନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧୯୯୬-୧୯୯୭ ମସିହାରୁ ବର୍ଡର-ଗାଭାସ୍କର ଟ୍ରଫି ଖେଳାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆ ଓ ଭାରତର ଦୁଇ କିମ୍ବଦନ୍ତୀ କ୍ରିକେଟର ଆଲାନ ବର୍ଡର ଓ ସୁନୀଲ ଗାଭାସ୍କରଙ୍କ ନାଁରେ ନାମିତ। ବିଶ୍ୱ ଟେଷ୍ଟ କ୍ରିକେଟରେ ଏହା ଏକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ। ଏଭଳି ସ୍ଥଳେ ଗାଭାସ୍କରଙ୍କ ନାଁରେ ନାମିତ ଟୁର୍ଣ୍ଣାମେଣ୍ଟର ଟ୍ରଫି ପ୍ରଦାନ କାର୍ଯ୍ୟକ୍ରମକୁ ତାଙ୍କୁ ନଡାକିବାକୁ ନେଇ ସୋଶାଲ ମିଡିଆରେ ପ୍ରଶଂସକମାନେ ମଧ୍ୟ ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡକୁ ସମାଲୋଚନା କରୁଛନ୍ତି।

## ହକି ଇଣ୍ଡିଆ ଲିଗ୍

# ଲାନ୍‌ସର୍ସର ହ୍ୟାଟ୍ରିକ୍ ପରାଜୟ



**ରାଉରକେଲା, ୬।୧:** ହକି ଇଣ୍ଡିଆ ଲିଗ୍‌ରେ ଘରୋଇ ଦଳ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ହ୍ୟାଟ୍ରିକ୍ ପରାଜୟ ବରଣ କରିଛି। ଏଥିସହ ଲାନ୍‌ସର୍ସ ୮ ଦଳୀୟ ପ୍ରତିଯୋଗିତାର ପଏଣ୍ଟ୍ ତାଲିକାର ସବା ତଳେ ରହିଛି। ରବିବାର ଶକ୍ତିଶାଳୀ ସୁର୍‌ମା ହକି କ୍ଲବ ବିପକ୍ଷରେ ଦଳ ୩-୪ ଗୋଲ୍‌ରେ ହାରି ଯାଇଛି। ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ତାମିଲନାଡୁ ଡ୍ରାଗନ୍ସ ୨-୦ ଗୋଲ୍‌ରେ ୟୁପି ରୁଦ୍ରାସ୍‌କୁ ପରାସ୍ତ କରି ପ୍ରଥମ ବିଜୟ ପାଇଛି। ରବିବାର କଳିଙ୍ଗ ଲାନସର୍ସ ଓ ସୁର୍‌ମା ହକି କ୍ଲବ୍ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। କଳିଙ୍ଗ ଲାନ୍‌ସର୍ସର ଥିଏରି ବ୍ରିଙ୍କ୍‌ମ୍ୟାନ୍ ପଞ୍ଚମ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇ ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ। ତେବେ ସୁର୍‌ମାର ଜେରେମି ହେୱାର୍ଡ ୧୧ତମ ମିନିଟ୍‌ରେ ଗୋଲ୍‌ଟି ଶୁଝି ସ୍ଥିତି ସାମନ କରିଥିଲେ। ୧୫ତମ ମିନିଟ୍‌ରେ ସଞ୍ଜୟଙ୍କ ଗୋଲ୍‌ରେ ପୁଣି କଳିଙ୍ଗ ଆଗୁଆ ହୋଇଥିଲା। ତେବେ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ସୁର୍‌ମା ପ୍ରତ୍ୟାବର୍ତ୍ତନ କରିଥିଲା। ଦଳର ଟୋରି ନିକୋଲାସ ଡେଲା (୩୫ ମିନିଟ୍) ଓ ଅଧିନାୟକ ହର୍ମନପ୍ରୀତ ସିଂହ(୫୦ ମିନିଟ୍)ଙ୍କ ଗୋଲ୍‌ରେ ସୁର୍‌ମା ସ୍ଥିତି ୩-୨ କରିଥିଲା। କଳିଙ୍ଗର ଗୁରସାହିବଜିତ ସିଂହ (୫୧ ମିନିଟ୍) ଗୋଟିଏ ଗୋଲ୍ ଶୁଝି ଦେଇଥିଲେ। ଏହାର ଗୋଟିଏ ମିନିଟ୍ ପରେ ହରିଶ୍ ସୋମପ୍ପା ମୁଟ୍‌ଗାର ମ୍ୟାଚ୍ ବିଜୟୀ ଗୋଲ୍ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ୨-୦ ଗୋଲ୍‌ରେ ୟୁପି ରୁଦ୍ରାସକୁ ପରାସ୍ତ କରିଛି। ବିଜୟୀ ଦଳର ଆଭ୍ରାମ ସୁଦେବ (୪୮) ଓ ଥୋମାସ ଥୋର୍ସବି (୬୦) ଏହି ଦୁଇ ଗୋଲ୍ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ହକି ଇଣ୍ଡିଆ ଲିଗ୍ ପାଇଁ ଦର୍ଶକଙ୍କୁ ନିଶୁଳ୍କ ପ୍ରବେଶ ଘୋଷଣା କରାଯାଇଛି। ପୂର୍ବରୁ ଦର୍ଶକଙ୍କୁ ଅନଲାଇନ୍‌ରେ ଟିକଟ୍ ପଞ୍ଜୀକରଣ କରି ଷ୍ଟାଡିୟମକୁ ପଶିବାକୁ ଅନୁମତି ଦିଆଯାଇଥିଲା। ଏବେ କିନ୍ତୁ ବିନା ପଞ୍ଜୀକରଣରେ ଦର୍ଶକ ସିଧାସଳଖ ଷ୍ଟାଡିୟମ୍‌କୁ ଯାଇ ପଶ୍ଚିମ ଷ୍ଟାଣ୍ଡ୍ ବ୍ୟତୀତ ଅନ୍ୟ ତିନି ଷ୍ଟାଣ୍ଡ୍‌ରେ ବସି ମ୍ୟାଚ୍ ଉପଭୋଗ କରିପାରିବେ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ଜମୁଥିବା ଦର୍ଶକଙ୍କ ଭିଡ଼ ଓ ସେମାନଙ୍କ ଉତ୍ସାହକୁ ଶ୍ରୀ ତିର୍କି ଖୁବ୍ ପ୍ରଶଂସା କରିଛନ୍ତି।

# ସିନିୟର ଖେଳାଳିଙ୍କ ମୁଣ୍ଡରେ ଝୁଲିଲା ଖଣ୍ଡା

## ଘରୋଇ କ୍ରିକେଟ ଖେଳିବେ କି ବିରାଟ-ରୋହିତ ?



**ନୂଆଦିଲ୍ଲୀ,୬।୧:** ବର୍ଡର-ଗାଭାସ୍କର ଟ୍ରଫି ହାରିଲା ପରେ କୋଚ୍ ଗୌତମ ଗମ୍ଭୀରଙ୍କ ବଡ଼ ବୟାନ । କହିଲେ ଟେଷ୍ଟରେ ବେଷ୍ଟ ହେବା ପାଇଁ ଖେଳିବାକୁ ପଡ଼ିବ ଘରୋଇ କ୍ରିକେଟ । ଏବେ ପ୍ରଶ୍ନ ଉଠୁଛି ରଣଜୀ ଟ୍ରଫି ଖେଳିବେ କି ଟିମ୍‌ର ଦୁଇ ବରିଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ? ବର୍ଡର ଗାଭାସ୍କର ଟ୍ରଫି ହାରିବା ପରେ ଏଭଳି ଚର୍ଚ୍ଚା ଏବେ ସୋସିଆଲ ମିଡିଆରେ ଜୋର୍ ଧରିଛି । ବିଶେଷକରି ୧-୩ରେ ସିରିଜ୍ ହାରିବା ପରେ ଦୁଇ ସିନିୟର ଖେଳାଳିଙ୍କ କ୍ୟାରିୟର ଏବେ ବିପଦରେ ପଡ଼ିଥିବାର କୁହାଯାଉଛି । ଅଷ୍ଟ୍ରେଲିଆ ସିରିଜ୍‌ରେ ଫ୍ଲପ୍ ମାରିଲେ ଟିମ୍ ଇଣ୍ଡିଆର ୨ ସିନିୟର ଖେଳାଳି..ବିରାଟ କୋହଲି ଏବଂ ରୋହିତ ଶର୍ମା । ପ୍ରଥମ ଟେଷ୍ଟର ଶତକକୁ ଛାଡ଼ିଦେଲେ ବିରାଟଙ୍କ ବଲ୍ଲା ଆଉ ଚାଲିନଥିଲା । ମେଲବର୍ଣ୍ଣ ଓ ସିଡନୀ ଟେଷ୍ଟରେ କୋହଲିଙ୍କ ଉପରେ ଟିମ୍ ଭରସା କରିଥିବା ବେଳେ କିନ୍ତୁ ଫେଲ୍ ମାରିଥିଲେ କୋହଲି । ରୋହିତଙ୍କ ମଧ୍ୟ ସମାନ ଅବସ୍ଥା। ୩ଟି ଟେଷ୍ଟରେ ଫ୍ଲପ ଯିବା ପରେ ରୋହିତଙ୍କୁ ଅନ୍ତିମ ଟେଷ୍ଟରେ ପ୍ଲେଇଂଙ୍ଗ ଇଲେଭେନରେ ବି ସ୍ଥାନ ମିଳିଲାନି । ତେଣୁ ଉଭୟ ଖେଳାଳି ଏବେ ଘରୋଇ କ୍ରିକେଟ୍ ଖେଳିବା ନେଇ ଚର୍ଚ୍ଚା ହେଉଛି । ଏହାରି ଭିତରେ ଟିମ ଇଣ୍ଡିଆର ମୁଖ୍ୟ କୋଚ ଗୌତମ ଗମ୍ଭୀର ମଧ୍ୟ ଏନେଇ ବଡ଼ ବୟାନ ଦେଇଛନ୍ତି । ଯଦିଓ ଗମ୍ଭୀର କାହା ନାଁ ନେଇନାହାନ୍ତି। କିନ୍ତୁ ଏତିକି କହିଛନ୍ତି ଯେ ସବୁ ଖେଳାଳି ଘରୋଇ କ୍ରିକେଟ୍ ଖେଳିବା ଦରକାର। ନାଲି ବଲ କ୍ରିକେଟରେ ପାରଦର୍ଶିତା ହାସଲ କରିବାକୁ ହେଲେ ଘରୋଇ କ୍ରିକେଟ୍ ଖେଳିବା ନିହାତି ଦରକାର । ଏଭଳି ନକଲେ, ଫଳାଫଳ ଉପରେ ଏହାର ପ୍ରଭାବ ପଡ଼ିବା ସୁନିଶ୍ଚିତ । ସେପଟେ କୋହଲି ଓ ରୋହିତଙ୍କ ସନ୍ନ୍ୟାସକୁ ନେଇ ଉତ୍ତର ରଖିଛନ୍ତି ଗମ୍ଭୀର। କହିଛନ୍ତି, ଉଭୟ ଅବସର ନେବେ କି ନ ନେବେ, ତାହା ଦୁହିଁଙ୍କ ବ୍ୟକ୍ତିଗତ ବିଷୟ । କେବେ ବି କୌଣସି କ୍ରିକେଟରଙ୍କ ଭବିଷ୍ୟତ ଉପରେ ଟିପ୍ପଣୀ ଦେବା ଅନୁଚିତ। ଉଭୟ କୋହଲି ଓ ରୋହିତଙ୍କ ପାଖରେ ଏବେ ବି କ୍ରିକେଟ୍ ବାକି ରହିଛି। ଆଗାମୀ ଦିନରେ ସେ ନିଶ୍ଚୟ ଭଲ ପ୍ରଦର୍ଶନ କରିବେ। ଅଷ୍ଟ୍ରେଲିଆଠୁ ଟେଷ୍ଟ ସିରିଜ ହାରିଯିବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ ଖେଳିବାର ଆଶା ବି ଚୁରମାର ହୋଇଯାଇଛି । ସିଡନୀ ମ୍ୟାଚ୍ ନିର୍ଣ୍ଣାୟକ ଥିବା ବେଳେ ଅଷ୍ଟ୍ରେଲିଆଠାରୁ ହାରିଯାଇ ଡବ୍ଲୁଟିସି ରେସ୍‌ରୁ ବାଦ ପଡ଼ିଛି ଟିମ୍ ଇଣ୍ଡିଆ। ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୧୦ ବର୍ଷ ପରେ ଟେଷ୍ଟ ସିରିଜ ଜିତିଛି। ସିରିଜ ବିଜୟ ସହ କଙ୍ଗାରୁ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନସିପରେ ଏଣ୍ଟ୍ରି କରିଛି । ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ଅଷ୍ଟ୍ରେଲିଆ । ଭାରତ ଲଗାତାର ଦୁଇଟି ଟେଷ୍ଟ ଚାମ୍ପିୟନସିପ ଖେଳିଥିଲେ ସୁଦ୍ଧା ଗୋଟିଏ ବି ଜିତିପାରିନି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ରେଳ...

ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଏକ ଉଲ୍ଲେଖନୀୟ ଘଟଣା ଥିଲା ଯେଉଁଥିରେ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ଥିଲେ। ରାୟଗଡ଼ାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାରତ ସରକାରଙ୍କ ଲବାଇ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ ଏବଂ ଏହି ଅଞ୍ଚଳର ସାଂସଦଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଯୋଗଦେଇଥିଲେ।

ରାୟଗଡା ରେଳ ମଣ୍ଡଳର କାର୍ଯ୍ୟାଳୟ ଭବନ ପ୍ରତିଷ୍ଠା ଦକ୍ଷିଣ ଓଡ଼ିଶାର ଆଦିବାସୀ ବହୁଳ ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି, ସ୍ଥାନୀୟ ଶିଳ୍ପ ସହିତ ଯୋଗାଯୋଗ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହି ପ୍ରକଳ୍ପଟି ସ୍ଥାନୀୟ ଅଞ୍ଚଳର ବିକାଶକୁ ସକରାତ୍ମକ ଭାବରେ ପ୍ରଭାବିତ କରିବା ସହ ସ୍ଥାନୀୟ ଜନସମୁଦାୟର ଉନ୍ନତ କରିବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟପାଳ ଡକ୍ଟର କମ୍ଭମପତି ହରିବାବୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦାନ କରିଥିବାବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାୟଗଡା ରେଳ ମଣ୍ଡଳର କାର୍ଯ୍ୟାଳୟ ଭବନ ଶିଳାନ୍ୟାସ, ଜାମ୍ମୁ ରେଳ ମଣ୍ଡଳ ଏବଂ ଚର୍ଲାପଲ୍ଲୀ ଟର୍ମିନାଲ ଷ୍ଟେସନର ଉଦଘାଟନକୁ ତଦାରଖ କରିବା ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ଥିଲେ। ଏହି ରେଳ ପ୍ରକଳ୍ପଗୁଡିକ ଆଞ୍ଚଳିକ ଅର୍ଥନୈତିକ ବିକାଶ, ପର୍ଯ୍ୟଟନ ଏବଂ ଭିତ୍ତିଭୂମି ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ଏବଂ ଦେଶର ସାମଗ୍ରିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଅବଦାନ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

### ଦୁର୍ଘଟଣା...

ଉଠୁଛି, ୨ ମୃତ ବିଜେପି ନେତାଙ୍କ ସହ ଡ୍ରାଇଭରର ପୂର୍ବରୁ ଶତ୍ରୁତା ଥିଲା କି? ନା ଯୋଜନାବଦ୍ଧ ହତ୍ୟାକାଣ୍ଡ ପଛରେ ରହିଛି ଆଉ କାହାର ହାତ? ହତ୍ୟାକାଣ୍ଡ ପୂର୍ବରୁ କାହାସହ ଯୋଗାଯୋଗ କରିଥିଲା କି ପ୍ରସନ୍ନ? ନା ଆଉ କାହାକୁ ବଞ୍ଚାଇବାକୁ ନିଜ ମୁଣ୍ଡକୁ ଦୋଷ ନେଉଛି ପ୍ରସନ୍ନ? ପୂରା ଘଟଣା ଉପରୁ ପରଦା ହଟାଇବାକୁ ପୋଲିସ ସବୁ ଦିଗରୁ ତଦନ୍ତ ଆରମ୍ଭ କରିଛି।

ଡ୍ରାଇଭର ପ୍ରସନ୍ନ ସତ କହୁଛି କି ମିଛ ତା ଉପରୁ ତ ପରଦା ହଟାଇବ ପୋଲିସ। କିନ୍ତୁ ଏହି ହତ୍ୟାକାଣ୍ଡକୁ ନେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସୁପାରୀ କିଲିଂର ସନ୍ଦେହ କରିଛନ୍ତି। ଡ୍ରାଇଭରର ଟାର୍ଗେଟରେ ଅନ୍ୟ କେହି ଥିବା ବେଳେ ଭୁଲବଶତଃ ବିଜେପି ନେତାଙ୍କ ଜୀବନ ଯାଇଥିବା କହିଛନ୍ତି ଜୟନାରାୟଣ। ପଶ୍ଚିମ ଓଡ଼ିଶାରେ ପାଉଁଶ କାରବାର ଚାଲିଥିବାରୁ ମାଫିଆଙ୍କ ଆଡକୁ ମଧ୍ୟ ସନ୍ଦେହର ତୀର ଛାଡିଛନ୍ତି ଜୟନାରାୟଣ।

ତେବେ ସମ୍ବଲପୁରର ବିଧାୟକଙ୍କ କଥା ସତ ହୋଇଥିଲେ ସାଂଘାତିକ। ତେବେ କିଏ ଓ କାହିଁକି ଡ୍ରାଇଭରକୁ ଦେଇଥିଲା ସୁପାରି? ଯଦି ବିଜେପି ନେତା ଟାର୍ଗେଟରେ ନଥିଲେ ତେବେ କିଏ ଥିଲା ଟାର୍ଗେଟରେ? ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ଜୀବନରୁ ମାରିଦେବାକୁ ହୋଇଥିଲା କି ଷଡଯନ୍ତ୍ର? କାରଣ ମୃତ ୨ ବିଜେପି ନେତା ନାଉରୀଙ୍କ ସହ ଭୁବନେଶ୍ୱରରୁ ସମ୍ବଲପୁର ଫେରିଥିଲେ। ନାଉରୀ ସମ୍ବଲପୁରରେ ରହିଥିବା ବେଳେ ବିଜେପି ନେତା ଗାଁକୁ ଫେରୁଥିବା ବେଳେ ହାଇୱା ଧକ୍କା ଦେଇଥିଲା। ଏବେ ପ୍ରସନ୍ନଙ୍କ ଫୋନକଲ ରେକର୍ଡ ପୋଲିସ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। କାରଣ ଫୋନକଲ ରେକର୍ଡ ହିଁ ଯୋଜନବଦ୍ଧ ହତ୍ୟାକାଣ୍ଡ ପଛରେ ଥିବା ମାଷ୍ଟରମାଇଣ୍ଡର ମୁଖା ଖୋଲିବ?

ସେପଟେ ଅଭିଯୁକ୍ତ ପ୍ରସନ୍ନ ଜେନାମଣିକୁ ୭ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କଲା ବୁର୍ଲା ପୁଲିସ ଓ ଅଭିଯୁକ୍ତର ବୟାନରେ ତାଲମେଳ ରହୁ ନଥିବାରୁ ରିମାଣ୍ଡରେ ନେଇ ପଚରା ଉଚରା କରିବାକୁ ଯୋଜନା ଓ ହତ୍ୟା ଷଡ଼ଯନ୍ତ୍ରର ଏକ ବଡ଼ ସୁରାକ ପାଇଛି ପୁଲିସ। ଅଭିଯୁକ୍ତ ଫୋନ ବ୍ୟବହାର କରୁନଥିବାକୁ ନେଇ ମଧ୍ୟ ବଢ଼ିଛି ସନ୍ଦେହ। ତେବେ ସେ ଫୋନ ବ୍ୟବହାର କରୁଥିଲା ନା ହତ୍ୟାକାଣ୍ଡ ପରେ, ତାହାକୁ ଫୋପାଡ଼ି ଦେଇଛି, ନା କେଉଁ ସତ ଚାପିବାକୁ ଉଦ୍ୟମ ଚାଲିଛି ସେନେଇ ଆରମ୍ଭ ହୋଇଛି ଖୋଳତାଡ଼ ଓ ସନ୍ଦେହ ଘେରରେ ଥିବା ଅଭିଯୁକ୍ତ ଠାରୁ ରିମାଣ୍ଡରେ ନେଲା ପରେ ହତ୍ୟାକାଣ୍ଡର ଗୁମର ଖୋଲିବ ସମ୍ବଲପୁର ପୁଲିସ। ମୁଖ୍ୟ ଅଭିଯୁକ୍ତର ବାରମ୍ବାର ମତ ବଦଳାଇବାକୁ ନେଇ ସସପେନ୍ସ ବଢ଼ିଛି ।

### ୫ ମେଗା...

କରାଯାଉଛି। ଉତ୍କର୍ଷ ଓଡ଼ିଶା ୨୦୨୫ ପୂର୍ବରୁ ଚଳିତ ବର୍ଷର ପ୍ରଥମ ବୈଠକର ସଫଳତା ପ୍ରତିପାଦିତ କରୁଛି ଯେ, ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ଦ୍ରୁତ ଅଗ୍ରଗତି କରୁଛି। ରାଜ୍ୟର ଆର୍ଥିକ ଓ ସାମାଜିକ ବିକାଶକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଓଡ଼ିଶାକୁ ଶିଳ୍ପପତିଙ୍କ ପ୍ରମୁଖ ଆକର୍ଷଣରେ ରୂପାନ୍ତରିତ କରିବା ଆମ ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଦିଲ୍ଲୀ, ମୁମ୍ବାଇ, ସିଙ୍ଗାପୁରେ ରୋଡ ସୋ ପରେ ଏବେ ବହୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ପୁଂଜିନିବେଶକାରୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଆଜି ମଂଜୁରି ପାଇଥିବା ପ୍ରକଳ୍ପଗୁଡିକ ମଧ୍ୟରେ ଅଛନ୍ତି ଯାଜପୁର ଜିଲ୍ଲାରେ ପ୍ରସ୍ତାବିତ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ଲିମିଟେଡର ୪ ନିୟୁତ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ଅଶୋଧିତ ତୈଳ ଷ୍ଟୋରେଜ ପ୍ରକଳ୍ପ। ଏହି ପ୍ରକଳ୍ପ ପାଇଁ ୮ ହଜାର ୭୪୩ କୋଟି ଟଙ୍କାର ପୁଂଜିନିବେଶ ହେବ। ସେହିଭଳି ଢେଙ୍କାନାଳ ଜିଲ୍ଲାରେ ଆଇନକ୍ସ ସୋଲାର ପକ୍ଷରୁ ୪ ହଜାର କୋଟି ଟଙ୍କା ପୁଂଜିବନେଶ କରି ଏକ ସୋଲାର ମୋଡ୍ୟୁଲ ଓ ଫଟୋଭୋଲଟିକ ସେଲ କାରଖାନା ପ୍ରତିଷ୍ଠା କରାଯିବ। ଆକମେ କ୍ଲିନଟେକ ସଲ୍ୟୁସନ ପକ୍ଷରୁ କଟରେ ୪ହଜାର ୪୦ କୋଟି ଟଙ୍କା ବ୍ୟୟରେ ଏକ ପ୍ରୋଟିନ ମ୍ୟାନୁଫାକ୍ଚରିଂ ପ୍ଲାଣ୍ଟ କାରଖାନା ପ୍ରତିଷ୍ଠା କରାଯିବ। ଟାଟା ଷ୍ଟିଲ ପକ୍ଷରୁ ଯାଜପୁରରେ ଥିବା କୋଲ୍ଡ ରୋଲ୍ଡ ଓ ପେଲେଟ ଫ୍ୟାକ୍ଟ୍ରିର ସଂପ୍ରସାରଣ ପାଇଁ ୨୬ହଜାର ୧୭୫ କୋଟି ଟଙ୍କାର ପୁଂଜିନିବେଶ କରିବ। କଟରରେ ହିମାଦ୍ରୀ ଗ୍ରୀନ ଟେକ୍ନୋଲୋଜି ପକ୍ଷରୁ ୧୮୨୫ କୋଟି ଟଙ୍କାର ପୁଂଜିନିବେଶରେ ଏକ ମିନେରାଲ ତେଲ ଓ ଟାୟାର ରିସାଇକ୍ଲିଂ ଫାକ୍ଟ୍ରି ପ୍ରତିଷ୍ଠା କରାଯିବ।

### ଡଙ୍କାରୀ...

ମଧ୍ୟ ଏହି ଫଟୋ ପ୍ରକାଶ ପାଇଥିଲା । ତିନି ଶ୍ରମିକ ମୃତ୍ୟୁ ପର୍ଯ୍ୟନ୍ତ ଏହି ଖାଦାନରୁ ସଂପୂର୍ଣ୍ଣ ବେଆଇନ ଭାବେ କଳାପଥର ଚାଲାଣ ହେଉଥିବା କେହି ଜାଣିପାରିନଥିଲେ । ପୋଲିସ ଓ ପ୍ରଶାସନର ସଲାସୁତରାରେ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କାର କଳାପଥର ବେଧଡକ ଲୁଟ ଚାଲିଥିଲା । ହେଲେ ୩ ଶ୍ରମିକ ମୃତ୍ୟୁ ପରେ ପରିସ୍ଥିତିର ବାଧ୍ୟବାଧକତାରେ ବିଜେଡି ସରକାରର ଏହି ମହାଲୁଟର ପର୍ଦ୍ଦାଫାସ ହୋଇଥିଲା ।

ଏନେଇ ଏକସେସ ମାଇନିଂ ତଥା ବେଆଇନ ଖନନ ନେଇ ପ୍ରାୟ ୧୦୦ କୋଟି ଟଙ୍କା ଜରିମାନା ହେବା କ୍ଷେତ୍ରରେ ମାତ୍ର ୩ କୋଟି ୮୧ ଲକ୍ଷ ୩୯ ହଜାର ଟଙ୍କା ଜରିମାନା ହୋଇଥିଲା। ବିଜେଡି ନେତାଙ୍କ ଦ୍ୱାରା ଚାଲିଥିବା ଏହି ଚୋରା କାରବାରକୁ ଘଣ୍ଟ ଘୋଡାଇବା ପାଇଁ ଜରିମାନା ଆଦେଶ ଦିଆଯାଇଥିଲା। ସବୁଠୁ ଉଦବେଗର କଥା ହେଉଛି ପରିବେଶଗତ କ୍ଷତି ମାତ୍ର ୩ କୋଟି ୫୭ ଲକ୍ଷ ୩ ହଜାର ଟଙ୍କା ଦର୍ଶାଯାଇଥିବା ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଂଚ ସଭାପତି ସତୀଶ ବିଶ୍ୱାଳ ଏଥିନେଇ ଗତ ଅଗଷ୍ଟ ୫ ତାରିଖରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସତୀଶ ଦର୍ଶାଇଥିଲେ ଯେ, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅନ୍ତର୍ଗତ ଡମଣଭୂଇଁ ମାଙ୍କଡା ପଥର ଖଣିରୁ ମାତ୍ରାଧିକ ଖନନ ପାଇଁ ଲିଜଧାରୀଙ୍କ ଉପରେ ୨ କୋଟି ଟଙ୍କାର ଜରିମାନା ପାଇଁ ପରିବେଶଗତ କ୍ଷତି ପାଇଁ ୯୬ କୋଟି ଟଙ୍କା ଜରିମାନା ହୋଇଛି । ହେଲେ ଡଙ୍କାରୀରେ ଫିକ୍ସିଂ କରାଯାଇ ବେଆଇନ ଖନନ ପାଇଁ ମାତ୍ର ୩ କୋଟି ୫୭ ଲକ୍ଷ ୩ ହଜାର ୯୩ ଟଙ୍କା ଜରିମାନା କରାଯାଇଛି। ଏହି ଜରିମାନା କରିବା କ୍ଷେତ୍ରରେ ଢେଙ୍କାନାଳର ସଂରକ୍ଷିତ ଜଙ୍ଗଲ ନିଶ୍ଚିନ୍ତାର ହୋଇଥିବା କ୍ଷତି, ବନ୍ୟଜନ୍ତୁ, ଚାଷ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ରାସ୍ତାଘାଟ, ପ୍ରଦୂଷଣ ଜନିତ କ୍ଷତି, ବେଆଇନ ବ୍ଲାଷ୍ଟିରେ ଲୋକଙ୍କ ଘରର କ୍ଷତି ସହ ବିଭିନ୍ନ ପ୍ରକାରର କ୍ଷତିକୁ ଆକଳନ କରାଯାଇ ନାହିଁ । ଏଥନେଇ ଇସ୍ପାତ ଓ ଖରି ବିଭାଗ ତରଫରୁ ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶକଙ୍କୁ ଅଗଷ୍ଟ ୨୮ରେ ପତ୍ର ନମ୍ବର-୬୬୬୨ରେ ଏବଂ ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶାଳୟ ତରଫରୁ ପତ୍ର ନଂବର-୨୦୧୩ ତା୨୨.୧୦.୨୪ ଯାଜପୁର ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଅଦ୍ୟାବଧି ଖଣି ବିଭାଗ ତରଫରୁ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ମୁଖ୍ୟ ଶାସନ ସଚିବ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧକ୍ଷ ହୋଇଥିବା ବେଳେ ସତୀଶଙ୍କ ଅଭିଯୋଗ ଆଧାରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସଦସ୍ୟ ସଚିବ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ଅବଗତ କରାଯାଇଛି । ଏହାପରେ ବି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିଜେଡି ମାର୍କା ଦୁର୍ନୀତିଗ୍ରସ୍ତ ଅଧିକାରୀ ଏହି ଫାଇଲକୁ ଚାପିବା ପରେ ପୁଣିଥରେ ସତୀଶ ଏଥିନେଇ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଲୋଚନା କରିଥିଲେ ।

ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ଦେବେନ କୁମାର ପ୍ରଧାନ ଏଥିନେଇ ପତ୍ର ନଂବର-୨୬୦୦୭ରେ ସଦସ୍ୟ ସଚିବ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲାପାଳ ଯାଜପୁର ଏବଂ ଢେଙ୍କାନାଳ, ଅତିରିକ୍ତ ଶାସନ ସଚିବ ଇସ୍ପାତ ଓ ଖଣି ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ବନଖଣ୍ଡ ଅଧିକାରୀ ଢେଙ୍କାନାଳ, ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ଉପବିଭାଗ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କୁ ପ୍ରଦାନ କରି ରିପୋର୍ଟ ମାଗିଛନ୍ତି । ଏହାପରେ ବି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାକୁ ଚାପି ରଖୁଛି । ଏହାର ଅନ୍ତରାଳରେ ବଡ ଆକାରର ଲାଞ୍ଚ କାରବାର ହୋଇଥବା ଅଭିଯୋଗ ହେଉଛି ।

### ନିଶା ଉତୁରୁନି...

ଭାରତୀୟ କାର୍ଯ୍ୟକ୍ରମକୁ ନଜରରେ ରଖି କାଳେ ବିଜେପି ମାଇଲେଜ୍ ନେଇଯିବ ସେଥିପାଇଁ ଏହି ମହଙ୍ଗା ବିକ୍ଷୋଭ ଆୟୋଜନ ହୋଇଛି । ଗୋଟିଏ ଗୁଳିରେ ଦୁଇଟି ଶିକାର ଭଳି ଦଳର ହତାଶ କର୍ମୀଙ୍କ ମନରେ ଜୋଶ୍ ଭରିବା ସହିତ ପ୍ରବାସୀ ଭାରତୀୟ ଦିବସରେ ଅଂଶଗ୍ରହଣ କରିବାପାଇଁ ଆସୁଥିବା ଲୋକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏଭଳି ଆୟୋଜନ କରାଯାଇଛି। ହେଲେ ପ୍ରବାସୀ ଦିବସର ଆୟୋଜନ ଆଗରେ ଆଜିର ବିଜେଡି ବିକ୍ଷୋଭ ଫିକା ପଡିଥିବାରୁ ମାମଲତକାରମାନେ ଘୋର ଚିନ୍ତାରେ ପଡିଛନ୍ତି ।

### ଭୟଭୀତ ...

ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଯେଉଁଥିରେ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଭାରତରେ ଅଦ୍ୟାବଧି ୩ ଜଣଙ୍କଠାରେ ଏହି ଭୂତାଣୁ ଠାବ କରାଯାଇସାରିଛି। ତେବେ ସେମାନଙ୍କର କୌଣସି ବିଦେଶ ଗସ୍ତର ଇତିହାସ ନ ଥିବା ବେଳେ ସେମାନେ କିପରି ସଂକ୍ରମିତ ହେଲେ, ତାହାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି।

### ଆଉ ଦୁଇ...

କରାଯାଇଥିବା ଅହମ୍ମଦାବାଦ ମ୍ୟୁନିସିପାଲ୍ କର୍ପୋରେସନ୍ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଉକ୍ତ ୩ ଆକ୍ରାନ୍ତ କିମ୍ବା ସେମାନଙ୍କ ପିତାମାତା ନିକଟରେ ବିଦେଶ ଯାଇନଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

### ନିବେଶକଙ୍କୁ ...

ଖର୍ଚ୍ଚରେ ନିର୍ମାଣ ହେଉଥିବା ଏହି ରେଳ ମଣ୍ଡଳ ପାଇଁ ଏକ ଅତ୍ୟାଧୁନିକ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବା ସହ ଯାତାୟାତ ପାଇଁ ସଡକ ସଂଯୋଗକୁ ମଧ୍ୟ ବିକଶିତ କରାଯିବ। ଲୋକଙ୍କୁ ଦେଇଥିବା ପ୍ରତିଶୃତି ପାଳନ କରିବାରେ ଆମ ସରକାର ସବୁଠାରୁ ଆଗରେ ଅଛି। ଆଗାମୀ ଦିନରେ ସମସ୍ତ ପ୍ରତିଶ୍ରୁତି ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ହିସାବ...

ପ୍ରକାଶ କରିନାହିଁ ଏସଟିଏଫ । ପୂର୍ବ ବର୍ଷ ମାନଙ୍କରେ ଡିସେମ୍ବର ୨୫ ରୁ ଡିସେମ୍ବର ୩୧ ମଧ୍ୟରେ ଏହି ଅପରାଧ ତାଲିକା ସାମ୍ନାକୁ ଆସୁଥିଲା । କିନ୍ତୁ ପ୍ରଥମ ବର୍ଷ ନାଁ ପ୍ରେସମିଟ ହୋଇଛି , ନାଁ ପ୍ରେସ ରିଲିଜ ସାମ୍ନାକୁ ଆସିଛି । ଯାହାକୁ ନେଇ ଏବେ ଏସଟିଏଫ ଭିତରେ ମଧ୍ୟ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି ।

## ଶିବରାମ ପ୍ରସାଦ ବାହିନୀପତି ମେମୋରିଆଲ ଚମ୍ପିୟାନ ଟ୍ରଫି ଉଦଯାପିତ



**ବୋରିଗୁମ୍ମା,୬।୧(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କୁମୁଲି ମନଲାଇଟ ଷ୍ଟାଡିୟମ ଠାରେ ଚାଲି ଥିବା ସ୍ୱର୍ଗତ ଶିବରାମ ପ୍ରସାଦ ବାହିନୀପତି ମେମୋରିଆଲ ଟି -୨୦ ଚମ୍ପିୟାନ ଟ୍ରଫି ଉଦଯାପିତ ହୋଇ ଯାଇଛି । ଡିସେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଟର୍ନାମେଣ୍ଟରେ ୧୨ଟିଦଳ ଯୋଗ ଦେଇଥିଲେ । ସ୍ୱର୍ଗତ ଶିବରାମ ପ୍ରସାଦ ବାହିନୀପତି ହେଉଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଙ୍କ ପୁଅ ।। ପୁଅଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ବର୍ଷ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ କହିଥିଲେ । ଚଳିତ ବର୍ଷ ଖୁବ୍ ଧୁମ୍ ଧାମରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କୁମୁଲି ଲଛମନ ବାଲାଜୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜନ କରା ଯାଇଥିଲା । ଆଜିର ଫାଇନେଲ ମେଚରେ ଲଛମନ ବାଲାଜି କ୍ରିକେଟ କ୍ଲବର ସଭାପତି ସୁଶାନ୍ତ କୁମାର ହୋତାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏବଂ ଖଡ଼ିଆଳ ବିଧାୟକ ଆଧିରାଜ୍ ରଞ୍ଜନ ପାଣିଗ୍ରାହୀ ଯୋଗଦେଇ ବିଜୟୀ ଓ ପରାଜିତ ଦଳ କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ମେଚରେ ରାୟଗଡ଼ା ଦଳ ପ୍ରଥମେ ବେଟିଙ୍ଗ କରି ୨୦ ଓଭରରେ ୧୬୦ ରନ କରିଥିଲେ ଏହି ରନକୁ ଲକ୍ଷ ନେଇ କୋରାପୁଟ ଦଳ ୧୬ ଓଭରରେ ୧୬୫ରନ କରି ବିଜୟୀ ହୋଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ପିଙ୍କୁ ଶଥପଥୀ, ଅଞ୍ଚଳର ବରିଷ୍ଠ ସମାଜସେବୀ ସୁରେନ୍ଦ୍ର ତ୍ରିପାଠୀ , କୁମୁଲି ସରପଞ୍ଚ ପାର୍ବତୀ ଜାନି ମଞ୍ଚାସିନ ଥିଲେ । କ୍ଲବର ସମ୍ପାଦକ ଅନୀଲ ଦେବତା ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ କ୍ରୀଡା ଶିକ୍ଷକ ବିନୋଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ । ମେଚର ଧାରା ବିବରଣୀ ପାଇଁ ଛତିସଗଡ ରାଜ୍ୟର ଚର୍ଚ୍ଚିତ ଉଦଘୋଷକ ତେଜ ରାଜ ଠାକୁର ଓ ଜୁନାଗଡ଼ର ବିନୟ କୁମାର ସାହୁ ଯୋଗ ଦେଇ ଧାରା ବିବରଣୀ ପାଠ କରିଥିଲେ । ମନ ଲାଇଟ୍ ଷ୍ଟାଡିୟମରେ ଫାଇନାଲ ମେଚ ଦେଖିବା ପାଇଁ ୧୦ ହଜାରରୁ ଦର୍ଶକ ଖେଳର ମଜା ନେଇ ଥିବା ଦେଖିବାକୁ ମିଳିଥିଲା । ଲଛମନ ବାଲାଜୀ କ୍ରିକେଟ କ୍ଲବ ର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗ ରେ ଟୁର୍ଣ୍ଣାମେଣ୍ଟ ଟି ସଫଳ ହୋଇଛି । ଶେଷରେ ପ୍ରତିବର୍ଷ ଭଳି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଜନ୍ମଦିନ ପାଳନ କରା ଯାଇଥିଲା ।

# ସାଢ଼େ ୮ କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ



**ବାଲିଅନ୍ତା, ୬।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା କେନାଲ ସବ ଡିଭିଜନ ପକ୍ଷରୁ ଆଜି ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରକଳ୍ପ ମଧ୍ୟରେ ରହିଛି ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋପ ବ୍ରାଞ୍ଚ କେନାଲର ଉଭୟ ପଟ ଭିତର ପାର୍ଶ୍ୱ ଏବଂ ଶଯ୍ୟାର ଉନ୍ନତୀକରଣ। ବେତେଣ୍ଡା ଠାରୁ କୂଳସାହି ପର୍ଯ୍ୟନ୍ତ ୭ ଶହ ମିଟର ପର୍ଯ୍ୟନ୍ତ କଂକ୍ରିଟ ଢଳେଇ(ଲାଇନିଂ) କାର୍ଯ୍ୟ କରାଯିବ । ନିର୍ମାଣ କାର୍ଯ୍ୟ ଓସିସି (ଓଡ଼ିଶା କନଷ୍ଟ୍ରକସନ କରପୋରେସନ) କରିବ। ସେହିପରି ଅଢ଼େଇ କୋଟି ଟଙ୍କା ବ୍ୟୟ ଅଟକଳରେ ଫିରିଙ୍ଗିରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ବନ୍ଧର ଉନ୍ନତୀକରଣ । କୂଳସାହି ଠାରୁ ଆଣ୍ଡିଆରି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ଏହା ସଂଯୋଗ କରିବ। ଅଢ଼େଇ କିମି ବିଶିଷ୍ଟ ଉକ୍ତ ଡିଷ୍ଟ୍ରିବ୍ୟୁଟାରୀ କେନାଲ ବନ୍ଧ ୩. ୭୫ ମିଟର ସଂପ୍ରସାରଣ କରାଯାଇ ମେଷ୍ଟାଲ ମୋରମ କରାଯିବ। ପରବର୍ତ୍ତୀ ଟେଣ୍ଡରରେ ପିଚୁ କରାଯିବ। ଏହି ଅବସରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ପ୍ରତାପରୁଦ୍ରପୁର ସରପଞ୍ଚ ଶ୍ରଦ୍ଧେୟା ପାତ୍ର , ସମିତି ସଭ୍ୟା ଉମାରାଣୀ ମହାନ୍ତି ,ବିଜେଡ଼ି ସଭାପତି ପ୍ରଦୀପ୍ତ ଜେନାମଣି, ମାନସ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ତପନ ପରିଡ଼ା, ବାଲିଅନ୍ତା ସବ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡ଼ଙ୍ଗୀ, ସହକାରୀ ଯନ୍ତ୍ରୀ ବନ୍ଦିତା ପଟ୍ଟନାୟକ , ବନମାଳୀପୁର ସେକସନ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ବେହେରା ଏବଂ ଓସିସିର ପ୍ରମୁଖ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# କୋଣାର୍କ ଥାନାରେ ହେଉନି ଆମ ପୁଲିସ ସମିତି ବୈଠକ

## ପୁଲିସ-ଜନତା ମଧ୍ୟରେ ବଢୁଛି ଦୂରତା, ମଧ୍ୟସ୍ଥିଙ୍କ ଯୋଗୁଁ ବିଳମ୍ବିତ ହେଉଛି ନ୍ୟାୟ

**କୋଣାର୍କ, ୬।୧ (ସଂଚାର ବ୍ୟୁରୋ):** ଗତ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୋଲିସ-ଜନତାଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରୁଥିବା ଆମ ପୋଲିସ ସମିତି ବୈଠକ କୋଣାର୍କ, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଓ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ଆୟୋଜିତ ହେଉ ନ ଥିବାରୁ ଥାନା ମାନଙ୍କରେ ସାଧାରଣ ଜନତାଙ୍କୁ ପୋଲିସ ନ୍ୟାୟ ପ୍ରଦାନ କରିବା କାର୍ଯ୍ୟ ବିଳମ୍ବିତ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଥିବା ବେଳେ ଥାନାରେ ମଧ୍ୟସ୍ଥି ମାନଙ୍କ ଯୋଗୁଁ ପୋଲିସ - ଜନତାଙ୍କ ମଧ୍ୟରେ ଦୂରତା କମି ଯାଉଥିବା ଯୋଗୁଁ ସେମାନଙ୍କୁ ନ୍ୟାୟ ମିଳିବା ବାଧାପ୍ରାପ୍ତ ହେଉଛି।

ଆମ ପୋଲିସ ସମିତି ବୈଠକ ଜରିଆରେ ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଜନତା ବିଭିନ୍ନ ସ୍ଥାନରେ ସୃଷ୍ଟି ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଓ ପୋଲିସ ପ୍ରଶାସନ ସମ୍ପର୍କିତ ବିଭିନ୍ନ ସମାସ୍ୟା ଉପରେ ସେମାନଙ୍କର ମତ ଉପସ୍ଥାପନ କରିଥାନ୍ତି। ମାତ୍ର କୋଣାର୍କ ଥାନା, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଓ ରାମଚଣ୍ଡୀ ଥାନା ଅଧିନସ୍ଥ ବିଭିନ୍ନ ଗ୍ରାମର ସାଧାରଣ ଜନତା ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହେଉ ନ ଥିବା




କାରଣରୁ ସେମାନଙ୍କ ନ୍ୟାୟ ବିଳମ୍ବିତ ହେଉଛି। ଏଭଳି ପରିସ୍ଥିତିରେ ଥାନାରେ ମଧ୍ୟସ୍ଥି ବା ଦଣ୍ଡିଆ ଗିରୀ କରୁଥିବା ଲୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସହିତ ସେମାନେ ସାଧାରଣ ଜନତାଙ୍କୁ ଆର୍ଥିକ ଶୋଷଣ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଥାନା ମାନଙ୍କରେ କାର୍ଯ୍ୟରତ ଅଧିକାରୀ ମାନଙ୍କୁ ହାତ କରି ଆଇନ ଶୃଙ୍ଖଳା ପରିସ୍ଥିତି ବିଗାଡିବା ସହ ସେମାନଙ୍କ ପକେଟ ଗରମ କରୁଥିବା ସାଧାରଣ ଜନତା ଓ ବୁଦ୍ଧିଜୀବୀ ମହଲରେ ଜୋରଦାର ଆଲୋଚନା ହେବା ସହିତ ପୋଲିସ ପ୍ରଶାସନର ଏତାଦୃଶ କାମକୁ ସାଧାରଣରେ ନାପସନ୍ଦ କରୁଛନ୍ତି।

କୋଣାର୍କ ଥାନା ସମେତ ବିଭିନ୍ନ ଥାନା ପୋଲିସ ପକ୍ଷରୁ ନିୟମିତ ପୋଲିସ ପାଟ୍ରୋଲିଂ କରାଯାଉ ନ ଥିବାବେଳେ ଗ୍ରାମାଞ୍ଚଳରେ ଆଦୌ ପୋଲିସ ପାଟ୍ରୋଲିଂ କରାଯାଉ ନ ଥିବାରୁ ଚୋରା ମଦ କାରବାର ବୃଦ୍ଧି ପାଇବା ସହିତ ଯୁବପିଢି ନିଶାର କବଳରେ ପଡି ଗ୍ରାମ ଓ ପରିବାର ମାନଙ୍କରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛନ୍ତି। କୋଣାର୍କ ଥାନା ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଓ ରାମଚଣ୍ଡୀ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତ ଓ ମୁଖ୍ୟ ଦପ୍ତରରେ ମାସକରେ ଥରେ ନିୟମିତ ଭାବେ ଆମ ପୋଲିସ ସମିତି ବୈଠକ ଆୟୋଜନ କରିବା, ପୋଲିସ ପ୍ରେଟୋଲିଂଗ କଡାକଡି କରିବା, ଗ୍ରାମପଞ୍ଚାୟତରେ ପୋଲିସ ପ୍ରେଟୋଲିଂଗ କରିବା, ଗ୍ରାମାଞ୍ଚଳରେ ଚୋରା ମଦ କାରବାର ବନ୍ଦ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ପୁରୀ ଏସପି ଓ ପୁରୀ ଜିଲ୍ଲାପାଳଙ୍କୁ କୋଣାର୍କ, ଚନ୍ଦ୍ରଭାଗା ଓ ରାମଚଣ୍ଡୀ ଥାନା ଅଂଚଳର ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ସଚେତନ ନାଗରିକ ଓ ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ପକ୍ଷରୁ ଦାବି କରାଯାଇଛି।

# ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ବ୍ୟାଚର ବନ୍ଧୁମିଳନ

**ନାଉଗାଁ, ୬।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ନାଉଗାଁ ହାଟ ହାଇସ୍କୁଲର ୧୯୯୮ ମାଟ୍ରିକ ବ୍ୟାଚର ପ୍ରାୟ ୬୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ସ୍ଥାନୀୟ ବାବା ସାଧୁ ଗୋସ୍ୱାମୀ ପିଠ ପରିସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିକାଲି ଆଧୁନିକ ଯୁଗରେ ସବୁଠାରୁ ବଡ଼ କଥା ହେଉଛି କି ଯେତେବେଳ ପୁରାତନ ଛାତ୍ର ଛାତ୍ରୀ ମାନେ ବନ୍ଧୁମିଳନ କାର୍ଯ୍ୟକ୍ରମ ଫାଇବଷ୍ଟାର୍ ହୋଟେଲ ସମେତ ନିଜର ଜନ୍ମ ମାଟିକୁ ଛାଡ଼ି ଆଧୁନିକ ପରମ୍ପରାରେ ପାଳନ କରୁଛନ୍ତି ସେତେବେଳେ ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ଆଧୁନିକ ବାତାବରଣକୁ ପଛରେ ପକାଇ ଅତୀତରେ ପାଠ ପଢୁଥିବା ସେହି ବାତାବରଣ ଓ ପରିବେଶ



ଭିତରେ ଅତୀତର ସେହି ବନ୍ଧୁ ମାନଙ୍କୁ ନେଇ ଠାକୁରଙ୍କ ପିଠରେ ବନ୍ଧୁ ମିଳନ କାର୍ଯ୍ୟକ୍ରମର ଆୟୋଜନ କରି ଏହି ବ୍ୟାଚ୍‌ଟି ସମସ୍ତଙ୍କ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଥିଲେ। ତେବେ ଦୀର୍ଘ ୨୬ ବର୍ଷ ପରେ ପରସ୍ପର ଭିତରେ ଦେଖା ହେବା ପରେ ଅତୀତର ସେହି ସ୍କୁଲ୍ ଜୀବନର ସ୍ମୃତିକୁ ମନେ ପକେଇବା ସହିତ ବର୍ତ୍ତମାନର ସମୟକୁ ନେଇ ନିଜ ନିଜ ଭିତରେ ଆଲୋଚନା ପର୍ଯ୍ୟାଲୋଚନା କରିବା ସହିତ ଭାବ ବିହ୍ୱଳ ହୋଇ ପଡିଥିଲେ ।

# କାକରୁଦ୍ରପୁରରେ ଖୋଲିଲା ଧାନମଣ୍ଡି



**ବାଲିଅନ୍ତା, ୬।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ଆଜି ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଖୋର୍ଧା ଜିଲ୍ଲା ଡିଆରସିଏସ ଅଳକା ଜେନା,ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ସହକାରୀ ନିବନ୍ଧକ ଅନିମା ବେହେରା, ସହକାରୀ ଉପ ନିବନ୍ଧକ ଅମୀୟ ଖୁଣ୍ଟିଆ ,ପ୍ରକାଶ ସେଠୀଙ୍କ ସମେତ ଖୋର୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ବିପିନି ପାତ୍ର, ସମିତି ସଭାପତି ନୀଳକଣ୍ଠ ପଣ୍ଡା, କାକରୁଦ୍ରପୁର ସରପଞ୍ଚ ସସ୍ମିତା ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ସପ୍ତାହର ପ୍ରତି ସୋମବାର, ବୁଧବାର ଏବଂ ଶନିବାର ଦିନ ଧାନ ସଂଗ୍ରହ କରାଯିବ ବୋଲି ସଂପାଦକ ହେମନ୍ତ କୁମାର ନାୟକ କହିଛନ୍ତି। ସେହିପରି ସମିତି ପକ୍ଷରୁ ଖରିଫ ଋତୁରେ ୩୦ ହଜାର କ୍ୱିଣ୍ଟାଲ ଧାନକିଣାଯିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବ । ପାରିବାସୁଦେଈପୁର ସ୍ଥିତ ସାଣ୍ଡୋଲିଆ ରାଇସ ମିଲ ଧାନକିଣିବ। ଏଫଏକ୍ୟୁ ମାନର ନିର୍ଦ୍ଧାରିତ ସରକାରୀ ମୂଲ୍ୟ ୨୩ ଶହ ଟଙ୍କା ଏବଂ ମଣ୍ଡିରେ ଚାଷୀ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ବାକି ୮ ଶହ ବୋନସ ଟଙ୍କା ଚାଷୀ ଆକାଉଣ୍ଟକୁ ଆସିବ ବୋଲି ସମିତି ପକ୍ଷରୁ ସୂଚନା ମିଳିଛି। ଆଜି ମୋଟ ୩ ଜଣ ଚାଷୀଙ୍କ ଠାରୁ ୨ ଶହ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି ।

## ଆକ୍ରମଣ ମାମଲା

# ୪ ଗିରଫ

## ବାଇକ୍, ଛୁରି, ଲୁହାଛଡ଼ ଜବତ




**ବ୍ରହ୍ମପୁର, ୬।୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁରରେ ଜିରୋ ନାଇଟ ପାଳନ ସମୟରେ ପୃଥକ ପୃଥକ ଭାବେ ଦୁଇ ଯୁବକଙ୍କୁ କିଛି ଯୁବକ ମିଳିମିଶି ମରଣାନ୍ତକ ଆକ୍ରମଣ ସହ ଲୁଟ କରିଥିବା ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଇରଫାନ୍ ରାଜା ଓରଫ ଏସକେ ଇରଫାନ(୨୭), ଶାରୁ ଖାନ୍ ଓରଫ ଏସକେ ଶାହାରୁଖ(୩୦), ଫୈଜାନ ଖାନ(୨୪) ଓ ରିଜବନ୍ (୨୧)। ପୋଲିସ ସେମାନଙ୍କ ନିକଟରୁ ଏକ ପୋଲସର ବାଇକ୍, ଛୁରୀ, ଲୁହା ରଡ଼ ଜବତ୍ କରିଛି ।

ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୩୧ ବିଳମ୍ବିତ ରାତିରେ ରାମଚନ୍ଦ୍ର ମହାନ୍ତି ତାଙ୍କ ଦୁଇ ଜଣ ସାଙ୍ଗ ବି ପବନ କୁମାର ଓ ଶୁଭମ ମହାନ୍ତି ଙ୍କ ସହ ଭାପୁର ବଜାର ସ୍ଥିତ ହିନ୍ଦୁସ୍ଥାନ ବେକେରିକୁ କେକ୍ କିଣିବା ପାଇଁ ଯାଇଥିବା ବେଳେ ସେଠାରେ ଉପରୋକ୍ତ ଅଭିଯୁକ୍ତ ମାନେ ତାଙ୍କୁ ଅଟକାଇ ଧମକ୍ ଦେବା ସହ ମାରଣାସ୍ତ୍ର ରେ ଆକ୍ରମଣ କରିଥିଲେ। ପୁଣି ଉକ୍ତ ଦିନ ବିଳମ୍ବିତ ରାତିରେ ମିଲିଟାରୀ ଲାଇନର ପି ସୁନିଲ ଗାନ୍ଧୀ ନଗରରେ ଜିରୋ ନାଇଟି ପାଳନ କରି ଭାପୁର ବଜାର ଦେଇ ଘରକୁ ଫେରୁଥିବା ବେଳେ ଉକ୍ତ ଅଭିଯୁକ୍ତ ମାନେ ତାଙ୍କୁ ମଧ୍ୟ ଅଟକାଇ ଲୁହାଛଡ଼ ଏବଂ ଛୁରୀରେ ଆକ୍ରମଣ କରିଥିଲେ । ପରେ ରାମଚନ୍ଦ୍ର ଏବଂ ସୁନିଲ ଟାଉନ ଥାନା କୁ ଯାଇ ପୃଥକ ପୃଥକ ଭାବେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ୍ ଦୁଇଟି ଭିନ୍ନ ଭିନ୍ନ ମାମଲା ରୁଜୁ କରି ଘଟଣାର ର ତଦନ୍ତ କରିବା ପରେ ଆଜି ଉକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି । ଉପରୋକ୍ତ ୨ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ଥିବା ପୋଲିସ୍ ସୂଚନା ଦେଇଛି।

# ଆତ୍ମରକ୍ଷା କୌଶଳ ତାଲିମ ଶିବିର

**କଣାସ, ୬।୧ (ସଂଚାର ବ୍ୟୁରୋ):** କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପ୍ରଥମ ବର୍ଷ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମୀ ଶିବିର ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ସଞ୍ଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁନିଲ ମିଶ୍ର ଯୋଗଦେଇଥିବା ବେଳେ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା, ଅତିଥି ଭାବେ ଯୋଗଦେଇ ବାଳିକା ପିଲାମାନେ ଆଜିର ସମାଜରେ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେଥିପାଇଁ ଏହି ଆତ୍ମ ରକ୍ଷା ତାଲିମୀ ଶିବିର ଅନୁଷ୍ଠିତ ହେଉଥିବା ବେଳେ ପ୍ରତ୍ୟେକ




ଝିଅମାନେ ଆତ୍ମ ରକ୍ଷା କୌଶଳ ନିତ୍ୟାନ୍ତ ଶିକ୍ଷିବା ଦରକାର ବୋଇଲି ସୂଚନା ଦେଇଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ ଗଦାଧର ଶତପଥୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରମୋଦ କୁମାର ହୋତା ଯୋଗଦେଇଥିଲେ। ଲିପ୍ସା ପରିଡ଼ା, ରସ୍ମିତା ଜେନା ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରୋଗାମ କୋଡିନେଟର ଅଧ୍ୟାପକ ଗଙ୍ଗାଧର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେବାସହ ଏହି ଶିବିର ଆଠଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ସୂଚନା ଦେଇଥିଲେ।

# ନ୍ୟାୟିକ ଲଢ଼େଇ ଲଢ଼ିବ ଓଡ଼ିଶା ସୂଚନା ଅଧିକାର ଅଭିଯାନ

**ଭୁବନେଶ୍ୱର, ୬।୧ (ସଂଚାର ବ୍ୟୁରୋ):** ଆଜି ଧାରଣା ସ୍ଥଳରେ ଓଷାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଶ୍ରୀକାନ୍ତ ପାଖଲ, ପ୍ରତାପ ମହାନ୍ତି, ମନୋରଞ୍ଜନ ମହାପାତ୍ର ମନୋଜ ବିଶ୍ୱାଳଙ୍କ ଉପସ୍ଥିତରେ ଅଧିବକ୍ତା ସୁଧୀର ମହାନ୍ତି ଜୁସ୍ ପିଆଇ ଧାରଣାରତ ସୂଚନା ଅଧିକାର କର୍ମୀ ମନୋରଞ୍ଜନ ଜେନାଙ୍କର ଧାରଣାକୁ ଭାଂଗି ଥିଲେ। ଅତିରିକ୍ତ ଉପନିଦେଶକ ରଜନୀ ଜାନି ସହିତ ସୂଚନା ପ୍ରଦାନ ପାଇଁ ଆଲୋଚନା କରିଥିଲେ ହେଲେ ସେ ତାଙ୍କ ଜିଦିରେ ଅଟଳ ରହି ସୂଚନା ଦେବାକୁ ରୋକ ଠୋକ ମନା କରିଦେଇ ଥିଲେ।



## ଧାରଣା ସ୍ଥଗିତ

ସୂଚନାଯୋଗ୍ୟ ୨୦୨୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ମେସିନ କିଣା ଯାଇଛି, କେତେ ଟଙ୍କାରେ କିଣା ଯାଇଛି ଆଉ ମେସିନ କିଣିବା ନିମନ୍ତେ କେବେ ଟେଣ୍ଡର ହୋଇଥିଲା, ବର୍ଷକୁ ମେସିନର ରକ୍ଷଣାବେକ୍ଷଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ସବୁର ତଥ୍ୟ ମାଗିଥିଲେ। କିନ୍ତୁ ମ୍ୟାପ ପବ୍ଲିକେଶନ ସଂସ୍ଥା ଏହାର କୌଣସି ଉତ୍ତର ଦେଲେ ନାହିଁ । ଅପିଲରେ ଉତ୍ତର ରଖିଛନ୍ତି ଯେହେତୁ ଅଡିଟ ହୋଇ ନାହିଁ ତେଣୁ ତଥ୍ୟ ଦେଇ ହେବ ନାହିଁ। ଯାହା ବେଯୁକ୍ତିକର ଉତ୍ତର ପ୍ରଦାନ କରିଛନ୍ତି ଏହି ସଂସ୍ଥାରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତି ଉପରେ ଘଷ୍ଟ ଘୋଡାଇବା ପାଇଁ।

ସୂଚନା ଯୋଗ୍ୟ ସୂଚନା ଅଧିକାର ଆଇନରେ ଏପରି କୌଣସି ନିୟମ ନାହିଁ ଅଡିଟ ନ ହୋଇଥିଲେ ତଥ୍ୟ ଦେଇ ହେବ ନାହିଁ ବୋଲି। ଯଦି ଅଧିକାରିଣୀଙ୍କ ଯୁକ୍ତିକୁ ମାନିନେବା ତାହେଲେ ସରକାରୀ କାର୍ଯ୍ୟାଳୟରେ କାହିଁକି ଓ କେଉଁ ପରିସ୍ଥିତିରେ ୨୦୨୪ ଠାରୁ ଅଡିଟ ହୋଇ ନାହିଁ ଯାହା ତଦନ୍ତ ସକ୍ଷେପ। ଓଷା ନିଷ୍ପତ୍ତି ନେଲା ଆଗାମୀ ଦିନରେ ଆଇନ୍‌ଗତ ଲଢ଼ାଇ କରିବା ସହିତ ରାଜସ୍ୱ ମନ୍ତ୍ରୀ ଓ ଆରଡ଼ିସିକୁ ଭେଟିବା ସହିତ ଏଜିଙ୍କୁ ଦାବିପତ୍ର ଦିଆଯିବ। ଏହି ଘଟଣା ଉପରେ ସ୍ୱତନ୍ତ୍ର ଅଡିଟ କରି ହଡପକାରୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦୃଢ଼ ଦାବି ହେଉଛି।

# ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

## ଜିଲ୍ଲା ଓ ବ୍ଲକସ୍ତରର ବୁଥରେ ନାମ ଯାଞ୍ଚ କରିବା ଆବଶ୍ୟକ: ଜିଲ୍ଲାପାଳ

**ନୟାଗଡ଼, ୬।୧ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ କରିଛନ୍ତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଅତିରିକ୍ତ ଜିଲ୍ଲାପାଳ ନିର୍ବାଚନ ରୋଜିନା ଦାସ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଓ ସୁଚନା ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ରହିଥିଲେ ।

ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଗତ ୨୯.୧୦.୨୦୨୪ ରିଖରେ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇ ସେହି ତାରିଖ ଠାରୁ ତା.୨୮.୧୧.୨୦୨୪ ରିଖ ପର୍ଯ୍ୟନ୍ତ ଆପତ୍ତି ଓ ଅଭିଯୋଗ ଆହ୍ୱାନ କରାଯାଇଥିଲା । ଏହି ସମୟ ମଧ୍ୟରେ ନୂତନ ନାମ ପଞ୍ଜୀକରଣ, ନାମ ବାଦ କରାଯିବା ଓ ଉପଲବ୍ଧ ତଥ୍ୟ ଉପରେ ଆବଶ୍ୟକୀୟ ସଂଶୋଧନ କରାଯିବା ପାଇଁ ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତ ଗୁଡିକୁ ଫଇସଲା କରାଯାଇ ଆଜି ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି । ଏହି ତାଲିକା ଜିଲ୍ଲାରେ,



ସମସ୍ତ ବ୍ଲକ ଓ ବୁଥ ସ୍ତରରେ ଆଜି ପ୍ରକାଶ ପାଇଛି। ଇଚ୍ଛୁକ ବ୍ୟକ୍ତି ଜିଲ୍ଲା ସ୍ତରରେ ସମ୍ପୃକ୍ତ ବ୍ଲକ ଓ ବୁଥ ସ୍ତରରେ ତାଙ୍କର ନାମ ଯାଞ୍ଚ ଓ ତନଖି କରିପାରିବେ। ଏହା ମଧ୍ୟ https://ceoodisha.nic.in, https://voters.eci.gov.in ମାଧ୍ୟମରେ ଯାଞ୍ଚ କରାଯାଇ ପାରିବ ବୋଲି କୁହାଯାଇଛି।

ନୂତନ ଭାବେ ଯୋଗ ହୋଇଥିବା ସମସ୍ତ ଭୋଟର/ତଥ୍ୟରେ ସଂଶୋଧନ କରିଥିବା ଓ ନୂତନ ଭାବେ ଭୋଟ ପରିଚୟ ପତ୍ର ପାଇଁ ଆବେଦନ କରିଥିବା ସମସ୍ତ ଭୋଟର ମାନଙ୍କର ଭୋଟ ପରିଚୟ ପତ୍ର ଡାକ ମାଧ୍ୟମରେ ପାଇବାର ବ୍ୟବସ୍ଥା କରାଯାଇଛି ।

## ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସେମିରେ ରାମେଶ୍ୱର ସ୍ପୋର୍ଟିଂ

**ନିମାପଡ଼ା, ୬।୧ (ସଂଚାର ବ୍ୟୁରୋ) :** ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟି ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ୨୯ତମ ନିମାପଡ଼ା କପ୍ କ୍ରିକେଟ୍ ତଥା ୧ମ ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଆଲଫା ସ୍ପୋର୍ଟିଂ, ବ୍ରହ୍ମପୁର ଏବଂ ରାମେଶ୍ୱର ସ୍ପୋର୍ଟିଂ, ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ଅଲଫା ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୩୦ ଓଭର ମ୍ୟାଚରେ ୨୯ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୯୪ ରନ ସଂଗ୍ରହ କରିଥିଲା।

ବିଜୟ ଲକ୍ଷ୍ୟର ପିଛା କରି ରାମେଶ୍ୱର ସ୍ପୋର୍ଟିଂ ୨୩.୨ ଓଭରରେ ମାତ୍ର ୪ଟି ୱିକେଟ୍ ହରାଇ ୧୯୫ ରନ କରିବା ସହ ମ୍ୟାଚକୁ ଅତି ସହଜରେ ୬ ୱିକେଟରେ ଜିତି ସେମିକୁ ଉନ୍ନୀତ ହୋଇଛି।

ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଚେୟାରମେନ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କାଉନସିଲର ରାଜକିଶୋର ସାହୁ, ନିମାପଡା ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଜିବନାନନ୍ଦ ମହାପାତ୍ର ଓ ବିଶିଷ୍ଟ




ବ୍ୟବସାୟୀ ଶୁଭାଶିଷ ରାଉତରାୟ ଉପସ୍ଥିତ ରହି ତାରକା ବ୍ୟାଟ୍ସମ୍ୟାନ୍ ସାରାଂଶ କୁମାରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍ ଅମ୍ପେୟାର ନିର୍ମଳ ମିଶ୍ର ଓ ତ୍ରିଭୁବନ ନାଥ ଦାଶ ଏବଂ ପ୍ରିୟାଂଶୁ ପଲେଇ ଓ ଅନୀଶ ପ୍ରଧାନ ସ୍କୋରର୍ ଭାବେ ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲିର ପ୍ରଥମ ସେମିଫାଇନାଲ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ, ଭୁବନେଶ୍ୱର ଏବଂ ମାଷ୍ଟର୍ସ କ୍ଲବ୍,କଟକ ମଧ୍ୟରେ ଖେଳାଯିବ ବୋଲି ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଅକ୍ଷୟ କୁମାର ବେହେରା ସୂଚନା ଦେଇଛନ୍ତି।

## ଅସୁରକ୍ଷିତ ଜଙ୍ଗଲୀ ଜୀବ

# କୁକୁର ଆକ୍ରମଣରେ ହରିଣ ମୃତ



**କାକଟପୁର/ଅସ୍ତରଙ୍ଗ, ୬।୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଇନାୟିତପୁରରୁ ନାସିକେଶର ମୁଖ୍ୟ ରାସ୍ତାରେ କୁକୁର ଆକ୍ରମଣରେ ଏକ ହରିଣର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସୋମବାର ପୂର୍ବାହ୍ନରେ ଏକ ହରିଣ ଇନାୟିତପୁରରୁ ନାସିକେଶର ବୁଲାବୁଲି କରୁଥିଲା। ଅସ୍ତରଙ୍ଗ ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତ ହରିଣର ଶବ ବ୍ୟବଚ୍ଛେଦ କରାଯାଇଥିଲା। ମୃତ ହରିଣ ଅଣ୍ଡିରା ହୋଇଥିବା ବେଳେ ତାର ବୟସ ଆନୁମାନିକ ୪ବର୍ଷ ହୋଇଥିବା ଜଣାପଡୁଛି। ଏ ନେଇ ପୁରୀ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି ଆମ ପାଖରେ ଯାହା ସୂଚନା ଅଛି କୁକୁର କାମୁଡିଛି,ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ଜଣାପଡିବ। ପ୍ରକାଶ ଥାଉକି କିଛି ମାସ ହେଲାଣି ଜଙ୍ଗଲ ବିଭିନ୍ନ ସ୍ଥାନରେ ନଷ୍ଟ ହେବାରୁ ବହୁଳ ପରିମାଣ ଜଙ୍ଗଲ କଟା ହେବାରୁ ହରିଣ ତଥା ଅନ୍ୟ ଜୀବଜନ୍ତୁମାନେ ବିଭିନ୍ନ ଗ୍ରାମ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲ ପାଖରେ ବୁଲାବୁଲି କରୁଛନ୍ତି। ଏହି ସମୟରେ କୁକୁରଙ୍କ ଆକ୍ରମଣରେ ସେମାନଙ୍କ ମୃତ୍ୟୁ ହେଉଛି। ବନବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।

# କାମ ନ ସରୁଣୁ ରାସ୍ତାରୁ ଉଠିଲାଣି ପିଚୁ

**ନୀଳଗିରି, ୬।୧ (ସଂଚାର ବ୍ୟୁରୋ) :** ରାସ୍ତା କାମ ଏକ ମାସ ନପୁରୁଣୁ ଉଠିଲାଣି ପିଚୁ । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ରାସ୍ତା କାମ ଏଭଳି ନିମ୍ନମାନର ହୋଇଥିବା ଅଭିଯୋଗ କରି ଘଟଣାରେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ଜନସାଧାରଣ। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ଅନ୍ତର୍ଗତ ଭାଲୁକାଶୁଣି-ନରଣପୁର-ମାଟିଆଳୀ ରାସ୍ତା କାମରେ।

ଏହି ରାସ୍ତାର ଉନ୍ନତିକରଣ ପାଇଁ ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗ ଆନୁକୁଲ୍ୟରେ ୧୭କୋଟି ୯୨ଲକ୍ଷ ୨୫ହଜାର ୫୪୬ଟଙ୍କା ବ୍ୟୟବରାଦ ହୋଇଥିଲା। ୨୦୨୩ ମସିହା ଡିସେମ୍ବର ୨୮ତାରିଖ ଦିନ ତତ୍କାଳୀନ ତଥା ବର୍ତ୍ତମାନର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ତତ୍କାଳୀନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ କରକମଳରେ ଶୁଭ ଶିଳାନ୍ୟାସ ଦିଆଯାଇଥିଲା। ପ୍ରହଲ୍ଲାଦ ବାଗ ନାମକ ଜୈନିକ ଠିକାଦାର ଉକ୍ତ ରାସ୍ତାର କାର୍ଯ୍ୟାଦେଶ ପାଇ କାର୍ଯ୍ୟାରମ୍ଭ କରିଥିଲେ। ତେବେ ସଂପୃକ୍ତ ରାସ୍ତାର ନିର୍ମାଣକାର୍ଯ୍ୟ ଚାଲିଥିବା ବେଳେ ଭାଲୁକାଶୁଣି ଠାରୁ ନରଣପୁର ମଧ୍ୟରେ ଫାଇନାଲ ପିଚ କାମ ପ୍ରାୟ ୨୦ ଦିନ ତଳେ ସରିଥିବା ବେଳେ ଅଧିକାଂଶ ଜାଗାରେ ପିଚୁ ଉଠି ବଜୁରି ବାହାରି ପଡ଼ିଥିବା ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ମଟରସାଇକେଲ ଆରୋହୀ



## ଭିଜିଲାନ୍ସ ତଦନ୍ତ ଦାବି

ହଡବଡେଇ ପଡ଼ିଯାଇ ଲହୁଲୁହାଣ ହୋଇପଡ଼ିଥିବା ଅଭିଯୋଗ ହୋଇଛି।

ଏନେଇ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ପରେ ତରବରିଆ ଭାବେ ଘଟଣାକୁ ଚପାଇ ଦେବାକୁ ଠିକାଦାର ଶ୍ରୀ ବାଗ ଏବଂ କନିଷ୍ଠଯନ୍ତ୍ରୀ ସନ୍ତୋଷ ପଣ୍ଡାଙ୍କ ଚକ୍ରାନ୍ତରେ ସୋମବାର ଭୋର ସମୟରେ ଟ୍ରାକ୍ଟର ସାହାଯ୍ୟରେ କ୍ରସର୍ ଡଷ୍ଟ ଆଣି କିଛି ତରଳପଦାର୍ଥ (ପ୍ରାଇମର) ସହ ରାସ୍ତାରେ ପ୍ୟାଚ୍ ପକାଇଥିବା ଦେଖିବାକୁ ମିଳିଛି। ହେଲେ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ପାଇଁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଥିଲା।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଶ୍ରୀଯୁକ୍ତ ପଣ୍ଡା ପଚାରିବାରୁ ଗଛଛାଇ ଯୋଗୁଁ ରାସ୍ତାର ଏଭଳି ପିଚୁ ଉଠିଥିବା ସଫେଇ ଦେବା ସହ ପିଚୁ ଓ ଗୋଡ଼ି ଉଠୁଥିବା ସ୍ଥାନର ମରାମତି ହୋଇଗଲେ ଠିକ୍ ହୋଇଯିବ ବୋଲି ସେ କହିଛନ୍ତି। ତେବେ କାମ ନସରୁଣୁ ପିଚୁଉଠିବା ଘଟଣାରେ ଭିଜିଲାନ୍ସ ତଦନ୍ତ କରାଇବାକୁ ସ୍ଥାନୀୟ ଜନସାଧାରଣ ଦାବି କରୁଛନ୍ତି।

# ଭୂତମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କୁଜଙ୍ଗ, ୬।୧ (ସଂଚାର ବ୍ୟୁରୋ) :** କୁଜଙ୍ଗ ବ୍ଲକ ଭୁତମୁଣ୍ଡାଇ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୭ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇ ଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୈଷ୍ଣବ ଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱାଳୀ ପଂଚାୟତର ସରପଞ୍ଚ ମନୋରମା ମଲ୍ଲ ଯୋଗଦେଇ ଶିକ୍ଷା ସହିତ କ୍ରୀଡା ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି କହିବା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀମାନ ପାଠ ସହିତ କ୍ରୀଡାକୁ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ମାୟଧର ଦାସ ବକ୍ତବ୍ୟ ପ୍ରଦାନ କରି ଅଭିଭାବକ ମାନଙ୍କର ସେମାନଙ୍କ ପିଲାଙ୍କୁ ଗଢି ତୋଳିବା ନେଇ ରହିଥିବା ଦାୟୀତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ସ୍ୱାଇଁ, ସିଆରସିସି ସୂର୍ଯ୍ୟକାନ୍ତ ମଲ୍ଲ, ସାମ୍ବାଦିକ ଦୁଷ୍ମନ୍ତ ମାଝୀ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଗୁରୁମା ଅପରାଜିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁ ଓ ଗୁରୁମା'ମାନେ ସହଯୋଗ କରିଥିଲେ।



# ଓଡ଼ିଆ ଘରେ ରହିବେ, ସଂସ୍କୃତିର ମଜାନେବେ ପ୍ରବାସୀ

**ଭୁବନେଶ୍ୱର,୬।୧ (ସଂଚାର ବ୍ୟୁରୋ):** ଭାରତୀୟ ସଂସ୍କୃତିର ମହାନତା ପ୍ରତିପାଦିତ କରୁଥିବା 'ଅତିଥି ଦେବୋ ଭବଃ'କୁ ପାଳନ କରିବା ସକାଶେ ସମସ୍ତ ପ୍ରସ୍ତୁତି ସରିଲାଣି। ରାଜ୍ୟକୁ ଆସୁଛନ୍ତି ବିଶ୍ୱବ୍ୟାପୀ ଅତିଥି, ଦେଖିବେ ଓଡ଼ିଶାର ଆତିଥେୟତା । ଓଡ଼ିଆ ଘରେ ରହିବେ, ଓଡିଆଙ୍କ ପାରମ୍ପରିକ ଚଳଣୀକୁ ବେଶ ପାଖରୁ ଦେଖିବେ ପ୍ରବାସୀ ଭାରତୀୟ ଅତିଥି । ଏଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି । ହୋଟେଲ, ଲଜ୍ ଓ ସରକାରୀ ଅତିଥିଶାଳା ବ୍ୟତୀତ ଅନ୍ତର୍ଜାତୀୟ ଅତିଥିଙ୍କ ପାଇଁ ସାଧାରଣ ବ୍ୟକ୍ତିବିଶେଷଙ୍କ ଘରେ ହୋମ ଷ୍ଟେ'ର ବ୍ୟବସ୍ଥା କରାଯାଇଛି ।




ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା 'ପ୍ରବାସୀ ଭାରତୀୟ ଦିବସ'କୁ ଆଉ ମଝିରେ ମାତ୍ର ଗୋଟିଏ ଦିନ ବାକି ଥିବା ବେଳେ ଏଥିପାଇଁ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରି ସାରିଛନ୍ତି ରାଜ୍ୟ ସରକାର। ଭୁବନେଶ୍ୱର, ପୁରୀ, କଟକ ଭଳି ପର୍ଯ୍ୟଟନବହୁଳ ସହର ଗୁଡ଼ିକୁ ବୁଲି ଦେଖିବାର ସୁଯୋଗ ପାଇବେ ପ୍ରବାସୀ ଭାରତୀୟ। ୩୧ଟି ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବେ ଅନ୍ତର୍ଜାତୀୟ ଅତିଥି। ସେମାନଙ୍କୁ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ୩ ଭାଷାର ପ୍ରବୀଣ ଗାଇଡ୍ ବୁଝାଇବେ। କଳାର ଉତ୍କର୍ଷସ୍ଥଳ ଉତ୍କଳର ରାଜଧାନୀରେ ଅତିଥିମାନଙ୍କ ପାଇଁ ହୋମ ଷ୍ଟେ'ର ବ୍ୟବସ୍ଥା କରାଯାଇଛି। ଫଳତଃ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ସହ ହୋମ ଷ୍ଟେ'ର ମଜାନେବେ ପ୍ରବାସୀ ଭାରତୀୟ। ଏଥିରେ ଘରୋଇ ଭାବେ ରହିବା ସହ ପାର୍କିଂ ଓ ରୋଷେଇର ସୁବିଧା ମିଳିପାରିବ। ସେଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜଧାନୀରେ ୨୮୦ ଜଣ ଘର ମାଲିକ ପଞ୍ଜୀକରଣ ହୋଇଛି। ହୋମ ଷ୍ଟେ' ବ୍ୟବସ୍ଥାରେ ଘର ମାଲିକ ଓ ଅତିଥିଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ମଧ୍ୟସ୍ଥି ଭୂମିକାରେ କାର୍ଯ୍ୟ କରିବ। ପରିବାର ଭିତରେ ଯେହେତୁ ପ୍ରବାସୀ ଭାରତୀୟମାନେ ରହିବେ, ତେଣୁସେମାନେ ଶତପ୍ରତିଶତ ସୁରକ୍ଷିତ ରହିବେ । ଏଥିସହ ଭୁବନେଶ୍ୱର ଓ ପୁରୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆଜି ଭୁବନେଶ୍ୱରର ଲଳିତ କଳା ଏକାଡେମୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଭୁବନେଶ୍ୱରରେ 'ନ୍ୟାସନାଲ ଗ୍ୟାଲେରୀ ଅଫ ମଡର୍ଣ୍ଣ ଆର୍ଟ' ଏବଂ ଲଳିତକଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ଓଡ଼ିଶାର କଳା ସଂସ୍କୃତିର ସମ୍ଭାର 'ଉତ୍କଳିକା' ପ୍ରଦର୍ଶନୀ ଆରମ୍ଭ ହୋଇଛି ।

ସେହିପରି, ପ୍ରବାସୀ ଭାରତୀୟ ଦିବସକୁ ଶୃଙ୍ଖଳିତ ଓ ସରସ ସୁନ୍ଦର କରିବା ସକାଶେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଓ ରାଜ୍ୟ ସରକାର ମିଳିତ ଭାବେ ଆସନ୍ତା ୮ରୁ ୧୦ ଯାଏଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି ଯେଉଁଥିରେ ଚିଲିକା ମହୋତ୍ସବ ଅନ୍ୟତମ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି। ସେହିପରି ଗତକାଲିଠୁ ଆଦିବାସୀ ମେଳା ଆରମ୍ଭ ହୋଇଛି। ଆସନ୍ତାକାଲିଠାରୁ ପୁଷ୍ପ ପ୍ରଦର୍ଶନୀ ହେବ । ରାଜାରାଣୀ ସଙ୍ଗୀତ ଉତ୍ସବ, ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ସବୁ କିଛି ଆୟୋଜନ କରାଯାଉଛି । ଓଡ଼ିଶାର କଳା, ସଂସ୍କୃତି ଐତିହ୍ୟ ବିଶ୍ୱ ଦରବାରରେ ପ୍ରଚାର ପ୍ରସାର ମୂଳ ଲକ୍ଷ୍ୟ। ବିଭିନ୍ନ ଦେଶରୁ ଆସିଥିବା ବ୍ୟକ୍ତିମାନଙ୍କୁ ଏକ ସୁଖଦ ଅନୁଭୂତି ଦେବାକୁ ପ୍ରୟାସ କରୁଛନ୍ତି ରାଜ୍ୟ ସରକାର ।

ସୂଚନାଯୋଗ୍ୟ ଯେ ଆସନ୍ତା ୮ରୁ ତିନିଦିନିଆ ପ୍ରବାସୀ ଭାରତୀୟ ଦିବସ ଏଠାରେ ଅନୁଷ୍ଠିତ ହେବ, ଯେଉଁଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ପ୍ରାୟ ୪ ହଜାର ପ୍ରବାସୀ ଭାରତୀୟ ଏହି କାର୍ଯ୍ୟକ୍ରମରେ ଯୋଗଦେବା ନେଇ ପଞ୍ଜୀକରଣ କରିସାରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ପହଞ୍ଚୁଥିବା ଅତିଥିଙ୍କ ସ୍ୱାଗତ ପାଇଁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦଳର ସମସ୍ତ ସାଂସଦ, ବିଧାୟକ ଓ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ଦଳ ପକ୍ଷରୁ ଆସନ୍ତାକାଲିଠାରୁ ସମସ୍ତ ଜିଲ୍ଲାକୁ ଦୁଇଦିନିଆ ପଦଯାତ୍ରା ଆରମ୍ଭ ହେବ। ସମସ୍ତ ଜିଲ୍ଲାରେ ପଦଯାତ୍ରା କରିବ ଦଳ। ଆଜି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ବିମାନବନ୍ଦରରେ ସ୍ୱାଗତ କରାଯାଇଥିବା ବେଳେ ୮ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯିବ ବୋଲି ଶ୍ରୀ ସାମଲ କହିଛନ୍ତି ।

## ଓଡ଼ିଶାକୁ 'ଆଚିଭର' ପୁରସ୍କାର



**କଟକ,୬।୧(ସଂଚାର ବ୍ୟୁରୋ):** ଲିଡ ୨୦୨୪ରେ ଓଡ଼ିଶା ଉପକୂଳବର୍ତ୍ତୀ ଗୋଷ୍ଠୀ ମଧ୍ୟରେ 'ଆଚିଭର୍' ରାଜ୍ୟ ଭାବେ ସମ୍ମାନିତ ହୋଇଛି। ୨୦୨୩ରେ 'ଆଙ୍କାକ୍ଷୀରୁ' ଅଗ୍ରଗତି କରି ଆଚିଭର ମାନ୍ୟତା ପାଇଛି। କେବଳ ତିନୋଟି ଉପକୂଳବର୍ତ୍ତୀ ରାଜ୍ୟ - ଗୁଜୁରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଓଡ଼ିଶାଠାରୁ ଆଗରେ ଅଛନ୍ତି। କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଲଜିଷ୍ଟିକ୍ ଇଜ୍ ଆକ୍ରସ ଡିଫରେଣ୍ଟ ଷ୍ଟେଟସ (ଲିଡସ୍) ୨୦୨୪ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶିଳ୍ପ ଓ ଏମଏସଏମଇ ସଚିବ ହେମନ୍ତ ଶର୍ମା ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। "ବିଭିନ୍ନ ରାଜ୍ୟରେ ଲଜିଷ୍ଟିକ୍ ସହଜ (ଲିଡସ୍)" ହେଉଛି ଭାରତ ସରକାରଙ୍କ ଏକ ନିଆରା ପଦକ୍ଷେପ, ଯାହା ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଲଜିଷ୍ଟିକ୍ ଇକୋ-ସିଷ୍ଟମର କାର୍ଯ୍ୟଦକ୍ଷତାକୁ ଆକଳନ କରିବା ଉପରେ ଧ୍ୟାନ ଦେଇଥାଏ। ଏହା ଲଜିଷ୍ଟିକ୍ କାର୍ଯ୍ୟଦକ୍ଷତାର ପ୍ରମୁଖ ଡ୍ରାଇଭରଗୁଡ଼ିକ ବିଷୟରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ମୂଲ୍ୟବାନ ଜ୍ଞାନ ପ୍ରଦାନ କରେ, ଯାହା ପ୍ରଭାବଶାଳୀ ନୀତି ଏବଂ ନିଷ୍ପତ୍ତି ନେବା ପାଇଁ ରାଜ୍ୟ ବ୍ୟବହାର କରିପାରିବେ। ସଡକ ଏବଂ ରେଳର ଗୁଣବତ୍ତା, ପିଏମ ଗତିଶକ୍ତି ମାଧ୍ୟମରେ ପ୍ରଥମ ଏବଂ ଶେଷ ମାଇଲ ସଂଯୋଗ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦକ୍ଷତା ବୃଦ୍ଧି, ପରିବେଶକୁ ପ୍ରୋତ୍ସାହନ ଦେଇ ଖଣି ପରିବହନରେ ପରିବର୍ତ୍ତନ ଆଣିବା ପାଇଁ କନଭେୟର ବେଲ୍ଟ ଏବଂ ସ୍ଲୁରି ପାଇପଲାଇନ ବିକାଶ ପ୍ରକଳ୍ପ ପ୍ରଣୟନ କରି ରାଜ୍ୟ ଲଜିଷ୍ଟିକ୍ ଭିତ୍ତିଭୂମିରେ ଅତୁଳନୀୟ ଉନ୍ନତି କରିଛି। ସ୍ଥିରତା, ଏବଂ ପାରମ୍ପାରିକ ପରିବହନ ଧାରା ଉପରେ ନିର୍ଭରଶୀଳତା ହ୍ରାସ କରୁଥିବାବେଳେ ରାଜ୍ୟ ପାଇଁ ଆର୍ଥିକ ଲାଭ ବୃଦ୍ଧି ହୋଇପାରିଛି।

## ପ୍ରାରମ୍ଭିକ ସଂସ୍କାର ଉଚ୍ଚଶିକ୍ଷାକୁ ସରଳ କରିବ

**ନୂଆଦିଲ୍ଲୀ/ଭୁବନେଶ୍ୱର,୬।୧:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀଠାରେ ୟୁଜିସି (ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଓ ଏକାଡେମିକ୍ କର୍ମଚାରୀଙ୍କ ନିଯୁକ୍ତି ଓ ପଦୋନ୍ନତି ପାଇଁ ସର୍ବନିମ୍ନ ଯୋଗ୍ୟତା ଏବଂ ଉଚ୍ଚଶିକ୍ଷାରେ

**ୟୁଜିସିର ନୂଆ ଅଡିଟୋରିୟମ 'ପୁଷ୍ପଗିରି' ଉଦ୍‌ଘାଟିତ**

ମାନକ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ) ନିୟମାବଳୀ, ୨୦୨୫ର ଡ୍ରାଫ୍ଟ ଉନ୍ମୋଚନ କରିବା ସହ ୟୁଜିସିର ନୂଆ ଅଡିଟୋରିୟମ 'ପୁଷ୍ପଗିରି'କୁ ଉଦଘାଟନ କରିଛନ୍ତି ।



ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ୟୁଜିସିର ଉକ୍ତ ନିୟମାବଳିରେ ପ୍ରାରମ୍ଭିକ ସଂସ୍କାର ଓ ମାର୍ଗଦର୍ଶିକା ଉଚ୍ଚ ଶିକ୍ଷାର ପ୍ରତ୍ୟେକ ଦିଗରେ ନବସୃଜନ, ସମାବେଶୀ, ସରଳୀକରଣ ପ୍ରକ୍ରିୟାକୁ ପ୍ରାଥମିକତା ଦେଇ ଗତିଶୀଳତାକୁ ପ୍ରୋତ୍ସାହିତ କରିବ। ଶିକ୍ଷକ ଓ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ସଶକ୍ତ କରିବ। ଶୈକ୍ଷିକ ମାନକୁ ସୁଦୃଢ଼ କରିବ ଏବଂ ଶିକ୍ଷାଗତ ଉତ୍କର୍ଷତା ହାସଲ ପାଇଁ ପଥ ପ୍ରଶସ୍ତ କରିବ । ମତାମତ, ପରାମର୍ଶ ପାଇଁ ଡ୍ରାଫ୍ଟ ନିୟମାବଳୀ, ୨୦୨୫କୁ ସାର୍ବଜନୀନ କରାଯାଇଛି ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଗୁଣାତ୍ମକ ଶିକ୍ଷା ଓ ଗବେଷଣା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହ ଦେଶକୁ ବିକଶିତ ଭାରତ ୨୦୪୭ ଆଡକୁ ଆଗେଇ ନେବା ପାଇଁ ୟୁଜିସି ଖୁବଶୀଘ୍ର ଡ୍ରାଫ୍ଟ ରେଗୁଲେସନ୍, ୨୦୨୫ ଚୂଡ଼ାନ୍ତ ରୂପରେ ପ୍ରକାଶ କରିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ । ତେବେ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଡ୍ରାଫ୍ଟ ନିୟମାବଳୀ ଏବଂ ମାର୍ଗଦର୍ଶିକା ପ୍ରସ୍ତୁତ କରିଥିବାରୁ କେନ୍ଦ୍ରମନ୍ତ୍ରୀ ୟୁଜିସିକୁ ଅଭିନନ୍ଦନ ଜଣାଇଛନ୍ତି । ୟୁଜିସି ନବନିର୍ମିତ ଅଡିଟୋରିୟମ୍ 'ପୁଷ୍ପଗିରି' ରଖି ଓଡ଼ିଶାର ବୌଦ୍ଧିକ ଐତିହ୍ୟକୁ ସମ୍ମାନିତ କରିଥିବାରୁ ଶ୍ରୀ ପ୍ରଧାନ ଏହାକୁ ପ୍ରଶଂସା କରିବା ସହ ଯାଜପୁରର ପୁଷ୍ପଗିରି କିପରି ଜ୍ଞାନର ପୀଠ ଓ ଜ୍ଞାନର ପ୍ରତୀକ, ସେନେଇ ସୂଚନା ଦେଇଥିଲେ। ଉଲ୍ଲେଖନୀୟ, ଡ୍ରାଫ୍ଟ ୟୁଜିସି ନିୟମାବଳୀ-୨୦୨୫ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସୁବିଧା ଉପାୟରେ ସେମାନଙ୍କ ଅନୁଷ୍ଠାନରେ ଶିକ୍ଷକ ଏବଂ ଶୈକ୍ଷିକ କର୍ମଚାରୀଙ୍କୁ ନିଯୁକ୍ତି ଏବଂ ପଦୋନ୍ନତି ଦେବାରେ ସହାୟକ ହେବ।

## ଦରବୃଦ୍ଧି ବିରୋଧରେ ବିଜେଡିର ବିକ୍ଷୋଭ

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଦରବୃଦ୍ଧି ବିରୋଧରେ ବିଜେଡି ଡାକରାରେ ଆଜି ଲୋକସେବା ଭବନ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ବିରୋଧୀ ଦଳର ନେତା ତଥା ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ବିଜେପି ସରକାର ଉପରେ ବର୍ଷିଛନ୍ତି।



ଶ୍ରୀ ପଟ୍ଟନାୟକ କହିଥିଲେ, ଜୁନ ମାସରେ ବିଜେପି ସରକାର ଗଠନ ହେଲା। ସାତ ମାସ ହୋଇଗଲା କେବଳ ଲମ୍ବା ଲମ୍ବା ଭାଷଣ ଆମେ ଏବେ ଶୁଣୁଛୁ, କିନ୍ତୁ କାମ ଘର ଶୂନ। ଦରଦାମ ବଢ଼ି ବଢ଼ି ଚାଲିଛି କିନ୍ତୁ କିଛି ଆକ୍ସନ ନାହିଁ। ଏ ସରକାର ଲୋକଙ୍କ ସରକାର ବୋଲି ଦାବି କରୁଛି, କିନ୍ତୁ ଲୋକଙ୍କ ସୁଖ ଦୁଃଖ ସହ ଏ ସରକାରର ସମ୍ପର୍କ ଥିବାପରି ଜଣାପଡୁ ନାହିଁ। ଡାଲି, ତେଲ, ପରିବା କଥା କୁହନ୍ତୁ, ଗ୍ରୋସରୀ ଠାରୁ ଆରମ୍ଭ କରି ମେଡ଼ିସିନ ପର୍ଯ୍ୟନ୍ତ ସବୁ ଅତ୍ୟାବଶକୀୟ ଜିନିଷର ଦର ଏବେ ଆକାଶଛୁଆଁ। ମାର୍କେଟ ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ, ଆଇ ମା କାହାଣୀ କହି ସରକାର ଖୁସି ହେଉଛନ୍ତି। ସାଧାରଣ ଲୋକଙ୍କ ପାଇଁ ବଞ୍ଚିବା କଷ୍ଟ ହୋଇଗଲାଣି। ଅଦିନିଆ ବର୍ଷା, ଫସଲ ହାନି, ପୁଣି ପ୍ରତିଦିନ ଚାଷୀ ଆତ୍ମହତ୍ୟା କରୁଛି, ବୋଝ ଉପରେ ଏହା ନଳିତା ବିଡା ପରି ହୋଇଛି, କିନ୍ତୁ ନେତାଙ୍କ ସମୟ ନିଜ ପ୍ରୋମୋସନରେ ବିତୁଛି। ମା ମାନେ କାନ୍ଦୁଛନ୍ତି, ଚାଷୀ କାନ୍ଦୁଛନ୍ତି, କିନ୍ତୁ ଏ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ମିଛ କଥା କହି, ମିଛ ପ୍ରତିଶ୍ରୁତି ଦେଇ, ବିଜେଡି ଠାରୁ କମ୍ ଭୋଟ ପାଇ ଏ ସରକାର କ୍ଷମତାକୁ ଆସିଛି, ଡବଲ ଇଂଜିନ ଡବଲ ମାଡ଼। ଏପଟେ ଦରବୃଦ୍ଧି ମାଡ, ସେପଟେ ଜିଏସ୍‌ଟି ମାଡ଼, ସବୁ ଜିନିଷରେ ଜିଏସ୍‌ଟି, ଗରିବ ଲୋକ ବେଶୀ ଜିଏସଟି ଦେଉଛନ୍ତି। ବିଜେପି ସରକାର ଟ୍ରେଲରରେ ଗୋଲାପୀ ଚିତ୍ର ଦେଖାଇଲେ, କିନ୍ତୁ ଫିଲ୍ମ ରିଲିଜ ହେଲା ଏମ୍‌ଏମ୍ ସରକାର, ମହଙ୍ଗା ମାଡ ସରକାର। ସାଢେ ଚାରି କୋଟି ଓଡ଼ିଆଙ୍କ ପ୍ରତିବାଦ ହିଁ ସରକାରଙ୍କ ଅସଲ ଚେହେରା ଖୋଲିଦେବ। ଭୁବନେଶ୍ୱର ସଲଗ୍ନ ଜିଲ୍ଲା ମାନଙ୍କରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ବିକ୍ଷୋଭରେ ଯୋଗ ଦେଇଥିଲେ।

## ସରକାରୀ ଯାନ୍ତ୍ରିକ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ !

**କେନ୍ଦୁଝର,୬।୧(ସଂଚାର ବ୍ୟୁରୋ):** ପାଠ ପଢ଼ାଇବା ବାହାନାରେ ସରକାରୀ ଯାନ୍ତ୍ରିକ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପଚରାଉଚରା କରିବା ସକାଶେ ପୁଲିସ୍ ସମ୍ପୃକ୍ତ ଅଧ୍ୟାପକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ପୀଡ଼ିତା ଜଣଙ୍କ କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ସିଭିଲ୍ ଇଞ୍ଜିନିୟରିଂ ଦ୍ୱିତୀୟ ବର୍ଷ ଛାତ୍ରୀ। ସେ ଓ ତାଙ୍କର କେତେକ ସାଥୀ କଲେଜଠାରୁ ଅଳ୍ପ ଦୂରରେ ଥିବା ଏକ ଘରେ ଭଡ଼ା ନେଇ ରହୁଥିଲେ। ଉକ୍ତ ଘର ପାଖରେ କଲେଜର କେତେକ ଅଧ୍ୟାପକ ମଧ୍ୟ ରହନ୍ତି। ତେବେ ଗତକାଲି ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ପୀଡ଼ିତା ଜଣଙ୍କ ପାଠ ସମ୍ବନ୍ଧୀୟ କେତେକ ପ୍ରଶ୍ନର ଉତ୍ତର ଜାଣିବା ସକାଶେ କଲେଜର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଅଧ୍ୟାପକଙ୍କ ପାଖକୁ ଯାଇଥିଲେ। ତାଙ୍କ ସାଥୀରେ ଅନ୍ୟ କୌଣସି ସାଙ୍ଗ ଯାଇନଥିଲେ। ତେବେ ଛାତ୍ରୀଙ୍କୁ ଏକୁଟିଆ ପାଇଁ ଅଧ୍ୟାପକ ଜଣଙ୍କ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପୀଡ଼ିତା ଜଣଙ୍କ ତୁରନ୍ତ ସେଠାରୁ ଦୌଡ଼ି ପଳାଇ ଆସିଥିଲେ। ସେ ତାଙ୍କ ସାଙ୍ଗ ଓ କେତେକ ଅଧ୍ୟାପକଅଧ୍ୟାପକଙ୍କୁ ଏ ସମ୍ପର୍କରେ କହିବା ପରେ ରାତିରେ ଏକ ବୈଠକ ବସିଥିଲା। ଆଜି ପୀଡ଼ିତା ଛାତ୍ରୀ ଜଣଙ୍କ ଏନେଇ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେପୁଲିସ୍ ମାମଲା ରୁଜୁ କରି ଜେରା ଜାରି ରଖିଛି।

## ନକ୍ସଲଙ୍କ ଆଇଇଡି ବିସ୍ଫୋରଣ
## ୮ ଯବାନ ସହିଦ, ଗାଡ଼ି ଛିନ୍‌ଛତ୍ର

**ରାୟପୁର,୬।୧:** ଛତିଶଗଡ଼ର ବିଜାପୁରରେ ନକ୍ସଲମାନେ ଭୟଙ୍କର ବିସ୍ଫୋରଣ ଘଟାଇଛନ୍ତି। ଅପରେସନରୁ ଫେରୁଥିବା ସୁରକ୍ଷାକର୍ମୀଙ୍କ ସ୍କର୍ପିଓକୁ ନକ୍ସଲମାନେ ଆଇଇଡି ଲଗାଇ ବିସ୍ଫୋରଣ ମାଧ୍ୟମରେ ଉଡ଼ାଇଦେଇଛନ୍ତି। ଏଥିରେ ୮ ଜଣ ଯବାନ ସହିଦ ହୋଇଥିବା ବେଳେ ଗାଡ଼ି ଡ୍ରାଇଭରର ମଧ୍ୟ ପ୍ରାଣ ହରାଇଛନ୍ତି। ଏହି ଭୟଙ୍କର ବିସ୍ଫୋରଣରେ ଗାଡ଼ିଟି ମଧ୍ୟ ପୂରାପୂରି ଛିନ୍‌ଛତ୍ର ହୋଇଯାଇଛି। ଏ ସଂକ୍ରାନ୍ତରେ ବସ୍ତର ଆଇଜି ଦେଇଥିବା ସୂଚନାନୁସାରେ, ଡିଆରଜି ଯବାନମାନେ ଗୋଟିଏ ସ୍ୱତନ୍ତ୍ର ଅପରେସନରେ ଯାଇଥିଲେ। ଦାନ୍ତେୱାଡା, ନାରାୟଣପୁର ଓ ବିଜାପୁରରେ ଅପରେସନ ସାରି ସେମାନେ କ୍ୟାମ୍ପକୁ ଫେରୁଥିଲେ। ତେବେ କୁଟ୍ରୁ ପୁଲିସ୍ ଷ୍ଟେସନ ଅଧୀନରେ ଥିବା ଆମ୍ବେଲି ଗାଁ ନିକଟରେ ନକ୍ସଲମାନେ ଏହି ଅଘଟଣ ଘଟାଇଛନ୍ତି। ଅପରାହ୍ଣ ପ୍ରାୟ ୨.୧୫ ମିନିଟ ସମୟରେ ଯବାନଙ୍କ ଗାଡ଼ିକୁ ଟାର୍ଗେଟ କରି ମାଓବାଦୀମାନେ ଏହି ବିସ୍ଫୋରଣ ଘଟାଇଛନ୍ତି। ଫଳରେ ଗାଡ଼ିରେ ଥିବା ସମସ୍ତ ୮ ଯବାନ ଓ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଆଇଜି କହିଛନ୍ତି। ଏହାପୂର୍ବରୁ ଅବୁଜହମାଦ ରିଜନରେ ସୁରକ୍ଷାକର୍ମୀମାନେ କରିଥିବା ଅପରେସନରେ ୨ ଜଣ ମହିଳା କ୍ୟାଡର୍‌ଙ୍କ ସମେତ ୫ ଜଣ ନକ୍ସଲ ନିହତ ହୋଇଥିଲେ। ଏବେ ନକ୍ସଲମାନେ ଏହି ଅପରେସନ୍‌ର ପ୍ରତିଶୋଧ ନେବାକୁ ଯାଇ ଏପରି ବିସ୍ଫୋରଣ ଘଟାଇଥିବା କୁହାଯାଉଛି।

## ୯ କୋଟିର ମରିଜୁଆନା ଜବତ

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମରିଜୁଆନା ଜବତ କରାଯାଇଛି। ଦୁଇ ଜଣ ଯୁବତୀ ଏହି ନିଶାଦ୍ରବ୍ୟ ଚାଲାଣ କରୁଥିବା ସମୟରେ ସେମାନଙ୍କୁ କଷ୍ଟମ୍ସ ବିଭାଗ ଗିରଫ କରିଛି। ସେମାନେ ମାଲେସିଆର କ୍ୱାଲାଲମ୍ପୁରରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ସେମାନଙ୍କୁ ଯାଞ୍ଚ କରାଯିବା ସମୟରେ ସେମାନଙ୍କ ନିକଟରୁ ୧୯ଟି ପ୍ୟାକେଟ୍‌ରେ ପାଖାପାଖି ୯ କିଲୋ ଓଜନର ମରିଜୁଆନା ଜବତ କରାଯାଇଛି। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ନିଶାଦେଇ ସୁନାଗହଣା ଲୁଟ୍

● ଆକ୍ରମଣରେ ଜେଜେମା'-ନାତୁଣୀ ଗୁରୁତର

**ବ୍ରହ୍ମପୁର,୬।୧(ସଂଚାର ବ୍ୟୁରୋ):** ପାନୀୟ ଜଳରେ ନିଶା ଦେଇ ଜେଜେମା' ଓ ନାତୁଣୀଙ୍କୁ ଲୁଟି ନେବା ସହ ଦୁର୍ବୃତ୍ତଙ୍କ ଆକ୍ରମଣରେ ସେମାନେ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ଲୁଟିବା ପରେ ଲୁଟେରାମାନେ ରାସ୍ତା କଡ଼ରେ ଫିଙ୍ଗିଦେବା ଫଳରେ ଉଭୟ ମେଡିକାଲ୍ ବେଡ୍‌ରେ ଜୀବନ ସହ ସଂଘର୍ଷ କରୁଛନ୍ତି ଜେଜେମା' ଓ ନାତୁଣୀ। ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ସହରର କୁନ୍ତଳା କୁମାର ଗୌଡ଼ ତାଙ୍କ ନାତୁଣୀ ସ୍ୱିଟିଙ୍କୁ ଧରି ବଡ଼ଝିଅ ଘର ଚଢ଼େୟାପଲିକୁ ଯାଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ କୁନ୍ତଳା ନିଜ ଝିଅ ଘରକୁ ଏକ ଅଟୋରେ ବାହାରିଥିଲେ। ତେବେ ରାତି ପ୍ରାୟ ୧୦ଟା ସୁଦ୍ଧା ସେମାନେ ଘରେ ନ ପହଞ୍ଚିବାରୁ ପରିବାର ଲୋକେ ବ୍ୟସ୍ତ ହୋଇପଡ଼ିଥିଲେ। ସେମାନେ ଚାରିଆଡେ ଖୋଜାଖୋଜି କରିଥିଲେ ମଧ୍ୟ କୁନ୍ତଳା ଓ ସ୍ୱିଟିଙ୍କ କୌଣସି ସୂଚନା ପାଇନଥିଲେ। ପରେ ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଛତ୍ରପୁର ମେଡିକାଲ୍‌ରୁ ଖବର ପାଇ ପରିବାର ଲୋକେ କୁନ୍ତଳା ଓ ସ୍ୱିଟିଙ୍କ ପାଖରେ ପହଞ୍ଚିଥିଲେ। ସଙ୍ଗେ ସଙ୍ଗେ ଉଭୟଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କ ଚେତା ଫେରି ନଥିବା କୁହାଯାଇଛି। ଅଭିଯୋଗ ଅନୁସାରେ, କୁନ୍ତଳା ଓ ସ୍ୱିଟି ଅଟୋରେ ଘରକୁ ଫେରୁଥିବା ସମୟରେ ଅଧା ରାସ୍ତାରେ କେତେକ ଦୁର୍ବୃତ୍ତ ସେମାନଙ୍କୁ ପାନୀୟରେ ନିଶା ମିଶାଇ ପିଇବାକୁ ଦେଇଥିଲେ। ସଂଜ୍ଞା ହରାଇବା ପରେ ସେମାନେ କୁନ୍ତଳାଙ୍କ ବେକରୁ ୨ ଭରି ଓଜନର ସୁନା ଚେନ ଓ ହାତରୁ ୨୦୦ ଗ୍ରାମ ଓଜନର ରୁପା ଖଡ଼ୁ ଲୁଟିନେଇଥିଲେ ଦୁର୍ବୃତ୍ତ।

## ହତ୍ୟା ମାମଲାରେ ବିଧାୟକ ଇରାଶିଷ ନିର୍ଦ୍ଦୋଷରେ ଖଲାସ



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ହତ୍ୟା ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ। ବୁଲୁ ଓରଫ ନାରାୟଣ ସତନାମୀଙ୍କ ହତ୍ୟା ମାମଲାରେ ସେ ଅଭିଯୁକ୍ତ ଥିଲେ। ଗତ ୨୦୧୮ରେ ସଂଘଟିତ ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡରେ ଇରାଶିଷଙ୍କ ସହ ପ୍ରମୋଦ ପୋଢ଼, ବବୁଲୁ ନାଗ ଓ ବଣ୍ଟି ପୁରୋହିତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଇରାଶିଷ ଓ ଅନ୍ୟ ୩ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ଆଇପିସିର ଧାରା ୩୦୨, ୧୧୪, ୩୪ ଓ ୨୫, ୨୭, ୨୯ ଆର୍ମସ ଆକ୍ଟରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। କିନ୍ତୁ ସମସ୍ତ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ବିଧାୟକ ଇରାଶିଷଙ୍କ ସହ ଅନ୍ୟ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଅତିରିକ୍ତ ଜିଲ୍ଲା ଦୌରାଜଜ ସଂଘମିତ୍ରା ଶର୍ମା ଖଲାସ କରିଛନ୍ତି। ହତ୍ୟାକାଣ୍ଡ ସମୟରେ ବିଜେପୁର ଉପନିର୍ବାଚନ ପୂର୍ବରୁ ସଂଗଠିତ ଏକ ଗଣ୍ଡଗୋଳରେ ଆହତ ହୋଇ ଇରାଶିଷ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିଲେ ବୋଲି ଇରାଶିଷଙ୍କ ଓକିଲ ଶରତ କୁମାର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ ୨୦୧୮ରେ ଇରାଶିଷଙ୍କ ଭଟଲିସ୍ଥିତ ଘରେ କେତେକ ବିଜେପି କର୍ମୀ ରହୁଥିଲେ। ବିଜେପୁର ଉପନିର୍ବାଚନ ସମୟରେ ସେଠାରେ ଇରାଶିଷଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ଆହତ ହୋଇ ସେ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିଲେ। ସେହି ସମୟରେ ଇରାଶିଷଙ୍କ ଘରେ ବନ୍ଧୁକ ଫୁଟି ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଉପରୋକ୍ତ ୪ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ସାକ୍ଷ୍ୟମାନଙ୍କ ବୟାନ ଆଧାରରେ ସମସ୍ତେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

## ଥାନା ନାକତଳେ ଯୁବତୀଙ୍କୁ ଛୁରାମାଡ଼

**କଟକ,୬।୧(ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ଥାନାଠାରୁ ପ୍ରାୟ ୧୦୦ ମିଟର ଦୂରରେ ଜଣେକା ଯୁବତୀଙ୍କୁ ଛୁରା ମାଡ଼ ହୋଇଛି। ଜନଗହଳିପୂର୍ଣ୍ଣ କଟକ ସହରର ମାଣିକ ବଜାରରେ ଏପରି ହୃଦୟ ବିଦାରକ ଘଟଣା ଘଟିଛି। ଏହି ଆକ୍ରମଣରେ ଆକ୍ରମଣର ଶିକାର ହୋଇଥିବା ଯୁବତୀ ଜଣଙ୍କ ଗୁରୁତର ଭାବେ ଆହତ ହୋଇ କଟକ ବଡ଼ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୮ଟା ସମୟରେ ଚୌଧୁରୀ ବଜାର ଅଞ୍ଚଳର ଯୁବତୀ ଜଣଙ୍କ ପୁରୀ ଘାଟ ଥାନାଠାରୁ ଅଳ୍ପ ଦୂର ମାଣିକ ବଜାରରେ ଛିଡ଼ା ହୋଇଥିଲେ। ତେବେ ହଠାତ୍ ଜଣେ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଯୁବକ ଜଣଙ୍କ ଯୁବତୀଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ବାରମ୍ବାର ଛୁରି ଭୁଷିଚାଲିଥିଲା। ଏପରି ଏକ ଲୋମହର୍ଷଣକାରୀ ଘଟଣା ଦେଖି ରାସ୍ତାରେ ଯାଉଥିବା ଲୋକେ ହଠାତ୍ କିଛି ବୁଝି ପାରିନଥିଲେ। କିନ୍ତୁ ଯୁବତୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ସେଠାକୁ ଧାଇଁ ଆସିଥିଲେ। ତେବେ ଲୋକଙ୍କ ଗହଳି ଦେଖି ଯୁବକ ଜଣକ ସେଠାରୁ ଚମ୍ପଟ ମାରିଥିଲା। ତୁରନ୍ତ ଲୋକେ ଯୁବତୀଙ୍କୁ ସ୍ଥାନୀୟ ଲୋକେ ସିଟି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଯୁବତୀଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବା ଜଣାପଡ଼ିଛି।

କିନ୍ତୁ ଆକ୍ରମଣର ଠୋସ୍ କାରଣ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିବା ସହ ମେଡିକାଲ୍‌ରେ ପହଞ୍ଚି ଯୁବତୀଙ୍କ ବୟାନ ରେକର୍ଡ କରିଛି। ଯୁବତୀଙ୍କ ତଥ୍ୟ ଆଧାରରେ ପୁଲିସ୍ ଅଭିଯୁକ୍ତକୁ ଧରିବା ପାଇଁ ଉଦ୍ୟମ ଚଳାଇଛି।



## ପରିଶ୍ରମୀ ମୁଖ୍ୟମନ୍ତ୍ରୀଙ୍କୁ ମୋଦିଙ୍କ ପ୍ରଶଂସା

**ଭୁବନେଶ୍ୱର,୬।୧ (ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଏନେକ ନେତା ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତ ନେତା ମୁଖ୍ୟମନ୍ତ୍ରୀଙ୍କ ଶୁଭକାମନା କରିଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦି ମୋହନଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇ ତାଙ୍କର ଖୁବ ପ୍ରଶଂସା କରିଛନ୍ତି।



ମୋଦି ସୋସିଆଲ ମିଡ଼ିଆ ପ୍ଲାର୍ଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ଲେଖିଛନ୍ତି, "ଓଡିଶାର ପରିଶ୍ରମୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା। ଜଣେ ତୃଣମୂଳ ସ୍ତରର ନେତା, ସେ ଜନସେବା ତଥା ଗରିବ ଲୋକଙ୍କୁ ସଶକ୍ତ କରିବାରେ ଆଗରେ ରହିଛନ୍ତି। ସେ ଓଡିଶାର ଅଗ୍ରଗତି ପାଇଁ ଉଲ୍ଲେଖନୀୟ ପ୍ରୟାସ କରୁଛନ୍ତି। ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରୁଛି।"

ଏହାର ଜବାବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି। ସେ ଲେଖିଛନ୍ତି, "ସମ୍ମାନିତ ପ୍ରଧାନମନ୍ତ୍ରୀ, ତୁମର ଶୁଭେଚ୍ଛା ପାଇଁ ମୁଁ ଗଭୀର କୃତଜ୍ଞ। ଆମେ ଓଡିଶାର ଅଗ୍ରଗତି ଏବଂ ଏହାର ଲୋକଙ୍କ କଲ୍ୟାଣ ପାଇଁ ସମର୍ପିତ। ଆପଣଙ୍କର ମାର୍ଗଦର୍ଶନ ଆମ ଜନସେବା ଯାତ୍ରାରେ ଆମକୁ ପ୍ରେରଣା ଯୋଗାଉଛି।"

ନିକଟରେ ଓଡ଼ିଶାର ହୋଇଥିବା ଅଦିନିଆ ବର୍ଷା କାରଣରୁ ବିଭିନ୍ନ ଜିଲାରେ ଧାନ ଚାଷୀ ମାନଙ୍କର ଅନେକ କ୍ଷତି ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ କ୍ୟାବିନେଟ ମନ୍ତ୍ରୀମାନଙ୍କୁ ଯାଇ କ୍ଷେତ୍ର ପରିଦର୍ଶନ କରିବାକୁ କହିବା ସହିତ ନିଜେ ମଧ୍ୟ କିଛି ଜିଲା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ମୁଖ୍ୟମନ୍ତ୍ରୀ ସିଧାସଳଖ ବିଲରେ ଯାଇ ଚାଷୀଙ୍କ ଫସଲହାନି ସମୀକ୍ଷା କରିବା ସହିତ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯାହାକୁ ସାଧାରଣରେ ଅନେକ ପ୍ରଶଂସା କରାଯାଇଥିଲା।

ଏହା ବ୍ୟତୀତ ପ୍ରତ୍ୟେକ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ଅଭିଯୋଗ ମଧ୍ୟ ଶୁଣୁଛନ୍ତି। ଫଳରେ ଜଣେ ସାଧାରଣ ଲୋକ ନିଜର ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପାରୁଛି। ଯାହା ପୂର୍ବ ସରକାର ସମୟରେ ଦଶନ୍ଧି ଧରି ବନ୍ଦ ରହିଥିଲା।

## 'ଓଡ଼ିଶା ବିଶ୍ୱ ବିମାନ ଚଳାଚଳ ହବ୍ ହୋଇପାରିବ'

**ଭୁବନେଶ୍ୱର,୬।୧ (ସଂଚାର ବ୍ୟୁରୋ):** ରାଜ୍ୟକୁ ଭାରତରେ ଏକ ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ଭାବରେ ରାଜ୍ୟ ପ୍ରତିଷ୍ଠା ଦିଗରେ ଓଡ଼ିଶା ସରକାର ଏକ ପ୍ରମୁଖ ପଦକ୍ଷେପ ନେଇଛନ୍ତି। ବାଣିଜ୍ୟ ଏବଂ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏକ ଉଚ୍ଚ ସ୍ତରୀୟ ହିତାଧିକାରୀଙ୍କ ପରାମର୍ଶ ବୈଠକରେ ଆଜି ରାଜ୍ୟରେ ରକ୍ଷଣାବେକ୍ଷଣ, ମରାମତି (ଏମଆରଓ) ସୁବିଧାଗୁଡ଼ିକର ବିକାଶ ଉପରେ ବିଚାରବିମର୍ଶ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବିଭାଗର ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତିରେ ପରାମର୍ଶ ଓଡ଼ିଶା ଉଷା ପାଢେବ୍ରିମ୍ ଜିଏମଆର ଗ୍ରୁପ୍, ଷ୍ଟାର୍ ଏୟାର, ସଫ୍ରାନ୍, ମ୍ୟାକ୍ସ ଏରୋସ୍ପେସ୍, ପ୍ରିଟନି ଏରୋସ୍ପେସ୍ ଏବଂ ଏମଆରଓ ଆସୋସିଏସନ୍ ଅଫ୍ ଇଣ୍ଡିଆ ସହିତ ପ୍ରମୁଖ ଶିଳ୍ପ କମ୍ପାନୀକୁ ଏକାଠି କରିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଶିଳ୍ପ ନୀତି ରିଜୋଲ୍ୟୁସନ୍ (ଆଇପିଆର) ୨୦୨୨ ଅଧୀନରେ ଓଡ଼ିଶାକୁ ଏମଆରଓ ଅପରେଟର, ମୂଳ ଯନ୍ତ୍ରପାତି ଉତ୍ପାଦକ (ଓଇଏମ) ଏବଂ ପୂର୍ବ ଅଞ୍ଚଳରେ ବିମାନ ସେବା ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠା କରିବା ପାଇଁ ଏକ ନିବେଶକ-ଅନୁକୂଳ ନୀତି ଢାଞ୍ଚା ଗଠନ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଝାରସୁଗୁଡା, ଭୁବନେଶ୍ୱର ଏବଂ ପୁରୀ ବିମାନବନ୍ଦରର ରଣନୀତିକ ସମ୍ଭାବନାକୁ ବ୍ୟବହାର କରି ନିଜକୁ ବିଶ୍ୱ ବିମାନ ଚଳାଚଳ ହବ୍ ଭାବରେ ସ୍ଥାନିତ କରିବାକୁ ଓଡ଼ିଶାର ଉଚ୍ଚାଭିଳାଷୀ ଯୋଜନାଗୁଡ଼ିକ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଓଡ଼ିଶାର ପ୍ରତିଯୋଗିତାମୂଳକ ସୁବିଧା ଏହାକୁ ଆଲୁମିନିୟମ୍ ଉତ୍ପାଦନ କ୍ଷେତ୍ରରେ ବେଶ୍ ଆଗରେ ରଖିଛି। ଏହାର ଶକ୍ତିଶାଳୀ ଶିଳ୍ପ ଇକୋସିଷ୍ଟମ୍ ମଧ୍ୟ ବିଶ୍ୱସ୍ତରୀୟ ଏମ୍‌ଆରଓ ସୁବିଧା ପାଇଁ ଏକ ଆଦର୍ଶ ସ୍ଥାନ ବୋଲି ପ୍ରମାଣିତ କରିଛି। ଆଇପିଆର ୨୦୨୨ ମାଧ୍ୟମରେ ଆମେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏମଆରଓ ବିନିଯୋଗ ପାଇଁ ୩୦ ପ୍ରତିଶତ ପୁଞ୍ଜି ସବ୍‌ସିଡି ପ୍ରଦାନ କରୁଥିବାବେଳେ ଏକ ଦକ୍ଷ କର୍ମଜୀବୀ ନିଶ୍ଚିତ କରିବା ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଛୁ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ସୁନାରେ ତିଆରି ରୋଲ୍ସ-ରୋଏସ୍ କାର୍




ନୂଆଦିଲ୍ଲୀ, ୬।୧: ରୋଲ୍ସ-ରୋଏସ୍ ସବୁବେଳେ ଏକ ବିଳାସପୂର୍ଣ୍ଣ ଯାନ ଭାବରେ ବେଶ ଜଣାଶୁଣା। ଏହି କାର ନିର୍ମାତା କମ୍ପାନୀ ବର୍ତ୍ତମାନ ଏକ କାର ଆଣିଛି ଯାହାର କ୍ୟାବିନ ୧୮ କ୍ୟାରେଟ ସୁନାରେ ନିର୍ମିତ। ଆଇକନିକ୍ ଫିଲ୍ମ ଜେମ୍ସ ବଣ୍ଡରେ ଦେଖାଯାଇଥିବା ରୋଲ୍ସ-ରୋଏସ୍ କାରକୁ ଧ୍ୟାନରେ ରଖି ଏହି କାର୍ ଡିଜାଇନ୍ କରାଯାଇଛି। ଏହି ଫିଲ୍ମର ଭିଲେନ୍ ଗୋଲ୍ଡଫିଙ୍ଗର ଏହି ଫିଲ୍ମରେ ଏକ ରୋଲ୍ସ-ରୋଏସ୍ ଫାଣ୍ଟମ୍ ବ୍ୟବହାର କରିଥିଲେ। ରୋଲ୍ସ-ରୋଏସ୍ ର ଗାଡ଼ି ଗୁଡିକ ବିଭିନ୍ନ ଡିଜାଇନରେ କଷ୍ଟୋମାଇଜ୍ ହୋଇପାରେ ଏବଂ ଏଥିପାଇଁ ଏହା ବେଶ ଲୋକପ୍ରିୟ ମଧ୍ୟ। ସୁନାରେ ନିର୍ମିତ ଏହି କାରଟି ୧୯୩୭ର ଫାଣ୍ଟମ୍ III ପରି ଡିଜାଇନ୍ ହୋଇଛି, ଯାହା ଡବଲ୍ ଟୋନ୍ କମ୍ବିନେସନ୍ ସହିତ ଆସେ। ଏହି ଗାଡ଼ିକୁ କଳା ଏବଂ ହଳଦିଆ ରଙ୍ଗ ସହିତ ଅଣାଯାଇଛି। ଏହି ଗାଡିରେ ଥିବା ସ୍ପିରିଟ ଅଫ ଇଷ୍ଟାସି ପ୍ରତିମୂର୍ତ୍ତିକୁ ୧୮ କ୍ୟାରେଟ୍ ସୁନା ପାଣି ଚଢ଼ାଯାଇଛି। ଏହି ବିଳାସପୂର୍ଣ୍ଣ କାରରେ ଫ୍ଲୋଟିଂ ସିଲଭର୍ ହବ୍ କ୍ୟାପ୍ସ ସହିତ ୨୧ ଇଞ୍ଚର ବ୍ଲାକ୍ ହ୍ୱିଲ୍ ଅଛି। ଏହି ଚକଗୁଡିକ ସହିତ କାରଟି ଗୋଲ୍ଡଫିଙ୍ଗରର କାର ପରି ଦେଖାଯାଉଛି। ରୋଲ୍ସ-ରୋଏସ୍ ଗୋଲ୍ଡଫିଙ୍ଗର କ୍ୟାବିନରେ ଥିବା ସମସ୍ତ ଏଲିମେଣ୍ଟସଗୁଡ଼ିକ ସୁନାରେ ନିର୍ମିତ। ଏହି କାରରେ ଏକ ୧୮ କ୍ୟାରେଟ୍ ଗୋଲ୍ଡ ବାର୍ ଅଛି। ୧୯୬୪ ଫିଲ୍ମରେ ଗୋଲ୍ଡ ଫିଙ୍ଗର ଏକ ଲାଇନ୍ କହିଥିଲା - 'ଦିସ୍ ଇଜ୍ ଗୋଲ୍ଡ, ମିଷ୍ଟର ବଣ୍ଡ', ଏହି ଲାଇନ୍ ଗାଡ଼ିର ଗ୍ଲୋଭବକ୍ସରେ ଲେଖାଯାଇଛି, ଯାହାଫଳରେ ଫିଲ୍ମର ଥିମ୍ ସମ୍ପୂର୍ଣ୍ଣ ଇଣ୍ଟେରିୟରର ନଜର ଆସିଛି। ଏହି ଫିଲ୍ମରେ ଭିଲେନ୍ ଗୋଲ୍ଡଫିଙ୍ଗର କାରରେ ସୁନା ଚୋରା ଚାଲାଣ କରୁଥିଲେ। ରୋଲ୍ସ-ରୋଏସ୍ ଫାଣ୍ଟମ୍ ଗୋଲ୍ଡଫିଙ୍ଗରର ବୁଟ୍-ସ୍ପେସ୍ ରେ ଏକ ୦୦୭-ଲୋଗୋ ପ୍ରୋଜେକ୍ଟର୍ ଲଗାଯାଇଛି। ଏହି ଗାଡ଼ିର ଲାଇସେନ୍ସ ପ୍ଲେଟରେ ଏୟୁ-୧ ଲେଖାଯାଇଛି, କାରଣ କେମେଷ୍ଟ୍ରିରେ ସୁନାର ସିମ୍ବଲ୍ ହେଉଛି ଏୟୁ-୧ଏହା ଲେଖା ଯିବା ଯୋଗୁଁ ଏହି ଗାଡ଼ି ସୁନାରେ ନିର୍ମିତ ବୋଲି ସୂଚନା ଦେଇଥାଏ।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୨ ହଜାର ୧୪୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୮ ହଜାର ୭୦୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨, ୧୪୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୮, ୭୦୦ ଟଙ୍କା ଥିଲା । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨,୧୪୦ ଟଙ୍କା ଓ ୭୮, ୭୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୨,୨୯୦ ଟଙ୍କା ଓ ୭୮, ୮୬୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨,୧୪୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮, ୭୦୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୨,୧୪୦ ଟଙ୍କା ଓ ୭୮, ୭୧୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୧,୪୦୦ ହଜାର ଟଙ୍କା ହୋଇଛି ।

# ୨୦୨୪ରେ ଯୋଗାଡ଼ କରିଛନ୍ତି ୯୩୦ ନିୟୁତ ଡଲାର

## ଆଗକୁ ବଢ଼ୁଛନ୍ତି ମହିଳା ଷ୍ଟାର୍ଟଅପ୍ ଉଦ୍ୟୋଗୀ

ନୂଆଦିଲ୍ଲୀ, ୬।୧: ଦେଶର ଅର୍ଥନୀତିରେ ମହିଳାମାନଙ୍କର ଯୋଗଦାନ କିଛି କମ୍ ନାହିଁ। ଏପରିକି ଷ୍ଟାର୍ଟଅପ୍ କ୍ଷେତ୍ରରେ ମଧ୍ୟ ସେମାନଙ୍କ ଦବ୍‌ଦବା ବଢ଼ିଛି। ଗତ କିଛିବର୍ଷ ଭିତରେ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଷ୍ଟାର୍ଟଅପ୍‌ଗୁଡ଼ିକ ପାଣ୍ଠି ସଂଗ୍ରହରେ ବଡ଼ ସଫଳତା ହାସଲ କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଷ୍ଟାର୍ଟଅପ୍‌ଗୁଡ଼ିକ ୨୦୨୪ ମସିହାରେ ୯୩୦ ନିୟୁତ ଡଲାରର ପାଣ୍ଠି ସଂଗ୍ରହ କରିଛନ୍ତି। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୭୯୦୦ କୋଟି ଟଙ୍କା ହେବ। ୧୩୬ଟି ଚୁକ୍ତି କରି ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍‌ଗୁଡ଼ିକ ଏହି ପାଣ୍ଠି ପାଇଛନ୍ତି। ୨୦୨୩ ମସିହାରେ ୧୧୮ଟି ଚୁକ୍ତି ଜରିଆରେ ଏମାନେ ୪୮୦ ନିୟୁତ ଡଲାର ପାଇଥିଲେ। ଅର୍ଥାତ୍ ୨୦୨୩ ତୁଳନାରେ ୨୦୨୪ରେ ଏଥିରେ ୯୩.୭୫ ପ୍ରତିଶତ ବୃଦ୍ଧି ଦେଖାଦେଇଛି। ମହିଳାଙ୍କ ନେତୃତ୍ୱାଧୀନ ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରୁ ଆର୍ଥିକପ୍ରଯୁକ୍ତି କ୍ଷେତ୍ରର ଷ୍ଟାର୍ଟଅପ୍ ସବୁଠୁ ଅଧିକ ପାଣ୍ଠି ପାଇଛନ୍ତି। ମୋଟ ପାଣ୍ଠି ଯୋଗାଡ଼ରେ ଆର୍ଥିକପ୍ରଯୁକ୍ତି ଷ୍ଟାର୍ଟଅପ୍ କ୍ଷେତ୍ରର ଯୋଗଦାନ ୨୮.୭ ପ୍ରତିଶତ ବା ୨୬୬.୯୧ ନିୟୁତ ଡଲାର ରହିଛି। ଏହା ପଛକୁ ଦ୍ୱିତୀୟ ସ୍ଥାନରେ ଇ-କମର୍ସ କ୍ଷେତ୍ରର ଷ୍ଟାର୍ଟଅପ୍ ରହିଛି। ଏହି କ୍ଷେତ୍ରକୁ ମୋଟ ପାଣ୍ଠିର ୨୨.୮ ପ୍ରତିଶତ ବା ୨୧୨ ନିୟୁତ ଡଲାର ରାଶି ମିଳିଛି। ଉଦ୍ୟୋଗ ପ୍ରଯୁକ୍ତି ୧୪ ପ୍ରତିଶତ ଅଂଶଧନ ବା ୧୩୦ ନିୟୁତ ଡଲାର ସହ ତୃତୀୟ ସ୍ଥାନରେ ରହିଛି। ତେବେ ଆର୍ଥିକ ପ୍ରଯୁକ୍ତି କ୍ଷେତ୍ର ମାତ୍ର ୧୭ଟି ଚୁକ୍ତି ଜରିଆରେ ଉପରୋକ୍ତ ରାଶି ସଂଗ୍ରହ କରିଛି। ଅନ୍ୟପକ୍ଷରେ ଇ-କମର୍ସ କ୍ଷେତ୍ର ୫୩ଟି ଚୁକ୍ତି ଜରିଆରେ ୨୧୨ ନିୟୁତ ଡଲାର ହାସଲ କରିଛି। ଏହାବ୍ୟତୀତ ସ୍ୱାସ୍ଥ୍ୟ ପ୍ରଯୁକ୍ତି ଓ ସ୍ୱଚ୍ଛପ୍ରଯୁକ୍ତି କ୍ଷେତ୍ରର ଅଂଶଧନ ଯଥାକ୍ରମେ ୧୧ ପ୍ରତିଶତ ଏବଂ ୧୪.୧ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ୨୦୨୪ରେ ମୋଟ ୧୩ଟି ନୂଆପିଢ଼ିର କମ୍ପାନି ସେମାନଙ୍କ ଆଇପିଓ (ପ୍ରାରମ୍ଭିକ ପବ୍ଲିକ ଅଫର୍) ଆରମ୍ଭ କରିଛନ୍ତି। ଆଇପିଓ ଜରିଆରେ ସେମାନେ ଷ୍ଟକ ମାର୍କେଟରୁ ୨୯୨୦୦ କୋଟିରୁ ଅଧିକ ଅର୍ଥରାଶି ସଂଗ୍ରହ କରିଛନ୍ତି। ଷ୍ଟାର୍ଟଅପ୍ ଆଇପିଓଗୁଡ଼ିକ ମଧ୍ୟରେ ଟିଏସି ସିକ୍ୟୁରିଟି, ୟୁନିକମର୍ସ, ମୋବିକ୍ୱିକ, ଟିବିଓ ଟେକ୍, ଇକ୍ସିଗୋ, ଟ୍ରଷ୍ଟ ଫିନଟେକ୍, ଫାଷ୍ଟକ୍ରାଏ, ମେନହୁଡ୍, ଆୱାଫିସ୍, ସ୍ୱିଗି, ଡିଜିଟାଲ ଇନସ୍ୟୁରାନ୍ସ, ବ୍ଲାକବକ୍ ଏବଂ ଓଲା ଇଲେକ୍ଟ୍ରିକ୍ ରହିଛନ୍ତି।

## ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି । କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି । ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୯୬ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୭୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ବଜାରରେ ଚୀନ ଭୁତାଣୁ ଆତଙ୍କର ପ୍ରଭାବ
# ନିବେଶକଙ୍କ କ୍ଷତି ୧୧ ଲକ୍ଷ କୋଟି

ମୁମ୍ବାଇ: ଭାରତରେ ଚୀନରୁ ଆସିଥିବା ଏଚଏମପିଭି ଭୂତାଣୁର ପ୍ରଥମ ସଂକ୍ରମଣ ଜଣାପଡ଼ିବା ପରେ ଆତଙ୍କ ଖେଳିଯାଇଛି। ଏପରିକି ଷ୍ଟକ ବଜାରରେ ମଧ୍ୟ ତାହାର ପ୍ରଭାବ ପଡ଼ିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ସୂଚକାଙ୍କ ଦେଢ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ୧୨୫୮.୧୨ ପଏଣ୍ଟ ହ୍ରାସ ପାଇ ୭୭,୯୬୪.୯୯ ପଏଣ୍ଟରେ ବନ୍ଦ ହୋଇଛି। ସୋମବାର ନିଫ୍ଟି ୩୮୮.୭୦ ପଏଣ୍ଟ ହ୍ରାସ ପାଇ ୨୩,୬୧୬.୦୫ ପଏଣ୍ଟରେ ବନ୍ଦ ହୋଇଛି। କାରବାର ସମୟରେ ନିଫ୍ଟି ୪୫୨.୮୫ ପଏଣ୍ଟ ହ୍ରାସ ପାଇ ୨୩,୫୫୧.୯୦ ପଏଣ୍ଟର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ଗତ ଦୁଇ ଦିନ ମଧ୍ୟରେ ନିଫ୍ଟିରେ ୫୭୨.୬ ପଏଣ୍ଟ ହ୍ରାସ ଘଟିଛି। ଷ୍ଟକ ବଜାରରେ ଏହି ହ୍ରାସ ଫଳରେ ନିବେଶକମାନେ ସୋମବାର ୧୧ ଲକ୍ଷ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି।

ଟାଟା ଷ୍ଟିଲଠାରୁ ଆରମ୍ଭ କରି ଇନଫୋସିସ୍ ପର୍ଯ୍ୟନ୍ତ ୩୦ଟି ଷ୍ଟକ ମଧ୍ୟରୁ ୨୮ଟି ବନ୍ଦ ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଏଚଡିଏଫସି ବ୍ୟାଙ୍କର ସେୟାର ୨ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏହି ହ୍ରାସ ଯୋଗୁଁ ଷ୍ଟକ ବଜାର ନିବେଶକମାନେ ୧୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହରାଇଛନ୍ତି। ଚାଇନା ଭାଇରସ ବ୍ୟତୀତ ଷ୍ଟକ ବଜାରରେ ହ୍ରାସର ଅନ୍ୟ କିଛି ପ୍ରମୁଖ କାରଣ ଉପରେ ମଧ୍ୟ ବିଚାର କରାଯାଉଛି। ଡଲାର ତୁଳନାରେ ଟଙ୍କାର ବଡ଼ ଧରଣର ହ୍ରାସ ଘଟିଛି। ଅନ୍ୟପକ୍ଷରେ ବିଦେଶୀ ନିବେଶକଙ୍କ ବିକ୍ରି ଜାରି ରହିଛି। ସୋମବାର ଏସୀୟ ବଜାରରେ ମଧ୍ୟ ୧.୪୦ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି।

# ବୈଦ୍ୟୁତିକ ଯାନର ବ୍ୟବହାରକୁ ସରକାରଙ୍କ ଗୁରୁତ୍ୱ



ନୂଆଦିଲ୍ଲୀ,୬।୧: ବର୍ତ୍ତମାନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବୈଦ୍ୟୁତିକ ଯାନ (ଇଲେକଟ୍ରିକ ଭେହିକିଲ ବା ଇଭି) ର ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। ଏପରିକି ଇଭି ଯାନ କ୍ରୟ କରୁଥିବା କ୍ରେତାଙ୍କୁ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଇଭି ଶିଳ୍ପର ବିକାଶ ଓ ଚାହିଦା ବୃଦ୍ଧି ପାଇଁ କେନ୍ଦ୍ର ସରକାର ଇଭି ଚାର୍ଜିଂ ଷ୍ଟେଶନ ଭିତ୍ତିଭୂମିର ବିକାଶ ଓ ସର୍ବସାଧାରଣ ବ୍ୟବହାର କେନ୍ଦ୍ର ସ୍ଥାପନ ପାଇଁ ପ୍ରାୟ ୮୦%ର ସହାୟତା ରାଶି ପ୍ରଧାନମନ୍ତ୍ରୀ ଇଲେକ୍ଟ୍ରି ଡ୍ରାଇଭ ରିଭ୍ୟୁଲେଶନ ଇନ୍ ଇନୋଭେଟିଭ ଭେହିକିଲ ଏନହାନ୍‌ସମେଣ୍ଟ (ପିଏମଇ ଡ୍ରାଇଭ) ସ୍କିମ୍ ଅଧୀନରେ ହିତାଧିକାରୀଙ୍କୁ ଯୋଗାଇ ଦେଉଛନ୍ତି। ସେହିଭଳି ସାରା ଦେଶରେ ଇଭି ଚାର୍ଜିଂ ଷ୍ଟେଶନ ଭିତ୍ତିଭୂମିର ବିକାଶ ଓ ସର୍ବସାଧାରଣ ବ୍ୟବହାର କେନ୍ଦ୍ର ସ୍ଥାପନ ପାଇଁ ସରକାର ୨୦୦୦ କୋଟି ଟଙ୍କା ପିଏମ ଇଡ୍ରାଇଭ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଯୋଗାଇ ଦେଉଥିଲାବେଳେ ଇଭି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ସବୁ ସ୍ତର ଓ ବର୍ଗର ଲୋକଙ୍କୁ ଶିଳ୍ପ ପରିସର ମଧ୍ୟକୁ ଆଣିବା ପାଇଁ ଉଭୟ ଶିଳ୍ପସଂସ୍ଥା ଓ ସରକାର ପ୍ରୟାସ କରୁଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ସରକାର ୪୮,୪୦୦ ଇଭି ଫାଷ୍ଟ ଚାର୍ଜିଂ ଷ୍ଟେଶନ ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏପରିକି ଦୁଇ ଚକିଆ ଇଭି ଯାନ ପାଇଁ ୫୮୧ କୋଟି ଟଙ୍କାର ସହାୟତା ଦିଆଯାଇଥିଲାବେଳେ ଚାରି ଚକିଆ ଇଭି ଯାନ ପାଇଁ ମୋଟ ୨୨,୧୦୦ ଷ୍ଟେଶନ ସ୍ଥାପନ ପାଇଁ ୧୦୬୧କୋଟି ଆର୍ଥିକ ସହାୟତା ଦିଆଯାଇଛି।

# ବିମାନରେ ପକ୍ଷୀ ଧକ୍କା ବଢ଼ୁଛି

ନୂଆଦିଲ୍ଲୀ, ୬।୧: ଦିଲ୍ଲୀ, ମୁମ୍ବାଇ ସମେତ ଦେଶର ବିମାନବନ୍ଦରଗୁଡ଼ିକରେ ପକ୍ଷୀ ଉଡ଼ିବା ସମସ୍ୟାକୁ ଦୂର କରିବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତଥ୍ୟ ଅନୁଯାୟୀ, ୨୦୨୪ ସେପ୍ଟେମ୍ବରରେ ବିମାନରେ ପକ୍ଷୀ ଧକ୍କା ହେବା ଘଟଣା ପ୍ରତି ୧୦ ହଜାର ବିମାନରେ ୯.୬୮କୁ ବୃଦ୍ଧି ପାଇଛି। ଦୁଇବର୍ଷ ପୂର୍ବେ ଏହି ସଂଖ୍ୟା ୪.୨୬ ରହିଥିଲା। ଗତବର୍ଷ ଅଗଷ୍ଟରେ ଗୋଆର ଡାବୋଲିମ ବିମାନବନ୍ଦରରେ ଏୟାର ଇଣ୍ଡିଆର ଏକ ବିମାନରେ ପକ୍ଷୀ ମାଡ଼ ହେବାଦ୍ୱାରା ଉଡ଼ାଣକୁ ବାତିଲ କରାଯାଇଥିଲା। ପକ୍ଷୀ ବାଜିବା ପରେ ବିମାନର ଇଞ୍ଜିନରୁ ଧୂଆଁ ବାହାରିବା ଫଳରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଡିଜିସିଏର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ବିମାନବନ୍ଦରଗୁଡ଼ିକୁ ବିମାନରେ ପକ୍ଷୀ ମାଡ଼ ହେବା ଜନିତ ବିପଦ ଏବଂ ଏହାକୁ କିଭଳି ହ୍ରାସ କରାଯାଇ ପାରିବ ତାହାର ପୁନଃଆକଳନ କରିବାକୁ କୁହାଯାଇଛି। ଦକ୍ଷିଣ କୋରିଆର ମୁଆନ୍ ବିମାନବନ୍ଦରରେ ଜେଜୁ ଏୟାର ବିମାନର ଭୟଙ୍କର ଦୁର୍ଘଟଣା ପରେ ଏଭଳି ନିର୍ଦ୍ଦେଶନାମା ବିମାନବନ୍ଦରଗୁଡ଼ିକୁ ଦିଆଯାଇଛି। ସହରାଞ୍ଚଳରେ ଲୋକସଂଖ୍ୟା ବଢ଼ିବା ଫଳରେ ବିମାନବନ୍ଦର ନିକଟରେ ମଧ୍ୟ ଜନବସତି ବୃଦ୍ଧି ପାଇବାରେ ଲାଗିଛି। ଲୋକମାନେ ବାସ କରୁଥିବା



ଅଞ୍ଚଳ ନିକଟରେ ବଳକା ଖାଦ୍ୟ ଏବଂ ମରି ଯାଉଥିବା ପଶୁପକ୍ଷୀଙ୍କୁ ଫିଙ୍ଗି ଦେଉଛନ୍ତି। ଖାଦ୍ୟ ଅନ୍ୱେଷଣରେ ଥିବା ପକ୍ଷୀମାନେ ଏସବୁକୁ ଖାଇବା ପାଇଁ ବିଭିନ୍ନ ସ୍ଥାନରୁ ଆସିଥାନ୍ତି। ଏଥିଯୋଗୁ ବିମାନବନ୍ଦରଗୁଡ଼ିକରେ ପକ୍ଷୀଜନିତ ବିପଦ ବୃଦ୍ଧି ପାଇଥାଏ। ଅଧିକାରୀଙ୍କ କହିବାନୁଯାୟୀ ବିମାନବନ୍ଦର ନିକଟରେ ଅଳିଆ ଫିଙ୍ଗିବା ଏବଂ ପ୍ରାଣୀମାନଙ୍କୁ ହତ୍ୟା କରିବା ଉପରେ କଟକଣା ରହିଛି। ବିମାନ ଇଞ୍ଜିନିୟରଙ୍କ ମତରେ, ଉଡ଼ାଣ ପାଇଁ ଅନୁମତି ପାଇବା ପୂର୍ବରୁ ସମସ୍ତ ବାଣିଜ୍ୟିକ ବିମାନ ପକ୍ଷୀ ଧକ୍କା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। କାରଣ ବିମାନରେ ପକ୍ଷୀ ମାଡ଼ ଅନେକ ସମୟରେ ସ୍ଥିତିକୁ ଗମ୍ଭୀର କରିପାରେ। ଦିଲ୍ଲୀ ହେଉଛି ଭାରତର ସବୁଠୁ ବ୍ୟସ୍ତବହୁଳ ବିମାନବନ୍ଦର। ୨୦୨୩ରେ ଏହି ବିମାନବନ୍ଦରରେ ୧୬୯ଟି ପକ୍ଷୀମାଡ଼ ଘଟଣା ଦେଖିବାକୁ ମିଳିଥିଲା। ତେବେ ଏଥିଯୋଗୁ ସେଭଳି କୌଣସି ବଡ଼ଧରଣର ଅଘଟଣ ଦେଖାଯାଇ ନାହିଁ। ଅବଶ୍ୟ ବେଙ୍ଗାଲୁରୁ ବିମାନବନ୍ଦରରେ କୌଣସି ପକ୍ଷୀମାଡ଼ ଗତ ୩ ବର୍ଷ ହେଲା ହୋଇନାହିଁ। ବିମାନବନ୍ଦରଗୁଡ଼ିକ ବିମାନରେ ପକ୍ଷୀ ଧକ୍କା ଘଟଣାକୁ ଅଧିକ ବିଜ୍ଞାନସମ୍ମତଭାବେ ରୋକିବା ଲାଗି ପ୍ରଚେଷ୍ଟା କରୁଛନ୍ତି। ଦିଲ୍ଲୀ ବିମାନବନ୍ଦର ପକ୍ଷରୁ ଏଥିପାଇଁ ଏକ ୧୪ ଜଣିଆ କମିଟି ଗଠନ କରାଯାଇଛି। ଅବଶ୍ୟ ବିମାନବନ୍ଦରରେ ପକ୍ଷୀ ଘଉଡ଼ାଇବା ପାଇଁ ପୂର୍ବରୁ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଫୋଟକା, ଚଢ଼େଇକୁ ଡରାଇବା ପାଇଁ ଉଦ୍ଦିଷ୍ଟ ବନ୍ଧୁକ ଓ ଅନ୍ୟାନ୍ୟ ସମାଗ୍ରୀର ବ୍ୟବହାର କରାଯାଉଛି।

# ପତଞ୍ଜଳିର ୩୦ତମ ପୂର୍ତ୍ତି ଉତ୍ସବ



ନୂଆଦିଲ୍ଲୀ,୬।୧: ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ସଂସ୍ଥାନର ୩୦ତମ ପୂର୍ତ୍ତି ଉତ୍ସବ ରବିବାର ହରିଦ୍ୱାରର ପତଞ୍ଜଳି ୱେଲ୍‌ନେସସ୍ଥିତ ଯୋଗ ଭବନ ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପତଞ୍ଜଳି ଯୋଗପୀଠର ପରମାଧ୍ୟକ୍ଷ ସ୍ୱାମୀ ବାବା ରାମଦେବ ଏବଂ ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲ୍‌କ୍ରିଷ୍ଣାଙ୍କ ସମେତ ପତଞ୍ଜଳି ଯୋଗପୀଠର ୬୦୦୦ରୁ ଅଧିକ ପ୍ରଭାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାବା ରାମଦେବ କହିଥିଲେ, ଆମେ ଅନେକ ଘଟଣା ମଧ୍ୟରେ ଆଜି ୩୦ତମ ପୂର୍ତ୍ତି ଉତ୍ସବ ପାଳନ କରୁଛୁ। ଏପରିକି ଗତ ୩୦ ବର୍ଷର ସେବା, ସଂଘର୍ଷ ଏବଂ ସାଧନାକୁ ସେ ସୁନ୍ଦର ଭାବେ ସର୍ବସାଧାରଣରେ ଉପସ୍ଥାପନ କରିଥିଲେ। ଏପରିକି ପତଞ୍ଜଳି ଯୋଗପୀଠର ଭବିଷ୍ୟତ ଯୋଜନା ଉପରେ ମଧ୍ୟ ରାମଦେବ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ବିଶେଷକରି ଯୋଗପୀଠର ଯୋଗକ୍ରାନ୍ତିର ଅଶେଷ ସଫଳତା ପରେ ରାମଦେବ ବର୍ତ୍ତମାନ ପାଞ୍ଚଟି ବିପ୍ଳବ 'ଶିକ୍ଷା, ଚିକିତ୍ସା (ଔଷଧ), ଅର୍ଥନୈତିକ (ଆର୍ଥିକ), ଆଦର୍ଶ-ସାଂସ୍କୃତିକ ତଥା ନିଶା'ର ନିବାରଣ ପତଞ୍ଜଳିରୁ ଆରମ୍ଭ ହେବା ଆବଶ୍ୟକ ବୋଲି ସେ କହିଥିଲେ। ସେହିଭଳି ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଥିଲେ, ଗତ ୩୦ ବର୍ଷ ମଧ୍ୟରେ ଆମେ ଅନେକ ପ୍ରକାରର ପରିବର୍ତ୍ତନ ଆଣିପାରିଛୁ। ଆଗାମୀ ଦିନରେ ସ୍ୱାମୀଙ୍କର ସଂକଳ୍ପକୁ ଶତପ୍ରତିଶତ ପୂରଣ କରିବାକୁ ସବୁ ସ୍ତରରେ ପ୍ରୟାସ କରିବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ସଞ୍ଚୟରେ ବହୁ ପଛରେ ଓଡ଼ିଶା: ତଳ ଆଡୁ ଷଷ୍ଠ

## ଜାତୀୟ ହାରଠୁ ତଳେ

ଭୁବନେଶ୍ୱର: ଦେଶର ପ୍ରାୟ ପ୍ରତିଟି ପ୍ରାପ୍ତବୟସ୍କ ଲୋକଙ୍କ ପାଖରେ ବ୍ୟାଙ୍କ ଖାତା ପହଞ୍ଚିବା ପରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ତ୍ୱରାନ୍ୱିତ ହୋଇଛି। ଲୋକମାନେ ନିଜ ସଞ୍ଚୟ ରାଶିକୁ ବ୍ୟାଙ୍କ ଭଳି ସଂଗଠିତ କ୍ଷେତ୍ରରେ ଜମା କରିପାରୁଛନ୍ତି। ପାରମ୍ପରିକ ଭାବେ ଭାରତୀୟମାନଙ୍କ ରହିଥିବା ସଞ୍ଚୟ ମାନସିକତାରୁ ମଧ୍ୟ ବଳ ମିଳିଛି। ଏହାର ପ୍ରଭାବରେ ଦେଶର ସଞ୍ଚୟ ହାର ୩୧ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ଅନ୍ତର୍ଜାତୀୟ ହାରଠାରୁ ଅଧିକ। ସଞ୍ଚୟ କ୍ଷେତ୍ରରେ ଦେଶ ଭଲ ଅଗ୍ରଗତି କରିଥିବା ବେଳେ ଓଡ଼ିଶାର ପ୍ରଦର୍ଶନ କିନ୍ତୁ ନୈରାଶ୍ୟଜନକ ରହିଛି। ରାଜ୍ୟର ସଞ୍ଚୟ ହାର ୩୦ ପ୍ରତିଶତ ରହିଛି ଯାହା ଜାତୀୟ ହାରଠାରୁ ସାମାନ୍ୟ କମ୍। ଏହି ବିଷୟରେ ଓଡ଼ିଶା ତଳ ଆଡୁ ଷଷ୍ଠ ସ୍ଥାନରେ ରହିଛି ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ଅନୁଶୀଳନରୁ



ଜଣାପଡ଼ିଛି ଯେ ଓଡ଼ିଶାଠାରୁ କେବଳ ରାଜସ୍ଥାନ (୨୮%), ଝାଡ଼ଖଣ୍ଡ (୨୭%), ଆସାମ (୨୨%), ଉତ୍ତରପ୍ରଦେଶ (୧୬%) ଓ ବିହାର (-୬%)ର ସଞ୍ଚୟ ହାର ଖରାପ ରହିଛି। ଅନ୍ୟ ସବୁ ରାଜ୍ୟ ଓଡ଼ିଶାଠାରୁ ଉପରେ ରହିଛନ୍ତି। ଗୋଆର ସଞ୍ଚୟ ହାର ଦେଶରେ ସର୍ବାଧିକ ୪୯ ପ୍ରତିଶତ ରହିଛି। ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ଗୁଜରାଟ (୪୧%), ହରିୟାଣା (୪୦%), କର୍ଣ୍ଣାଟକ (୩୯%), ମହାରାଷ୍ଟ୍ର (୩୮%) ଓ କେରଳ (୩୮%) ଆଗରେ ରହିଛନ୍ତି। ଦେଶରେ ଲୋକମାନେ ସାଧାରଣତଃ ବ୍ୟାଙ୍କ ଜମା ଓ ଘରେ ନଗଦ ରାଶି ଭାବେ ସଞ୍ଚୟ ରଖୁଥିଲେ। କିନ୍ତୁ ଗତ କିଛିବର୍ଷ ମଧ୍ୟରେ ସେଥିରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଲୋକମାନେ ଅଧିକ ରିଟର୍ଣ୍ଣ ପାଇବା ଆଶାରେ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ନିବେଶ ବଢ଼ାଇବା ଆରମ୍ଭ କରିଛନ୍ତି। ମୋଟ ସଞ୍ଚୟରେ ପରିବାର ସଞ୍ଚୟର ଭାଗ ୨୦୧୩-୧୪ରେ ଥିଲା ୩୬ ପ୍ରତିଶତ। ୨୦୨୪ ସୁଦ୍ଧା ତାହା ୫୨ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ କମ୍ପାନିଗୁଡ଼ିକ ଷ୍ଟକ୍ ବଜାରରୁ ୧୦ ଗୁଣା ଅଧିକ ପାଣ୍ଠି ପାଇଛନ୍ତି। ୨୦୧୩-୧୩ରେ ଷ୍ଟକ୍ ବଜାରରୁ କମ୍ପାନିଗୁଡ଼ିକ ୧୨,୦୬୮ କୋଟି ଟଙ୍କା ଆଣିଥିଲେ। ୨୦୨୪ର ଅକ୍ଟୋବର ସୁଦ୍ଧା ଷ୍ଟକ୍ ବଜାରରୁ କମ୍ପାନିଗୁଡ଼ିକ ୧.୨୧ ଲକ୍ଷ କୋଟି ଟଙ୍କା ହାସଲ କରିଛନ୍ତି। ଷ୍ଟକ୍ ବଜାର କାରବାରରେ ଯେଉଁ ଉତ୍ସାହ ଦେଖିବାକୁ ମିଳୁଛି ତାହା ପଛରେ ଭାରତୀୟ ପରିବାରଗୁଡ଼ିକର ବଡ଼ ହାତ ରହିଛି। ସେମାନଙ୍କ ପାଇଁ କମ୍ପାନିଗୁଡ଼ିକ ଷ୍ଟକ୍ ବଜାରରୁ ବିପୁଳ ପାଣ୍ଠି ପାଇପାରୁଛନ୍ତି।

# ସରକାରୀ ଯୋଜନା ବାଟବଣା

## ହରିଶ୍ଚନ୍ଦ୍ର ଯୋଜନାରେ ମିଳୁନି ସହାୟତା



**ଖପ୍ରାଖୋଲ,୬।୧(ସଂଚାର ବ୍ୟୁରୋ):** କୋଟି କୋଟି ଟଙ୍କା ବ୍ୟୟରେ ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକଙ୍କ ଲାଗି ସରକାର ବିଭିନ୍ନ ଜନ ମଙ୍ଗଳ ଯୋଜନା କରିଛନ୍ତି । ମାତ୍ର ଏହି ଯୋଜନା । ତୃଣମୂଳସ୍ତରରେ କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ତଦନ୍ତ ହେଉ ନ ଥିବାରୁ ଅନେକ ସ୍ଥାନରେ ଏହା ଅସଫଳ ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ଏକ ଜନ ମଙ୍ଗଳକାରୀ ଯୋଜନା ଖପ୍ରାଖୋଲ ବ୍ଲକ୍‌ରେ ସଂପୂର୍ଣ ଦିଗହରା ହୋଇଛି । ହରିଶ୍ଚନ୍ଦ୍ର ଯୋଜନା ଅନୁସାରେ କୌଣସି ଗରିବ, ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଶବ ସତ୍କାର ନିମନ୍ତେ ଉକ୍ତ ପଞ୍ଚାୟତର ପିଇଓ ୩ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବେ । ୨ ମାସ ଅତିବାହିତ ହୋଇଥିଲେ ମଧ୍ୟ ଏହି ପରିବାର ଅର୍ଥ ପାଇନଥିବା ଅଭିଯୋଗ ହେଉଛି । ଅର୍ଥ ବଦଳରେ ଲୋକଙ୍କୁ କେବଳ ଆଶ୍ୱାସନା ମିଳୁଥିବା ମୃତକଙ୍କ ପରିବାରର ଲୋକେ ଅଭିଯୋଗ କରିଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲପଡ଼ା ପଞ୍ଚାୟତ ଜଳପାଙ୍କେଲ ଗାଁରେ । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାର ପ୍ରତିକାର କରି ଅବହେଳା ପ୍ରଦର୍ଶନ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ମିଲରଙ୍କ ମର୍ଜିରେ ଚାଲିଛି ମଣ୍ଡି, ଚାଷୀ ହତାସ୍




**କୁଚିଣ୍ଡା,୬।୧(ସଂଚାର ବ୍ୟୁରୋ):** ଚାଷୀଙ୍କ ଅମଳ ଧାନ ସୁରୁଖୁରୁରେ କିଣା ବିକା କରିବା ପାଇଁ ସରକାର ମଣ୍ଡିର ବ୍ୟବସ୍ଥା କରିଛନ୍ତି । ହେଲେ ଏଭଳି ସରକାରୀ ବ୍ୟବସ୍ଥା ଭିତର ଧଜିଆ ଉଡୁଛି । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ସରକାରୀ ବିଧିବ୍ୟବସ୍ଥା ତା'ବାଟରେ ଆଉ ମଣ୍ଡି ଚାଲିଛି ମିଲରଙ୍କ ବାଟରେ। ସେଥିପାଇଁ ତ ମଣ୍ଡିରେ ପଡ଼ିରହିଛି ଲକ୍ଷଲକ୍ଷ କ୍ୱିଂଟାଲ ଧାନ । ଅନେକ ଚାଷୀ ମିଲରଙ୍କ ଜାଲରେ ପଡୁଛନ୍ତି । ମଣ୍ଡିକୁ ଆସୁଥିବା ଧାନ ଅଧାବାଟରୁ ସିଧାସଳଖ ମିଲକୁ ଚାଲିଯାଉଛି। ଚାଷୀ କ୍ଷତି ସହୁଥିବା ସମୟରେ ଦଲାଲଙ୍କ ପକେଟ୍ ଗରମ ହେଉଛି । କିଲେରେ ୨ ଟଙ୍କା ହାତପୁରା ନେଉଛନ୍ତି । ମିଲର୍ସ ଓ ଦଲାଲଙ୍କ ନୀତିରେ ଚାଲିଛି ସମ୍ବଲପୁର କୁଚିଣ୍ଡା ଉପଖଣ୍ଡର ଅନେକ ମଣ୍ଡି । ସରକାରୀ ନିୟମକୁ ଖାତିର ନକରି ମନଇଚ୍ଛା ମଣ୍ଡି ଚଲାଉଛନ୍ତି ମିଲର୍ସ। କେଉଁଠି ମଣ୍ଡିରୁ ୨ କିଲୋମିଟର ଦୂରରେ ଠିଆ ହୋଇ ଧାନ ଗାଡ଼ି ମିଲକୁ ଯାଉଛି। ତ ପୁଣି କେଉଁଠି ମଣ୍ଡି ଭିତରେ ଅଧା ଖାଲି ଥିବା ଗାଡ଼ିରେ ଦଲାଲଙ୍କ ଧାନ ଭର୍ତ୍ତି କରାଯାଉଛି । ଏପଟେ ଗାଡ଼ି ଆସୁନି କହି ମଣ୍ଡିରେ ଚାଷୀଙ୍କ ଅମଳ ପଡ଼ି ରହୁଛି । ମଣ୍ଡିରେ ଘୋର ଅବ୍ୟବସ୍ଥା ଭିତରେ ଚାଷୀଙ୍କ ପାଇଁ ଆଉ ଏକ କଷ୍ଟ ହୋଇଛି ଟାର୍ଗେଟ୍ । ମଣ୍ଡିକୁ ଆଉ ଟାର୍ଗେଟ ଆସୁନି । ତେଣୁ ଧାନ କିଣୁ ନାହାନ୍ତି ମଣ୍ଡି କର୍ତ୍ତୃପକ୍ଷ । ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲେ ବି କିଛି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି ଚାଷୀ । ସେପଟେ ଧାନ କିଣା ଦାୟିତ୍ୱରେ ଥିବା ଏସଏଚଜି ସଦସ୍ୟା ଚତୁରତାର ସହ ନିଜ ପ୍ରତିକ୍ରିୟା ରଖି ଖସିଯିବାକୁ ଚେଷ୍ଟା କରିଛନ୍ତି। ପ୍ରଶାସନ ଓ ମିଲରଙ୍କ ମଧୁଚନ୍ଦ୍ରିକାରେ ପେଶି ହୋଇଯାଉଛି ଚାଷୀ ।

# ଯତରାର ଚତୁର୍ଥ ସଂଧ୍ୟାରେ,ତାରକା ରାତ୍ରି



**ସୁନ୍ଦରଗଡ଼:୫।୧(ସଂଚାର ବ୍ୟୁରୋ):** ରବିବାର ଜିଲ୍ଲା ମହୋତ୍ସବର ଚତୁର୍ଥ ସଂଧ୍ୟାର କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ବଡ଼ଗାଁ,ଟାଙ୍ଗରପାଲି ଏବଂ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା ଯୋଗ ଦେଇଥିଲେ। ବ୍ଲକ ସ୍ତରୀୟ ଯତରା ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ନୂଆଗାଁ, ଲାଠିକଟା ଏବଂ ରାଜଗାଙ୍ଗୁର ବ୍ଲକ ର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିଭଳି ବ୍ରହ୍ମପୁରର ପ୍ରିହ୍ମତାନ୍ସ ଦଳ, କଲିକତାର ପ୍ରୟାସ ସେଣ୍ଟର ଅଫ ପରଫର୍ମିଂ ଆର୍ଟସ୍ ଦ୍ୱାରା କଥାକଳି, ବ୍ରହ୍ମପୁରର ଗଙ୍ଗେଶ୍ୱର ଯୁଗଳ ଶଙ୍ଖ ବାଦ୍ୟ ଦଳ ଦ୍ୱାରା ବାଘ ନାଚ , ପୁରୀର ଫେଟ ଫାଇଟର ଦଳ ଦ୍ୱାରା ମାଲଖମ୍ବ ନୃତ୍ୟ, ମଣିପୁରର ମିତେଇ ଜନଜାତୀୟ ଥାଙ୍ଗତା, ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ରାସନୃତ୍ୟ ଏବଂ ମାର୍ସିଲ କଳା ପ୍ରଦର୍ଶନ କରାଯାଇଥିଲା। ଶେଷରେ କଣ୍ଠ ଶିଳ୍ପୀ ଅର୍ଚ୍ଚନା ପାଢ଼ୀଙ୍କ ଦ୍ୱାରା ତାରକା ରାତ୍ରି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦୨୨ର ଓଡ଼ିଶା ପ୍ରଶାସନିକ ସେବାରେ ସୁନ୍ଦରଗଡ଼ ଜିଲ୍ଲାର କୃତ୍ୟ କାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ପୂର୍ତ୍ତ ବିଭାଗର ପୂର୍ବତନ ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




**ସୁନ୍ଦରଗଡ,୬।୧(ସଂଚାର ବ୍ୟୁରୋ):** ଯୋଗୀମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଠାରୁ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କିଶୋର କୁମାର ରାଉତ, ଅଧ୍ୟାପକ ରତ୍ନାକର ବେହେରା, ସୁଜାତା ନାଏକ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ନିହାତି ଜରୁରୀ ବୋଲି ଅଧ୍ୟକ୍ଷ ଶ୍ରୀ ରାଉତ ବକ୍ତବ୍ୟରେ କହିଥିଲେ। ଅଧ୍ୟାପକ ତଥା ସଂଯୋଜକ ନାରାୟଣ ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୩ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିବ । ତାଲିମ ଦାତା ଭାବେ ସାଗରିକା ନେଟି ଏଓ୍ୱଂ ବିନି ମେହେର ୯୫ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ଦେବେ ।

## ଗାଁ ସାଥି ଚୟନରେ ବିଳମ୍ବ

**ଖପ୍ରାଖୋଲ,୬।୧(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମରେ ଗାଁ ସାଥି ଚୟନ ପାଇଁ ପଞ୍ଚାୟତି ରାଜ ବିଭାଗ ପତ୍ର ସଂଖ୍ୟା ୧୫୫୩୪ ତା ୨୦/୦୮/୨୦୧୮ ଓ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀ ଙ୍କ ପତ୍ର ସଂଖ୍ୟା ୧୮୭୨ ତା ୧୪/୦୯/୨୦୨୪ ଅନୁଯାଇ ବୋଲି ଉଲ୍ଲେଖ କରି ତା ୦୩/୧୨/୨୦୨୪ ଦିନ ପଲ୍ଲିସଭା ଡକାଯାଇ ମହୁରୁଣ୍ଡି ଗ୍ରାମର ମନରେଗା କାର୍ଯ୍ୟ ସକାସେ ନୂତନ ଗାଁ ସାଥି ଚୟନ କରାଯିବା ନେଇ ଖପ୍ରାଖୋଲ ପଞ୍ଚାୟତ କାର୍ଯ୍ୟାଳୟ ରୁ ପତ୍ର ପଠା ଯାଇଛି । ପତ୍ର ଅନୁସାରେ ଆଜକୁ ଏକ ମାସ ବିତିଗଲାଣି ହେଲେ ପଲ୍ଲିସଭା ଡକାଯାଇ ନାହିଁ। ବିନା ଗାଁ ସାଥିରେ କିପରି ମନରେଗା କାର୍ଯ୍ୟ କରାଯିବ କିଛି ଜାଣି ହେଉନାହିଁ କାରଣ ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ କତୃପକ୍ଷ ନିରବଦ୍ରଷ୍ଟା ସାଜି ଦିନ ଗଡେଇ ଚାଲିଛନ୍ତି । ଦିନ ଗଡେଇବାର କାରଣ ବୋଧହୁଏ ନୂତନ ଗାଁ ସାଥି ଚୟନ କରିବାର ଆଗ୍ରହ ନରଖି ଭିତିରି କାରବାର ହେଉଥିବା ମନେ ହେଉଛି । ପଲ୍ଲୀସଭା କେବଳ କାଗଜ ପତ୍ର ରେ ଦର୍ଶାଇ ଭିତିରି କରସାଡି କରି ଗାଁ ସାଥି ଚୟନ କରିବାର ଉଦେଶ୍ୟ ରଖାଯାଉଥିବା ଭଳି ସନ୍ଦେହ ମନେ ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନିୟମ ଅନୁସାରେ ଗାଁ ସାଥି ଚୟନ କରାଯିବାକୁ ଦାବି ହେଉଛି ।

# ଗଛକୁ ଧକ୍କାଦେଲା ବାଇକ୍, ଆଖି ବୁଜିଲେ ପିଜି ଛାତ୍ର

**ସମ୍ବଲପୁର,୬।୧(ସଂଚାର ବ୍ୟୁରୋ):** ୟୁନିଭରସିଟି ପରିସରରେ ଗଛରେ ପିଟିହେଲା ବାଇକ୍। ବାଇକ୍‌ରୁ ଛିଟିକି ପଡ଼ିଗଲେ ଛାତ୍ର। ଆଉ ଘଟଣାସ୍ଥଳରେ ଚାଲିଗଲା ଜୀବନ। ଏପରି ଏକ ଦୁଃଖଦ ଘଟଣା ଗତ ରାତିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଘଟିଛି। ମୃତ ଛାତ୍ରଜଣକ ହେଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପିଜି ଦ୍ୱିତୀୟ ବର୍ଷର ଛାତ୍ର ସାହିଲ ପ୍ରଧାନ । ତାଙ୍କ ଘର ବରଗଡ ଜିଲ୍ଲା କୁର୍ଲା ଗ୍ରାମରେ । ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବାୟୋ ଟେକ୍ନୋଲୋଜି ବିଭାଗରେ ପିଜି ଦ୍ୱିତୀୟ ବର୍ଷର ଛାତ୍ର ଥିଲେ । ଗତକାଲି ବିଳମ୍ବିତ ରାତିରେ ସାହିଲ ଛାତ୍ରାବାସକୁ ବାଇକ୍ ଯୋଗେ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଛି। ବିଶ୍ୱବିଦ୍ୟାଳୟ ପରିସରରେ ସାହିଲ ଯାଉଥିବା ବେଳେ ତାଙ୍କ ଗାଡ଼ି ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲା । ଫଳରେ ସେ ବାଇକରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସାଙ୍ଗମାନେ ଉଦ୍ଧାର କରି ଚିକିତ୍ସା ପାଇଁ ବୁର୍ଲା ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ଦେଖି ତାଙ୍କୁ ମୃତ ଘୋଷଣା କରିଥିଲେ । ସାହିଲଙ୍କ ବିୟୋଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଭୋଟର ତାଲିକା ପ୍ରକାଶିତ

**ସମ୍ବଲପୁର,୬।୧(ସଂଚାର ବ୍ୟୁରୋ):** ଆଜି ସକାଳ ୧୦.୦୦ ଘଟିକା ସମୟରେ ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ରେ ସ୍ୱୀକୃତିପ୍ରାପ୍ତ ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳଗୁଡିକର ସଭାପତିମାନଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଭୋଟର ତାଲିକା ୨୦୨୫ ର ଅନ୍ତିମ ପ୍ରକାଶନୀ ପ୍ରକାଶ ପାଇଥିଲା । ଉକ୍ତ ସଭାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଶ୍ରୀ ଆଦିତ୍ୟ ଗୋୟଲ, ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ଶ୍ରୀ ମହେନ୍ଦ୍ର ମହାପାତ୍ର, ଏ. ଡି.ଏମ. (ରାଜସ୍ୱ), ଶ୍ରୀମତୀ ମଧୁଛନ୍ଦା ସାହୁ ଏ. ଡି.ଏମ. (ସାଧାରଣ) ଉପସ୍ଥିତ ରହିଥିଲେ । ଏଥିରେ ବରଗଡ଼ ଜିଲ୍ଲାର ବିଭିନ୍ନ ନିର୍ବାଚନୀ ମଣ୍ଡଳୀର ଲିଙ୍ଗୀୟ ଅନୁପାତ ଓ ଭୋଟର-ଜନସଂଖ୍ୟା ଅନୁପାତ ମଧ୍ୟ ପ୍ରକାଶିତ ହୋଇଥିଲା । ପଦମପୁର ନିର୍ବାଚନୀ ମଣ୍ଡଳୀର ସମୁଦାୟ




ଭୋଟର ସଂଖ୍ୟା ୨୭୨୬୯୨ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୩୪୯୯୪, ମହିଳା ଭୋଟର ସଂଖ୍ୟା ୧୩୭୬୯୦ ଏବଂ ୮ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ବିଜେପୁର ନିର୍ବାଚନୀ ମଣ୍ଡଳୀର ସମୁଦାୟ ଜନସଂଖ୍ୟା ୨୪୩୮୧୪ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୨୨୯୭୭ , ମହିଳା ଭୋଟର ସଂଖ୍ୟା ୧୨୦୮୨୬ ଏବଂ ୧୧ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ବରଗଡ଼ ନିର୍ବାଚନୀ ମଣ୍ଡଳୀର ସମୁଦାୟ ଜନସଂଖ୍ୟା ୨୨୧୨୬୧ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୧୧୧୫୦, ମହିଳା ଭୋଟର ସଂଖ୍ୟା ୧୧୦୦୯୧ ଏବଂ ୨୦ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ଅତାବିରା (ଏସ. ସି.) ନିର୍ବାଚନୀ ମଣ୍ଡଳୀର ସମୁଦାୟ ଜନସଂଖ୍ୟା ୨୨୬୪୨୦ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୧୩୮୧୦, ମହିଳା ଭୋଟର ସଂଖ୍ୟା ୧୧୨୬୦୭ ଏବଂ ୩ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ଭଟଲି ନିର୍ବାଚନୀ ମଣ୍ଡଳୀର ସମୁଦାୟ ଜନସଂଖ୍ୟା ୨୩୩୫୬୭ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୧୮୬୧୨, ମହିଳା ଭୋଟର ସଂଖ୍ୟା ୧୧୪୯୫୩ ଏବଂ ୨ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ବରଗଡ଼ ଜିଲ୍ଲାର ସର୍ବମୋଟ ଭୋଟର ସଂଖ୍ୟା ୧୧୯୭୭୫୪ , ଯେଉଁଥିରେ ସମୁଦାୟ ପୁରୁଷ ସଂଖ୍ୟା ୬୦୧୫୪୩, ସମୁଦାୟ ମହିଳା ସଂଖ୍ୟା ୫୯୬୧୬୭ ଏବଂ ମୋଟ ୪୪ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି ।

# ସ୍କୁଲ ବାର୍ଷିକୋତ୍ସବରେ ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଗଞ୍ଜାମ,୬।୧(ସଂଚାର ବ୍ୟୁରୋ):** ସ୍କୁଲରେ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ବାହାରେ ଚାଲିଥିଲା ହଣାହଣି। ଦୁଇ ଯୁବକଙ୍କୁ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ। ଏପରି ଏକ ଘଟଣା ଗତକାଲି ସନ୍ଧ୍ୟାରେ । ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଗରେ ଘଟିଛି। ଗୁରୁତର ଦୁଇ ଯୁବକ କବିସୂର୍ଯ୍ୟନଗର ନୂଆଁସାହିର ସମୀର ବିଶ୍ୱାଳ ଓ ସତ୍ୟ ବିଶ୍ୱାଳ ହୋଇଥିବା ଜଣାପଡିଛି । ତେବେ ଉଭୟଙ୍କୁ କାହିଁକି ସଂଘବଦ୍ଧ ଆକ୍ରମଣ କରାଯାଇଛି ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ଗତକାଲି ସନ୍ଧ୍ୟାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଚାଲିଥିଲା। ଏହି ସମୟରେ ସ୍କୁଲରେ ପ୍ରବଳ ଗହଳି ଥିଲା। ଏହାସତ୍ତ୍ୱେ ବିଦ୍ୟାଳୟ ବାହାରେ ଦୁଇ ଯୁବକଙ୍କୁ ଖଣ୍ଡାରେ ଗୋଡ଼ାଇ



ଗୋଡ଼ାଇ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କବିସୂର୍ଯ୍ୟନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି । କାହିଁକି ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହେଲା, ଅଧିକ ଖୋଳତାଡ କରୁଛି କବିସୂର୍ଯ୍ୟନଗର ଥାନା ପୁଲିସ।

## ହଜି ଯାଉଛି କୌଳିକ ବୃତ୍ତି

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଅନଲାଇନ୍ ଜମାନାରେ ହଜି ଯାଉଛି ଜୋତା କାରିଗରଙ୍କ କୌଳିକ ବୃତ୍ତି । ଲୋକ ସ୍ଥାନୀୟ ଜୋତା କାରିଗରଙ୍କଠାରୁ ମୁହଁ ଫେରାଇ ଅନଲାଇନରେ ଜୋତା ମଗାଇବାକୁ ପସନ୍ଦ କରୁଛନ୍ତି । ଫଳରେ ଜୋତା କାରିଗରଙ୍କ କୁଳ ବେଉସା ବୁଡ଼ିବାକୁ ବସିଲାଣି । ସାହା ହେବ କି ପି.ଏମ୍. ବିଶ୍ୱକର୍ମା ଯୋଜନା । କନକ ନ୍ୟୁଜର ସ୍ପେଶାଲ ରିପୋର୍ଟ । କଟକର ଭୁଜଙ୍ଗ ଦାସ । ବାପାଅଜା ଅମଳରୁ ଜୋତା ତିଆରି ଓ ମରାମତି କରି ଘର ଚଳାଉଥିଲେ । ଏବେ ଏଇ ବେଉସା କିନ୍ତୁ ବୁଡ଼ିବାକୁ ବସିଲାଣି । ଘର ଚଳାଇବା ଓ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଅର୍ଥର ଅଭାବ ପଡୁଛି । ଏବେ ଜୋତା ଓ ଚପଲ ଅର୍ଡର ଦେଇ ବନାଇବା ତ ଦୂରର କଥା, ମରାମତି କରିବାକୁ ମଧ୍ୟ କେହି ଆସୁ ନାହାନ୍ତି ।

## ୯ରୁ ସୁକତେଲ ମହୋତ୍ସବ

**ବଲାଙ୍ଗିର,୬।୧(ସଂଚାର ବ୍ୟୁରୋ):** ବାନ୍ଧନଘୋର ରେ ଅନୁଷ୍ଠିତ ହେବ ଆସନ୍ତା ୯ ରୁ ୧୨ ତାରିଖ ଦ୍ୱିତୀୟ ବର୍ଷ ସୁକତେଲ ମହୋତ୍ସବ । ବଲାଙ୍ଗିର ସହରର ପାଟଣେଶ୍ୱରୀ ମନ୍ଦିର ଠାରେ ସର୍ବ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଲୋଗୋ କୁ ଉନ୍ମୋଚିତ କରିଥିଲେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ । ଏହି ଅବସରରେ ୪ ଦିନ ଧରି ଲୋକ ନୃତ୍ୟ, ଲୋକ ଗୀତ, ଲୋକ ନାଟକ ଅନୁଷ୍ଠିତ ହେବ ଯଦ୍ୱାରା ଲୋୟର ସୁକତେଲ ଅବବାହିକାରେ ଗଢ଼ିଉଠିଥିବା ସାହିତ୍ୟ ସଂସ୍କୃତି ର ପୁନରୁଦ୍ଧାର କରିବା ପାଇଁ ପ୍ରୟାସ ହେବ ବୋଲି ସୂଚନା ଦେଇଛନ୍ତି । କଳାକାର ସମାବେଶ ହେବ ଏବଂ ସଂସ୍କୃତି ସାହିତ୍ୟ ରେ ଗବେଷଣାରତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯିବ । ଆଜିର କାର୍ଯ୍ୟକ୍ରମରେ ସଭାପତି ବିଧୁଭୂଷଣ ସିଂଦେଓ ସଂଯୋଜନା କରିଥିବା ବେଳେ ପ୍ରଣୟ ଆନନ୍ଦ ତ୍ରିପାଠି, ମଳୟ ତ୍ରିପାଠି, ଶ୍ରିମୟ ତ୍ରିପାଠୀ, ଟିଙ୍କୁ ପ୍ରଧାନ, ମଧୁସୁଦନ ନାୟକ, ବ୍ୟାସଦେବ ପୁରୋହିତ, ପ୍ରହଲ୍ଲାଦ ଦର୍ଜି, ନରେନ୍ଦ୍ର କବାଟ, ମନୋରଂଜନ ପୁରୋହିତ, କଳା ସଙ୍ଗଠକ ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ବିଭୁକଲ୍ୟାଣ ଗଡତ୍ୟା, ଅଶୋକ ମେହେର, ଶ୍ରୀବାସ ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



**ଜଗତସିଂହପୁର,୬।୧(ସଂଚାର ବ୍ୟୁରୋ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୨ ଟି,ଜମିଜମା ସମସ୍ୟା ସମ୍ପର୍କୀୟ ୦୨ ଟି, ପେନସନ ପାଇବା ପାଇଁ ୩ ଟି, ପୋଲିସ ସହାୟତା ପାଇବା ପାଇଁ ୦୨ ଟି, ଏବଂ ଅନ୍ୟାନ୍ୟ ୨୪ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୧ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ଶ୍ରୀ ବିକାଶ କୁମାର ମହାନ୍ତି,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ପାଠପଢ଼ା ଛାଡ଼ି ରାସ୍ତାରେ ଛାତ୍ରଛାତ୍ରୀ

## ପରୀକ୍ଷା ଆଗରୁ ସାର୍‌ଙ୍କ ବଦଳିକୁ ବିରୋଧ

**ଗୋପ,୬।୧(ସଂଚାର ବ୍ୟୁରୋ):** ଋଷିପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଦଳି ବାତିଲି ଦାବିରେ ଛାତ୍ରଛାତ୍ରୀ ଓ ଅଭିଭାବକ ଦ୍ୱାରା ମାଧବ-ବାଲିଘାଇ ରାସ୍ତା ଅବରୋଧ। ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ୍ ଦାବିରେ ରାସ୍ତା ଅବରୋଧ କଲେ ଛାତ୍ରଛାତ୍ରୀ ଓ ଅଭିଭାବକ,ମାଧବ-ବାଲିଘାଇ ରାସ୍ତାର ଋଷିପଡା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ, ଦୀର୍ଘ ୨ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଛି ରାସ୍ତା ଅବରୋଧ, ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରୁଛନ୍ତି ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବ୍ରହ୍ମା, ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମାନ୍ଧାତାଙ୍କୁ ଶିକ୍ଷାନୁଷ୍ଠାନରୁ ବଦଳି କରାଯାଇଛି ଯାହାକୁ ନେଇ ଅଭିଭାବକ ମାନେ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ଅଭିଯୋଗ କରି ନିରାଶ ହୋଇ ଆଜି ଏପରି ଏକ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଆଜି ସ୍କୁଲ ଖୋଲିବା ମାତ୍ରେ ନୋଡାଲ ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ମୁଖ୍ୟ ରାସ୍ତାର ସ୍କୁଲ ସମ୍ମୁଖରେ ବସି ବିଭିନ୍ନ ସ୍ଲୋଗାନ ଦେଇ ପ୍ରତିବାଦ କରି ରାସ୍ତା ଅବରୋଧ କରିଥିଲେ ।

# ୯ ଜୁଆଡ଼ି ଗିରଫ, ୮୨ହଜାର ଟଙ୍କା ଜବତ୍




**ଟିଟିଲାଗଡ଼,୬।୧(ସଂଚାର ବ୍ୟୁରୋ):** ରାତି ଅନ୍ଧାର। ଶୂନ୍‌ଶାନ୍ ପରିବେଶରେ ପହାଡ ଉପରେ ଚାଲିଥିଲା ଜୁଆ ଖେଳ। ବାଜିରେ ଲାଗିଥିଲା ଟଙ୍କା ଓ ଜୁଆ ଖେଳରେ ମଜିଥିଲେ ଜୁଆଡି। ନୂଆବର୍ଷ ଅବସରରେ ଏପରି କାର୍ଯ୍ୟକ୍ରମ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ଅଞ୍ଚଳରେ ଚାଲିଥିଲା। ଜୁଆ ଖେଳ ସମ୍ପର୍କରେ ଖବର ପାଇ ଅଚାନକ୍ ଚଢ଼ଉ କରିଥିଲା ପୁଲିସ୍। ତା'ପରେ...। ରବିବାର ବିଳମ୍ବିତ ରାତିରେ କୁମୁଡ଼ା ପାହାଡରେ ଚାଲିଥିଲା ଜୁଆ ଖେଳ। ଜୁଆଡିମାନେ ଜୁଆ ଖେଳରେ ମାତିଥିଲେ। ଏ ସମ୍ପର୍କରେ ଟିଟିଲାଗଡ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ ଖବର ପାଇଥିଲେ। ତା'ପରେ ସଦଳବଳେ ଚଢ଼ଉ କରିଥିଲେ। ପୁଲିସ୍‌କୁ ଦେଖି ଜୁଆଡିମାନେ ଚମ୍ପଟ ମାରିଥିଲେ। ତେବେ ସେମାନଙ୍କ ଭିତରୁ ୯ ଜଣଙ୍କୁ ମାଡ଼ି ବସିଥିଲା ପୁଲିସ୍। ସେମାନଙ୍କଠାରୁ ନଗଦ ୮୨,୫୦୦ ଟଙ୍କା ଜବତ କରିଥିଲା। ଏଥିସହ ୨ଟି ବାଇକ୍ ଓ ୬ ଟି ମୋବାଇଲ ଫୋନ ଜବତ କରିଥିଲା। ଆଜି ୯ ଜୁଆଡିଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

# ରାତ୍ର ଜଗୁଆଳି ଓ ଝାଡୁଦାର ଶ୍ରମିକଙ୍କୁ ସର୍ବ ନିମ୍ନ ମଜୁରୀ ପ୍ରଦାନ କେବେ ?



**କଳାହାଣ୍ଡି,୬।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ସ୍ଥିତ ଅମଳା ଭବନଠାରେ ନିଖିଳ ଓଡିଶା ରାତ୍ର ଜଗୁଳିଆ ଝାଡୁଦାର ଶ୍ରମିକ କଳାହାଣ୍ଡି ସଂଘର ଏକ ଜରୁରୀ ବୈଠକ ବିରଞ୍ଚି ପ୍ରସାଦ ନାଏକଙ୍କ ଆହ୍ୱାନ ଓ ଲଳିତ ପାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ବର୍ତ୍ତମାନ ସୁଦ୍ଧା ଭାରତ ସ୍ୱାଧୀନ ହୋଇ ଆଜିକି ୭୫ ବର୍ଷ ପଦାର୍ପଣ କରିସାରିଥିବା ସତ୍ତ୍ୱେ ରାତ୍ର ଜଗୁଆଳି ଓ ଝାଡୁଦାରଙ୍କୁ ବର୍ତ୍ତମାନ ସରକାରୀ ଅନୁଦାନ ପ୍ରାପ୍ତ ହୋଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଏକ ନୂତନ କମିଟି ଗଠନ କରି ସର୍ବସମ୍ମତି କ୍ରମେ ଶ୍ରୀ କିଶୋର ବାଗ ସଭାପତି, ସମ୍ପାଦକ ଭାବରେ ବିରଞ୍ଚି ପ୍ରସାଦ ନାଏକ ଏବଂ କୋଷାଧ୍ୟକ୍ଷ ଭାବରେ ବିକାଶ ଦାସଙ୍କୁ ମନୋନୀତ ହୋଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସ୍ତରୀୟ ସାଧାରଣ ସଂପାଦକ ବିଦୂର କୁମାର, ସହସାଧାରଣ ସଂପାଦକ ସୁରେନ୍ଦ୍ର ଗୁରୁ ଏବଂ କୋଷାଧକ୍ଷ ଗଜାନନ୍ଦ ନାଗ ଉପସ୍ଥିତ ଥିଲେ ଓ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ବୈଠକରେ କଳାହାଣ୍ଡି ଜିଲ୍ଲା ୧୩ ଗୋଟି ବ୍ଲକର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ଓ ଏହି ପ୍ରମୁଖ ଦାବି ଗୁଡ଼ିକ ଉପସ୍ଥାପନ କରିଥିଲେ।

# ଶିକ୍ଷକ ସଙ୍ଘର ନବ ବର୍ଷ ଶୁଭେଚ୍ଛା



**ଯୋଡ଼ା,୬।୧(ସଂଚାର ବ୍ୟୁରୋ):** ଯୋଡ଼ା ବ୍ଲକ ଏନ. ପି. ଏସ. ଶିକ୍ଷକ ସଙ୍ଘ ତରଫରୁ ଯୋଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ରେ ସମସ୍ତ ସଙ୍ଘ କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀ ତରଫରୁ ଡ଼ି ଇ. ଓ, ଏ. ଡ଼ି. ଇ ଓ ଓ ସମସ୍ତ କର୍ମଚାରୀ ମାନଙ୍କୁ ନବ ବର୍ଷ ୨୦୨୫ପାଇଁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ କ୍ଷେତ୍ରମୋହନ ହାଁସଦା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ଶତପଥୀ, ଦିଲ୍ଲୀପ କୁମାର ବେହେରା ଓ ଡ଼ି. ଆର. ସି. ସି ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ସେଠି ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମଧ୍ୟ ନବ ବର୍ଷ ଶୁଭେଚ୍ଛା ପ୍ରଦାନ କରିବା ସହ ସେମାନଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ନୂତନ ଶିକ୍ଷା ବର୍ଷ ରେ ଛାତ୍ର ଛାତ୍ରୀ ମାନଙ୍କର ଶୈକ୍ଷିକ ଉନ୍ନତି ପାଇଁ ସମସ୍ତେ ନିରବଛିନ୍ନ ଉଦ୍ୟମ ଜାରି ରଖି ଯୋଡ଼ା ବ୍ଲକ ର ଶିକ୍ଷା ର ମାନ ବୃଦ୍ଧି କରି ବ୍ଲକ କୁ ଶୀର୍ଷ ସ୍ଥାନ ରେ ପହଂଚାଇବା ପାଇଁ ଡ଼ି. ଇ. ଓ ସମସ୍ତଙ୍କୁ ପରାମର୍ଶ ଦେବା ସହିତ ସମସ୍ତଙ୍କ ସହିତ ସୁ ସମ୍ପର୍କ ସ୍ଥାପନ ଓ କାର୍ଯ୍ୟାଳୟ ସହିତ ସର୍ବଦା ସହଯୋଗ ରକ୍ଷା କରି ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ସଙ୍ଘ ର ସଭାପତି ଧ୍ରୁବ ଚରଣ ପାତ୍ର, ସମ୍ପାଦକ ବସନ୍ତ କୁମାର ପୃଷ୍ଟି, ପୁନାଲ ପାତ୍ର,ରମାକାନ୍ତ ଓଝା, ଦୀନବନ୍ଧୁ ପତି, ଅଭିନନ୍ଦନ ମନ୍ତ୍ରୀ, ଲକ୍ଷ୍ମଣ ପାତ୍ର, ଆଦି କର୍ମ କର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ।

## ମହୋତ୍ସବର ୫ମ ସନ୍ଧ୍ୟାରେ ପାଇକ ଆଖଡାର କମାଲ



**ବୈଶିଙ୍ଗା,୬।୧(ସଂଚାର ବ୍ୟୁରୋ):** ତୃତୀୟ ବର୍ଷରେ ପଦାର୍ପଣ କରିଥିବା ବୈଶିଙ୍ଗା ମହୋତ୍ସବ ର ୫ମ ସନ୍ଧ୍ୟାରେ ଖୋର୍ଦ୍ଧା ର ପାଇକ ଆଖଡା ତାଙ୍କର ପାରମ୍ପରିକ ଢଙ୍ଗରେ ସାହସିକତା ର କାର୍ଯ୍ୟକ୍ରମ ପ୍ରଦର୍ଶନ କରାଇଥିଲେ । ସାନ୍ଧ୍ୟ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ମୁନିଲାଲ ଉଚ୍ଚ ବିଦ୍ୟାଳୟ,ପ୍ରିୟଂସୀ ରାଧେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଇକମା ଆଶ୍ରମ ବିଦ୍ୟାଳୟ, ସ୍ୱର୍ଣ୍ଣଲତା କଲେଜ ଅଫ୍ ମେଡିକାଲ ସାଇନସ୍, ସେଣ୍ଟ ମେରି ଓ ସେଣ୍ଟ ଜାଭିୟାର ପବ୍ଲିକ ସ୍କୁଲ ର କୁନି କୁନି ଛାତ୍ର/ଛାତ୍ରୀ ମାନେ ଗ୍ରୁପ୍ ଡ୍ୟାନ୍ସ ପରିବେଷଣ କରି ଦର୍ଶକ ମାନଙ୍କୁ ମନ ମୁଗ୍ଧ କରିଦେଇଥିଲେ।

# ୧୯୮୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ବେଗୁନିଆପଡା, ୬।୧ (ସଂଚାର ବ୍ୟୁରୋ):** ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଷଣ୍ଢମୂଳ ସ୍ଥିତ ଶ୍ରୀ ଶ୍ରୀ ତୁମ୍ବେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ତାଳସର ଉଚ୍ଚ ବିଦ୍ୟାଳୟର ୧୯୮୫ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ବ୍ୟାଚର ଛାତ୍ର ତଥା ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ନିଜର ଅନୁଭୂତି ବଖାଣିଥିଲେ। ପ୍ରାରମ୍ଭରେ ସଭାପତି ଶ୍ରୀ ବେହେରା ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷକ ରାଜେନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବ୍ୟାଚର ୬ ଜଣ ସହପାଠୀଙ୍କ ଅକାଳ ବିୟୋଗରେ ଦୁଃଖ ପ୍ରକାଶ କରାଯିବା ସହ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଚକ୍ରପାଣି ସ୍ୱାଇଁ, ନାରାୟଣ ଦାସ,ଭଗବାନ ସାହୁ, ସୁରେନ୍ଦ୍ର ମହାପାତ୍ର, ପ୍ରଦୀପ ସାହୁ, ହରିକୃଷ୍ଣ ସ୍ୱାଇଁ, ସୋମନାଥ ସାହୁ, ହରି ଭୂୟାଁ, ମୁରଲୀ ଭୂୟାଁ, ବନମାଳୀ ସେଠୀ, ବୀରେନ୍ଦ୍ର ସାହୁ, ବସନ୍ତ ସାହୁ, ପ୍ରମୋଦ ସ୍ୱାଇଁ, ମାଗୁଣି ଦୋରା, ମୁଦୁଲି ଦୋରା, ଲକ୍ଷ୍ମୀକାନ୍ତ ସାହୁ, ପ୍ରକାଶ ପଲେଇ ପ୍ରମୁଖ ଯୋଗ ଦେଇଥିଲେ।



# ଦୀର୍ଘଦିନ ବ୍ୟବଧାନ ପରେ ଅବକାରୀ ଚଢ଼ାଉ

**ଦାରିଙ୍ଗବାଡି,୬।୧(ସଂଚାର ବ୍ୟୁରୋ):** ଦୀର୍ଘଦିନ ବ୍ୟବଧାନ ପରେ ଦାରିଙ୍ଗବାଡି ଅବକାରୀ ବିଭାଗ ପକ୍ଷରୁ ଗ୍ରୀନବାଡି ପଞ୍ଚାୟତ ଅଞ୍ଚଳରେ ଚଢ଼ାଉ କରାଯାଇଛି। ଚୋରାମଦ କାରବାର ନେଇ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବରପାଇ ସୋମବାର ଏହି ଚଢ଼ାଉ କରିଥିଲା। ବିଭାଗର ଅଧିକାରୀ ପ୍ରକାଶଚନ୍ଦ୍ର ମଲିକଙ୍କ ନେତୃତ୍ୱରେ ଅନ୍ୟ ଅଧିକାରୀମାନେ ସଦଳବଳେ ଚଢ଼ାଉ କରିଥିଲେ। ଏହି ସମୟରେ ଚୋରା ମଦକାରବାରରେ ଲିପ୍ତଥିବା ବ୍ୟବସାୟୀମାନେ ମହୁଲ, ଗୁଡ଼ ଓ ଚିନିରେ ପ୍ରସ୍ତୁତ ହୋଇଥିବା ପୋଚକୁ ବିଭିନ୍ନ ସ୍ଥାନରେ ମାଟିତଳେ ପୋତି ଲୁଚାଇ ରଖିଥିଲେ। ବିଭାଗର କର୍ମଚାରୀମାନେ ମଦ ବ୍ୟବସାୟୀମାନେ ଲୁଚାଇ ରଖିଥିବା ପୋଚକୁ ମାଟିତଳୁ ବାହାର କରି ନଷ୍ଟ କରିଥିଲେ। ଏହି ସମୟରେ ୨ ଶହ ଦେଶୀ ଚୋରା ମଦ ଜବତ କରିବା ସହ ୩ ହଜାର ଲିଟର ପୋଚକୁ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀନଷ୍ଟ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି ବିଭାଗର ଅଧିକାରୀ ମଲିକ କହିଛନ୍ତି। ଏହି ଚଢ଼ାଉରେ ବିଭାଗର ଏଏସ୍‌ଆଇ ନିରଞ୍ଜନ ବେହେରା, କନେଷ୍ଟବଳ କଂଗ୍ରେସ ବେହେରା ପ୍ରମୁଖ ସାମିଲ ହୋଇଥିଲେ।